

ଆଇପିଏଲ୍ ନିଲାମୀ: ଗ୍ରୀନ୍ ସବୁଠୁ ଦାମୀ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-171 ♦WEDNESDAY ♦17 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୭୧ ♦ବୁଧବାର ♦୧୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## 'ମନରେଗା'ର ନାମ ପରିବର୍ତ୍ତନ

# ସଂସଦରେ ହଙ୍ଗାମା



■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା ସ୍କିମର ନାମ ବଦଳାଇବାକୁ ନେଇ ବିରୋଧୀ ଦଳ ଆଜି ସଂସଦ ଭିତରେ ଓ ବାହାରେ ପ୍ରବଳ ହଙ୍ଗାମା

### ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନକୁ ସହିବୁ ନାହିଁ: ବିରୋଧୀ

### ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୋଦୀ ସରକାର: ମନ୍ତ୍ରୀ

### ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ

କରିଛନ୍ତି। ଏହା ବଦଳରେ ଆସିବାକୁ ଥିବା ନୂଆ ସ୍କିମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ଆଜୀବିକା ମିଶନ୍ (ଗ୍ରାମୀଣ) 'ଭିବି ଜି ରାମ୍ ଜି' କରାଯାଇଥିବାରୁ ସେମାନେ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ଜାତିର ପିତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଆଜି ଲୋକସଭାରେ ସରକାର ଏସଂକ୍ରାନ୍ତ ବିଲ୍ ଆଗତ କରିବା ମାତ୍ରେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ବିଲ୍ ଆଗତ କରିବା ସହିତ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ ଯେ ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶ୍ୱାସ କରିବା ସହିତ ଏହାର ଅନୁକରଣ ମଧ୍ୟ କରୁଛନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ସରକାର ଯାହା କରିଥିଲେ ତାଠାରୁ ଅଧିକ ବିକାଶ କରିଛନ୍ତି ମୋଦୀ ସରକାର। କିନ୍ତୁ ବିରୋଧୀ ଦଳର ସଭ୍ୟମାନେ କିଛି ଶୁଣିନଥିଲେ। ସେମାନେ ଏହାର ଦୃଢ଼ ବିରୋଧ କରିବା ସହିତ ଅଧିକ ତର୍ଜମା ପାଇଁ ସଂସଦୀୟ କମିଟିକୁ ପଠାଇବା ଲାଗି ଦାବି କରିଥିଲେ। ସେମାନେ ହାତରେ ଗାନ୍ଧୀଙ୍କ ଫଟୋ ଧରି ସରକାରଙ୍କ ନୂଆ ଉଦ୍ୟମର ପ୍ରତିବାଦ କରିଥିଲେ।

ଏହାପରେ ବିରୋଧୀ ଦଳର ସଭ୍ୟମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ଧାରଣା ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଡିଏମକେର ଟିଆର ବାଲୁ, ▶ପୃଷ୍ଠା-୭

# ଅଲୋଡ଼ା ରେକର୍ଡ: 'ଟଙ୍କା'ର ଅବମୂଲ୍ୟାୟନ ସର୍ବାଧିକ

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା 'ଟଙ୍କା'। କାରଣ 'ଟଙ୍କା' ମୂଲ୍ୟରେ ଅବମୂଲ୍ୟାୟନ ଧାରା ଜାରି ରହିଛି। ଫଳରେ ଏହି ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୧ ଟଙ୍କା ସ୍ତର ଟପିଛି। ଏମିତିକି ଭାରତୀୟ ଟଙ୍କା ଚଳିତ ବର୍ଷ ଏସିଆରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଜାନୁଆରୀରୁ ଡିସେମ୍ବର ୧୫ ମଧ୍ୟରେ ଟଙ୍କା ମୂଲ୍ୟରେ ସର୍ବାଧିକ ୬ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି।

## ୧ ଡଲାର୍ = ୯୧.୦୭ ଟଙ୍କା



### ବର୍ଷକରେ ଟଙ୍କା ମୂଲ୍ୟ ୬%ରୁ ଅଧିକ ଖସିଛି

ତେବେ ଏଥିରେ କୌତୂହଳର ବିଷୟ ହେଉଛି ଯେ, ପଡୋଶୀ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଶ୍ରୀଲଙ୍କା ମୁଦ୍ରା ତୁଳନାରେ ମଧ୍ୟ ଟଙ୍କା ୨୦୨୫ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଅର୍ଥାତ୍ ୨୦୨୫ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି।

ଭାରତର ରପ୍ତାନି ସହ ପ୍ରତିଯୋଗିତା କରୁଥିବା ପ୍ରମୁଖ ଏସୀୟ ଦେଶଗୁଡ଼ିକର ମୁଦ୍ରା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଭାରତୀୟ ଟଙ୍କା, ଭିଏତନାମ୍‌ର ଡଙ୍ଗ ଏବଂ ଇଣ୍ଡୋନେସିଆନ୍ ରୁପିୟା ଚଳିତ ବର୍ଷ ଡଲାର ତୁଳନାରେ ଅଧିକ ହ୍ରାସ ଘଟିଛି। ଅପରପକ୍ଷେ ଦକ୍ଷିଣ କୋରିଆର ମୁଦ୍ରା ୱାନ୍ ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଥିବାବେଳେ, ଚୀନ୍‌ର ୟୁଆନ୍, ସିଙ୍ଗାପୁର ଡଲାର, ଥାଇ ବାଟ ଏବଂ ମାଲେସିଆର ରିଙ୍ଗିଟ୍ର ସ୍ଥିତି ସୁଦୃଢ଼ ହୋଇଛି। ତେବେ ଯଦି ଆମେ ▶ପୃଷ୍ଠା-୭

## ଧଉଳି ଗଣଦୁଷ୍କର୍ମ: ଜୋକର ହାପିର ପତ୍ତା ପାଉନି ପୁଲିସ

### ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ ସଦସ୍ୟା

■ ଭୁବନେଶ୍ୱର, ୧୬।୧୨ (ସମିସ): ଦିନ ଯେତିକି ଗଡୁଛି ଧଉଳି ଗଣଦୁଷ୍କର୍ମ ଗୁମରର କଳା କାହାଣୀ ଧୀରେଧୀରେ ଖୋଲିବାରେ ଲାଗିଛି। ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଲୁଟପାଟ କରାଯିବା ସହ ଗଣ ଦୁଷ୍କର୍ମ କରାଗଲା। ଏପରିକି ଗଣଦୁଷ୍କର୍ମର ଭିଡ଼ିଓ ରେକର୍ଡିଂ କରାଗଲା, ପୁଲିସରେ ଅଭିଯୋଗ କଲେ ଭିଡ଼ିଓ ଭାଇରାଲ କରାଯିବାକୁ ଧମକ ଦିଆଗଲା। ଏହି ବୀଭତ୍ସ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଅନୁରୂପ ଭାବରେ ଘଟଣାକୁ ସମସ୍ତେ ନିନ୍ଦା କରୁଥିବାବେଳେ ଜଣେ ମହିଳା ଆଇଏଏସ୍ ଅଧିକାରୀ ମଧ୍ୟ ଏହି ▶ପୃଷ୍ଠା-୭

**ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୁଲିସ ନାରାଜ**

## ସୀମା ଟପୁଛି ଅରାଜକତା: ନବୀନ



**ବିଶ୍ୱସନୀୟତା ହରାଉଛନ୍ତି ରାଜ୍ୟର ବିଜେପି ସରକାର**

**ସମ୍ବେଦନହୀନ ଆଚରଣ ସରକାରଙ୍କ ଅପାରଗତା ଦର୍ଶାଉଛି**

■ ଭୁବନେଶ୍ୱର, ୧୬।୧୨ (ସମିସ): ଧଉଳିରେ ଜନୈକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବା ପରି ବିଷୟ। ରାଜ୍ୟରେ ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟରେ ଅପରାଧୀ ଭୟଶୂନ୍ୟ ହେଉଛନ୍ତି, ▶ପୃଷ୍ଠା-୭

**କାଳ ହେଲା ଘନ କୁହୁଡ଼ି; ୮ ବସ-୩ କାର୍ ଧକ୍କା**

## ୧୩ ଜୀବନ୍ତ ଦଗ୍ଧ; ୭୦ ଆହତ



■ ମଥୁରା, ୧୬।୧୨ (ଏଜେନ୍ସି): ଘନ କୁହୁଡ଼ି ଯୋଗୁଁ ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସୱେରେ ମଙ୍ଗଳବାର ବଡ଼ି ଭୋରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବଳଦେବ ଥାନା କ୍ଷେତ୍ରର ୧୨୭ ମାଇଲଷ୍ଟୋନ ନିକଟରେ ୮ ବସ୍ ଏବଂ ୩ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିଯୋଗୁଁ ଗାଡ଼ି ଗୁଡ଼ିକରେ ନିଆଁ ଲାଗି ବିଜେପି ନେତାଙ୍କ ସମେତ ୧୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୭୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ଏକ୍ସପ୍ରେସୱେକୁ ଘନ କୁହୁଡ଼ି ▶ପୃଷ୍ଠା-୭


KHIMJI TRUST SINCE 1936

KHIMJI® JEWELLERS SINCE 1936

90 YEARS OF KHIMJI LEGACY

ARRIVING @ JAJPUR ROAD

GRAND OPENING

20TH DECEMBER, 12 PM ONWARDS

BESIDE PANKAJ HOTEL, BANK STREET ROAD




11th SHOWROOM IN ODISHA | SPREAD ACROSS 6000 SQFT | JAJPUR ROAD'S ONLY ONE STOP JEWELLERY DESTINATION

90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road
BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JHARSUGUDA: Sarbahal Road, Marwari Para
PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

Follow us on: | 1800 3131 777 | Khimjijewellers.com

# ୨ ଦିନ ଘନ କୁହୁଡ଼ି

ଭୁବନେଶ୍ୱର,୧୬ ।୧୨(ସମିସ): ରାଜ୍ୟରେ ଶୀତର ପ୍ରଭାବ ଜାରି ରହିଛି । ଉପକୂଳ ଅପେକ୍ଷା ଆଭ୍ୟନ୍ତରରେ ଅପେକ୍ଷାକୃତ ଶୀତର ପ୍ରଭାବ ଅଧିକ ରହିଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ । ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ରାଜ୍ୟରେ ଗତ ଦୁଇଦିନ ହେବ ଶୀତ ସାମାନ୍ୟ କମ୍ ରହିଥିବା ବେଳେ ଆଭ୍ୟନ୍ତରୀଣ

■ ସତର୍କ କରାଇଲା ପାଣିପାଗ କେନ୍ଦ୍ର
■ ୭ ଦିନ ଯାଏ ଶୀତରୁ ନିସ୍ତାର ନାହିଁ

ଓଡ଼ିଶାର ଅନେକ ସ୍ଥାନରେ ଏବେ ବି ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ କମ୍ ରହିଛି । ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଛି । ଏଠାରେ ତାପମାତ୍ରା ୫.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଫୁଲବାଣୀରେ ୭ ଡିଗ୍ରୀ ସହ ବୌଦ୍ଧରେ ୯.୫, ଝାରସୁଗୁଡ଼ାରେ ୯.୮ ଓ ନବରଙ୍ଗପୁରରେ ତାପମାତ୍ରା ୮.୮ ଡିଗ୍ରୀ ରେକର୍ଡ ହୋଇଛି । ଅନ୍ୟପଟେ ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ନେଇ ଆଶଙ୍କା କରାଯାଇଛି । କିଛି ସ୍ଥାନରେ ଦୃଶ୍ୟମାନ ଦୂରତା କମିଯିବାର ଆଶଙ୍କା ଥିବା ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି । ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଅନ୍ୟପଟେ, ଗତ ୨୪ ଘଣ୍ଟାରେ ୫ଟି ସ୍ଥାନରେ ଘନକୁହୁଡ଼ି ପରିଲିକ୍ଷିତ ହୋଇଥିବା ବେଳେ ରାଉରକେଲାରେ ମାତ୍ରାଧିକ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି ।

# ୩୪ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି,୧୬ ।୧୨(ସମିସ): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ୩୪ଜଣ ମାଓବାଦୀ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି । ଏଥିରେ ୭ଜଣ ମହିଳା କ୍ୟାଡର୍ ଏବଂ ୨୭ ଜଣ ପୁରୁଷ ମାଓବାଦୀ ଅଛନ୍ତି । ଏମାନଙ୍କ ନାମରେ ଅନେକ ମାମଲା ରହିଥିବା ବେଳେ ପୂର୍ବରୁ ସରକାରଙ୍କ ପକ୍ଷରୁ ଏହି ୩୪ ମାଓବାଦୀଙ୍କ ଉପରେ ମୋଟ ୮୪ଲକ୍ଷର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ମାଓ ସଂଗଠନର ଡିକେଏସଜେଡସି, ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଏଓବି ଡିଭିଜନର ମାଓବାଦୀମାନେ ଏହି ଆତ୍ମ ସମର୍ପଣରେ ସାମିଲ ଅଛନ୍ତି । ସରକାରୀ ନୀତି ଅନୁଯାୟୀ ଏହି ସମସ୍ତ ମାଓବାଦୀଙ୍କୁ ୫୦ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ଓ ସିଆରପିଏଫ ଡିଆଇଜି ବିଏସ୍ ନେଗୀଙ୍କ ଉପସ୍ଥିତିରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି ।

# ନିଷ୍କ୍ରିୟ ସମବାୟ ସମିତିକୁ ପୁନରୁଦ୍ଧାର ପ୍ରସଙ୍ଗରେ ରୁଜୁ ମାମଲା ହାଇକୋର୍ଟରେ ଖାରଜ

କଟକ, ୧୬ ।୧୨(ସମିସ): ନିଷ୍କ୍ରିୟ ତଥା ରୁଗ୍ଣ ସମବାୟ ସମିତିକୁ ସକ୍ରିୟ ତଥା ପୁନରୁଦ୍ଧାର କରିବାକୁ ପ୍ରାର୍ଥନା କରି ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ନିଷ୍କ୍ରିୟ ସମିତିକୁ ପୁନରୁଦ୍ଧାର ସରକାରଙ୍କ ନୀତି ଅନ୍ତର୍ଗତ ବୋଲି ହାଇକୋର୍ଟ କହିବା ସହ ମାମଲା ଶୁଣାଣିକୁ ଅଗ୍ରାହ୍ୟ କରିଦେଇଛନ୍ତି । ପରମେଶ୍ୱର ଦାଶଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲା ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ସମବାୟ ଆଇନର ଧାରା ୪୦ ଅନୁସାରେ ନିଷ୍କ୍ରିୟ ସମିତିକୁ ସକ୍ରିୟ କରିବା ପାଇଁ ସରକାର ବାଧ୍ୟ ନୁହନ୍ତି । ଯେଉଁ ସମିତିଗୁଡ଼ିକ ଲିକ୍ୱିଡେଟ୍ ହେଇଯାଇଛନ୍ତି, ସେମାନେ ଧାରା-୭୩ ଅନୁସାରେ ଅପିଲ କରିପାରିବେ । ଏଣୁ ଏଭଳି ପିଟିସନ୍ ଭିତ୍ତିହୀନ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା । ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।

ମାମଲାରୁ ପ୍ରକାଶ ଯେ, ଓସିଏସ୍ ଆଇନର ଧାରା-୪୦ ଅନୁଯାୟୀ ସୁପ୍ତ ସମବାୟ ସମିତିଗୁଡ଼ିକର ପୁନରୁଦ୍ଧାର ଏବଂ ଜନସାଧାରଣଙ୍କ ବୃହତ୍ତର ହିତ ପାଇଁ ସମସ୍ତ ଆରଏମସିର ଆଇନଗତ କାର୍ଯ୍ୟ । ଗତ ପ୍ରାୟ ୨୫ବର୍ଷ ମଧ୍ୟରେ କୃଷି ସମବାୟ ସମିତି ବ୍ୟତୀତ ଅନ୍ୟ ସମସ୍ତ ସମବାୟ ସମିତିଗୁଡ଼ିକ ନିୟମିତ ମାସିକ ତଦାରଖ ଅଭାବ ଓ ଭୁଲ୍ ପରିଚାଳନା ଯୋଗୁଁ ନିଷ୍କ୍ରିୟ ହୋଇପଡ଼ିଛି । ପ୍ରାଥମିକ କାର୍ଡ ବ୍ୟାଙ୍କସ୍ତରରେ ୧୬୪ କୋଟି ଟଙ୍କା ଏବଂ ପ୍ରାଥମିକ ଗୃହ ନିର୍ମାଣ ସମବାୟ ସମିତିସ୍ତରରେ ୪୦ କୋଟି ଟଙ୍କା ଋଣ ବକେୟା ଅସନ୍ତୁଳିତ ହୋଇ ରହିଛି । ଏଣୁ ରୁଗ୍ଣ ସମବାୟ ସମିତିଗୁଡ଼ିକ ପୁନରୁଦ୍ଧାର କରିବାକୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା ।

■ ଟୋକନରେ ଧାନବିକ୍ରି ପରିମାଣ କମାଯିବାକୁ ଚାଲେଞ୍ଜ

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୬ ।୧୨(ସମିସ): ଏବେ ଖରିଫ ଧାନ କ୍ରୟକୁ ନେଇ ବିଭିନ୍ନ ସ୍ଥାନରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଚାଷୀଙ୍କୁ ଦିଆଯାଉଥିବା ଟୋକନ୍‌ରେ ଧାନ ବିକ୍ରି ପରିମାଣକୁ ବେଆଇନ ଭାବେ ହ୍ରାସ କରାଯାଉଥିବା ପ୍ରସଙ୍ଗକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି । ଏହି ମାମଲାକୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଏହାସହ ସମ୍ପୃକ୍ତ ସମବାୟ ସମିତିକୁ ନୋଟିସ୍ ଜାରି କରିଛନ୍ତି । ଜଗନ୍ନାଥ ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ରାମକୃଷ୍ଣ ଖମାରୀ ଓ ଅନ୍ୟ ୧୧ଜଣ ଚାଷୀଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଆବେଦନକାରୀ ବାଲେଶ୍ୱର ଜିଲ୍ଲା ମହାଗାବ ସେବା ସମିତିରେ ଧାନ ବିକିବେ । କିନ୍ତୁ ସେମାନଙ୍କୁ ମିଳିଥିବା ଟୋକନରେ ଧାନ ବିକ୍ରି ପରିମାଣ ଗତ ଥର ୩୦ କ୍ୱିଣ୍ଟାଲ ଥିବା ବେଳେ ଏବର୍ଷ ତାହାକୁ ୮ କ୍ୱିଣ୍ଟାଲକୁ ବେଆଇନ ଭାବେ କମାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ସନ୍ଦେହରେ ଥିବା ପ୍ଲଟଗୁଡ଼ିକୁ ସାଟେଲାଇଟ୍ ସର୍ଭେ ଜରିଆରେ ଚିହ୍ନଟ କରୁଛନ୍ତି । ସନ୍ଦେହରେ ଥିବା ପ୍ଲଟ୍ ପାଇଁ ଆବେଦନକାରୀଙ୍କ ଟୋକନରେ ଧାନ ବିକ୍ରି ପରିମାଣ କମାଇ ଦିଆଯାଇଥିଲା । ସାଟେଲାଇଟ୍ ସର୍ଭେରେ ସନ୍ଦେହଘେରକୁ ଆସୁଥିବା ପ୍ଲଟ୍‌ଗୁଡ଼ିକର କ୍ଷେତ୍ର ସର୍ଭେ କରିବାର ନିୟମ ଥିବା ବେଳେ ଏହା ନ କରି ମନଇଚ୍ଛା ଟୋକନରେ ଧାନ ବିକ୍ରି ପରିମାଣ ହ୍ରାସ କରାଯିବା ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

**ଅଗଷ୍ଟ ୧୫ ଜାତୀୟ ପତାକା ଅସମ୍ମାନ ଘଟଣା**

# ଦୁଇଜଣଙ୍କୁ ୨ବର୍ଷ ଲେଖାଏଁ ଜେଲ୍

ରାଜନଗର, ୧୬।୧୨ (ସମିସ): ୨୦୦୪ ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାର ରାୟ ଦୀର୍ଘ ୨୧ ବର୍ଷ ପରେ ଆଜି ପ୍ରକାଶ ପାଇଛି । ଏହି ଘଟଣାରେ ରାୟ ଆସିବା ବେଳକୁ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି । ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଦୁଇବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲେ, ଏସ୍.କେ ଆଇବୁଉଦିନ ଓ ଏସ୍.କେ ନାସିରୁଦ୍ଦିନ । ଅନ୍ୟତମ ଅଭିଯୁକ୍ତ ଏସ୍.କେ ମଇଉଦ୍ଦିନଙ୍କ ମୃତ୍ୟୁ ହୋଇସାରିଛି । ସେହିପରି ୩ଜଣ ମହିଳାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ରାଜନଗର ଜେଏମ୍‌ଏଫ୍‌ସିର ନ୍ୟାୟଧୀଶ ଶିବାନୀ ମିଶ୍ର ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି । ରାଜନଗର ବ୍ଲକ୍ କୃଷ୍ଣନଗର ପଞ୍ଚାୟତ କନକନଗର ବୀଣାପାଣି ପ୍ରାଥମିକ ବିଦ୍ୟାଳୟରେ ୨୦୦୪ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସକାଳ ସାଢ଼େ ୭ଟାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସରିବା ପରେ ହଠାତ୍ ବିଦ୍ୟାଳୟ କ୍ୟାମ୍ପସକୁ ୬ଜଣ ପ୍ରବେଶ କରିଥିଲେ । ପ୍ରଧାନଶିକ୍ଷକଙ୍କୁ ପତାକା ଉତ୍ତୋଳନ ହୋଇଥିବା ବାଉଁଶ ଉପାଡ଼ିବାକୁ କହିଥିଲେ । ପ୍ରଧାନ ଶିକ୍ଷକ ଏହା ନ କରିବାରୁ ଅଭିଯୁକ୍ତମାନେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପତାକା ଲାଗିଥିବା ବାଉଁଶ ଉପାଡ଼ି ଫିଙ୍ଗିବା ସହ ଜାତୀୟ ପତାକାକୁ ଗୋଡ଼ରେ ଦଳି ଦେଇଥିଲେ । ଏହି ଘଟଣା ଜାତୀୟସ୍ତରରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ବିଦ୍ୟାଳୟର ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଏହି ମାମଲା ପରିଚାଳନା କରୁଥିଲେ ।

# ୨୦ କୋଟି ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୧୬।୧୨(ସମିସ): ନିବେଶ ଆଳରେ ୨୦ କୋଟି ଟଙ୍କା ଠକିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) କେନ୍ଦୁଝରଜିଲା ଆନନ୍ଦପୁର ଥାନା ଅଞ୍ଚଳରର ଚନ୍ଦ୍ରଶେଖର ସାହୁ ଓ ତାଙ୍କ ପତ୍ନୀ ଝରଣା ସାହୁଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିଛି । ଶୁକ୍ରବାର ଗ୍ରେଟର ନୋଇଡା ଅଞ୍ଚଳର ଗୌତମବୁଦ୍ଧ ନଗରରୁ ଏହି ଠକ ଦମ୍ପତିଙ୍କୁ ଇଓଡ଼ବ୍ଲ୍ୟୁ ଗିରଫ କରାଯାଇଥିବା । ସୂଚନା ଦେଇଛି ପୁଲିସ । ଉଭୟଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି । ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଉଭୟଙ୍କୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି । ଅଭିଯୁକ୍ତଦ୍ୱୟଙ୍କ ଠାରୁ ମାମଲା ସମ୍ପର୍କିତ ବହୁ କାଗଜପତ୍ର ଜବତ କରାଯାଇଛି । ଘଟଣାରେ ଇଓଡବ୍ଲ୍ୟୁ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ତାଳଚେରସ୍ଥିତ ଏମ୍‌ସିଏଲ୍ , କର୍ମଚାରୀ ଜୟନ୍ତ ମିଶ୍ର ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ । ଚନ୍ଦ୍ରଶେଖରଙ୍କ କମ୍ପାନୀରେ ୨୦୨୪ ଫେବୃଆରୀ ଯାଏ ସେ ୧ କୋଟି ୫ ଲକ୍ଷ ଟଙ୍କା ନିବେଶ କରି ଆଉ ପାଇ ନ ଥିଲା । ଜୟନ୍ତଙ୍କ ଏତଲାକ୍ରମେ ଇଓଡବ୍ଲୁ ଡିସେମ୍ବର ୮ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରୁ ଜଣାପଡିଥିଲା ଚନ୍ଦ୍ରଶେଖର ପୂର୍ବରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ । ପରେ ଚାକିରି ଛାଡି ୨୦୨୧ରେ ନିଜ କମ୍ପାନୀ ଏମ୍/ଏସ ଇଭୋରିଚ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିଃ ଖୋଲିଥିଲେ । ସ୍ତ୍ରୀ ଝରଣା କମ୍ପାନୀର ଡିରେକ୍ଟର ରଖିବା ସହ ନିଜେ ପରିଚାଳନା ନିର୍ଦ୍ଦେଶକ



ହୋଇଥିଲେ । ପରେ ଭୁବନେଶ୍ୱର ପଟିଆରେ ଅନ୍ୟ ଏକ ଅଫିସ୍ ଖୋଲିଥିଲେ । କମ୍ପାନୀର ବିଭିନ୍ନ ଯୋଜନାରେ ଟଙ୍କା ନିବେଶ କରିବାକୁ ଏହି ଦମ୍ପତି ଲୋକମାନଙ୍କୁ ପ୍ରଲୋଭିତ କରିଥିଲେ । ୩୦ ମାସରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ରିଏଲ୍ ଇଷ୍ଟେଟ୍, ରିଟେଲ୍ ମାର୍ଟ, ଓ ହୋଟେଲ ବ୍ୟବସାୟ ଆଦିରେ ଟଙ୍କା ନିବେଶ ହେବ ବୋଲି କହିଥିଲେ । ଅଭିଯୁକ୍ତଦ୍ୱୟଙ୍କ କଥାରେ ପଡି କେବଳ ଓଡ଼ିଶା ସମେତ ବେଙ୍ଗାଲୁରୁ, ମାଡ୍ରାସ୍, ଦିଲ୍ଲୀ ଆଦିର ଲୋକମାନେ ନିବେଶ କରିଥିଲେ ପ୍ରଥମ କିଛି ମାସ ନିବେଶକାରୀଙ୍କୁ ଲାଭ ଟଙ୍କ ଦେଇ କମ୍ପାନୀ ଅଫିସକୁ ବନ୍ଦ କରି ଠକ ଦମ୍ପତି ଫେରାର ହୋଇଯାଇଥିଲେ । ଚନ୍ଦ୍ରଶେଖର କମ୍ପାନୀରେ ନିବେଶ ବ୍ୟତୀତ ଅନ୍ୟାନ୍ୟ କମ୍ପାନୀରେ ସେୟାର ଟ୍ରେଡିଂ ନାଁରେ ମଧ୍ୟ ଟଙ୍କା ନେଇଥିଲେ ଅଭିଯୁକ୍ତମାନେ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ନେଇଯାଇଥିଲେ । ଏହିଭଳି ଭାବେ ପ୍ରାୟ ୧୦୦ ଜଣ ନିବେଶକକାରୀ ମୋଟ ୨୦ କୋଟି ଟଙ୍କା ହରାଇଥିବା ଅଭିଯୋଗ ହୋଇଥିଲା ।

# ଜେଲ୍‌ଫେରନ୍ତାକୁ ଏନ୍‌କାଉଣ୍ଟର୍

## ଦୁର୍ଦ୍ଦାନ୍ତ ବୁଦ୍ଧିଆ ଘାଇଲା; ଗୋଡ଼ରେ ବାଜିଛି ଗୁଳି

ଭଦ୍ରକ, ୧୬।୧୨ (ସମିସ): ଭଦ୍ରକ ଟାଉନ୍ ଥାନା ଅଧୀନ ଚରମ୍ପା ମାଲଗୋଦାମ ନିକଟରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଦାନ୍ତ ଅପରାଧୀ କମଳାକାନ୍ତ ଦାସ ଓରଫ୍ ବୁଦ୍ଧିଆ ଘାଇଲା ହୋଇଛି । ଆଜି ସକାଳେ ଭଦ୍ରକ ଟାଉନ୍ ପୁଲିସ

■ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି କରିଥିଲା
■ ରାଜ୍ୟ ଓ ରାଜ୍ୟ ବାହାରେ ଅଛି ଏକାଧିକ ଅପରାଧିକ ମାମଲା

ତାକୁ ଏନ୍‌କାଉଣ୍ଟର୍ କରିଛି । ତା' ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଛି । ପୁଲିସ ତାକୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବୁଦ୍ଧିଆ ଜଣେ ପେସାଦାର ଅପରାଧୀ । ବହୁ ସଙ୍ଗିନ୍ ଅପରାଧରେ ସେ ଜଡ଼ିତ । ୨ଦିନ ତଳେ ସେ ମୂଳିସିଂହ ଜେଲ୍‌ରୁ ବାହାରିଥିଲା । ତା' ନିକଟରୁ ବ୍ୟବହୃତ ବନ୍ଧୁକକୁ ପୁଲିସ ଜବତ କରିଛି ବୋଲି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି ।

ପୁଲିସ ସୂଚନାନୁଯାୟୀ, ବୁଦ୍ଧିଆର ଘର ବାଲେଶ୍ୱର ଜିଲ୍ଲା ସୋର ତୁଡ଼ିଗଡ଼ିଆ ଅଞ୍ଚଳରେ । ୨ଦିନ ତଳେ ସେ ଜେଲ୍‌ରୁ ବାହାରିବା ପରେ ଭଦ୍ରକ ବଜାରରେ ଥିବା ଏକ ସୁନା ଦୋକାନ ଲୁଟ୍ କରିବାକୁ ବୁଦ୍ଧିଆ ଯୋଜନା କରୁଥିବା ନେଇ ପୁଲିସ ଆଗୁଆ ଖବର ପାଇଥିଲା । ଲୁଟ୍ ପାଇଁ ଚରମ୍ପା ଅଞ୍ଚଳରେ ଏକ ନମ୍ବର ବିହୀନ କଳା ପଲ୍‌ସରରେ ସେ ଯାଉଥିବା ବେଳେ ପୁଲିସ ପିଛା କରିଥିଲା । ଏହି ସମୟରେ ସେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା ।



ଜବାବରେ ପୁଲିସ୍ ତାକୁ ଏନ୍‌କାଉଣ୍ଟର୍ କରିଥିଲା । ବୁଦ୍ଧିଆ ନାମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଅଧିକ ଲୁଟ୍, ଡକାୟତି, ଗୁଳିକାଣ୍ଡ ଭଳି ଜଘନ୍ୟ ଅପରାଧିକ ମାମଲା ରହିଛି । ଏପରିକି, ମୁମ୍ବଇ, ବେଙ୍ଗାଲୁରୁ ଓ ବିହାରରେ ସେ ଡକାୟତି ଗ୍ୟାଙ୍ଗ୍‌ରେ ସକ୍ରିୟ ଥିଲା ବୋଲି କୁହାଯାଉଛି । ବୁଦ୍ଧିଆର ଜଣେ ଭିଣୋଇ ତା'ର ଏହି ଅପରାଧିକ ମାମଲାରେ ସହଯୋଗ କରୁଛି ବୋଲି ସୂଚନା ମିଳିଛି । ପୁଲିସ ତାକୁ ତଦନ୍ତ ପରିସରକୁ ଆଣିବ ବୋଲି ଏସ୍‌ପି ମନୋଜ ରାଉତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

# ବାଘଛାଲ ଜବତ; ୩ ଗିରଫ



ହରଭଙ୍ଗା, ୧୬ ।୧୨(ସମିସ): ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ଫରେଷ୍ଟ ରେଞ୍ଜର କୋଲୋନୀ ସାହି ଛକ ନିକଟରୁ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ପୁରୁଣାକଟକ ଥାନା ବଦଲାଗ୍ରାମର ଜୟ ନାୟକ(୫୧), ବାରିଙ୍ଗ ଗ୍ରାମର ପ୍ରେମ କୁମାର ଦୀପ(୩୫) ଏବଂ ମାଧପୁର କୋଲୋନୀସାହର ବିଶିକେଶନ କହଁର(୫୦) । ସୋମବାର ବିଳମ୍ବିତ ରାତିରେ ମାଧପୁରସ୍ଥିତ କୋଲୋନୀ ସାହି ଛକ ନିକଟରେ ଜୟ ଏକ ଜରି ବସ୍ତାରେ ଗୋଟିଏ ବାଘଛାଲ ଧରି ଅନ୍ୟ ଦୁଇ ସହଯୋଗୀ ସହ ମିଶି ବିକ୍ରି ପାଇଁ ମସୁଧା ଚଳାଇଥିଲେ । ସୂଚନା ପାଇ ବନ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଏବଂ ମାଧପୁର ବନ ବିଭାଗ ମିଳିତ ଭାବେ ସେଠାରେ ଚଢ଼ଉ କରିଥିଲା । ଏହି ଘଟଣାରେ ମାଧପୁର ଫରେଷ୍ଟ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି ବୋଲି ରେଞ୍ଜ ଅଫିସର୍ ଆଶିକ ଦିଗାଲ ସୂଚନା ଦେଇଛନ୍ତି । ଫରେଷ୍ଟର୍ ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ମଞ୍ଜୁଲତା ସାହୁ, ଗୀତା ଏକ୍କା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ ।

# କୋର୍ଟ ପରିସରରେ ମଦ ପିଇ କଏଦୀ ଗୁରୁତର

କୋଦଳା, ୧୬ ।୧୨(ସମିସ): ମାମଲାର ଶୁଣାଣି ପାଇଁ ପୁଲିସ ସୁରକ୍ଷାରେ ଜେଲ୍‌ରୁ କୋର୍ଟକୁ ଆସିଥିବା ଜଣେ ହତ୍ୟା ଅଭିଯୁକ୍ତ ମଦ ପିଇ ଗୁରୁତର ହେବା ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ କୋର୍ଟ ପରିସରରେ ଆଜି ଏହି ଅଭାବନୀୟ ଘଟଣା ଘଟିଛି । ଅଭିଯୁକ୍ତଜଣଙ୍କ ହେଲା, ଗଞ୍ଜାମ ପୁରୁଷୋତ୍ତମପୁର ଥାନା ସିକୁଳା ଗ୍ରାମର ଅଭିଯୁକ୍ତ ନିରଞ୍ଜନ ମହାରଣା । ପ୍ରଚୁର ମଦ୍ୟପାନ ଯୋଗୁଁ ନିରଞ୍ଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।



ସେଠାରେ ତାଙ୍କୁ ବାନ୍ତି କରିବା ପାଇଁ ଔଷଧ ଦିଆଯିବା ସହ ଚିକିତ୍ସା କରାଯାଇଥିଲା । ପୁଲିସ ଉପସ୍ଥିତିରେ ନିରଞ୍ଜନ କେଉଁଠୁ ମଦ ଆଣି ପିଇଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସୂଚନାନୁଯାୟୀ, ନିରଞ୍ଜନ ଏକ ହତ୍ୟା ଅଭିଯୋଗରେ କୋଦଳା ଉପ-କାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି । ଆଜି ଖଲ୍ଲିକୋଟ କୋର୍ଟରେ ତାଙ୍କର ମାମଲାର ଶୁଣାଣି ଥିଲା । ପୁଲିସ ସୁରକ୍ଷା ବଳୟରେ ତାଙ୍କୁ କୋର୍ଟକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା । ପ୍ରଚୁର ମଦ୍ୟପାନ ଯୋଗୁଁ ତାଙ୍କର ଏପରି ଅବସ୍ଥା ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ବାନ୍ତି କରିବା ପାଇଁ ଔଷଧ ଦିଆଯିବା ସହ ଚିକିତ୍ସା କରାଯାଇଥିଲା । ତେବେ କୋଦଳା ଉପ-କାରାଗାର ଅଧ୍ୟକ୍ଷଙ୍କୁ ପଚାରିବାରୁ ମଦ ପିଇବା ଘଟଣାକୁ ସେ ଏଡ଼ାଇ ଦେଇଛନ୍ତି । ଏହାର ତଦନ୍ତ କରି ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଇଛି । ସେପଟେ ଅଭିଯୁକ୍ତଙ୍କୁ ନେଇଥିବା ପୁଲିସ ଏସ୍କର୍ଟ କର୍ମଚାରୀମାନଙ୍କୁ ପଚରାଉଚରା କରାଯିବାକୁ ଦାବି ହୋଇଛି ।

# ମୋକିମଙ୍କ ଚିଠି ଲେଖିଛନ୍ତି ବିଜେପି ନେତା: ଭକ୍ତ

ଭୁବନେଶ୍ୱର,୧୬ ।୧୨(ସମିସ): ଦିଲ୍ଲୀରୁ ଫେରି କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ବିମାନବନ୍ଦରରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି ଯେ ମୋକିମଙ୍କ ଚିଠି ପଛରେ ବିଜେପିର ଡ୍ରାଫ୍ଟ ରହିଛି । ମୋକିମ ବାବୁ ଥରେ ଦଳରୁ ବହିଷ୍କୃତ ହୋଇଥିଲେ, ଏହାର



■ ସୋଫିଆ ତାଙ୍କ ଭବିଷ୍ୟତ ସିଏ ସ୍ଥିର କରିବେ
■ ନେତୃତ୍ୱ ନେଲେ ସବୁ ସହିବାକୁ ପଡ଼ିବ: ଜୟଦେବ ଜେନା

କାରଣ ମୁଁ କହିବି ନାହିଁ । ମୁଁ ପ୍ରଚାର କମିଟି ଅଧ୍ୟକ୍ଷ ହେଲା ପରେ ସେ ଦଳ ପାଇଁ ଆସେଟ ହେବେ ଭାବି ତାଙ୍କୁ ଫେରାଇ ଆଣିଥିଲି । ହେଲେ ସେ ସୋନିଆ ଗାନ୍ଧୀଙ୍କୁ ଯେଉଁ ଚିଠି ଲେଖିଛନ୍ତି, ତାହା ସେ ନିଜେ ଲେଖିଲା ପରି ଲାଗୁନି । ଏହି ଚିଠିରେ ୩-୪ଟି ବିନ୍ଦୁରେ ରାଷ୍ଟ୍ରୀୟ ଦଳର ମାର୍ଗଦର୍ଶକ ଓ ନେତୃତ୍ୱକୁ ପ୍ରଶ୍ନ କରାଯାଇଛି । ଲାଗୁଛି ଯେମିତି ଏହି ଚିଠିଟି ବିଜେପିର ବଡ଼ ନେତୃତ୍ୱ ଡ୍ରାଫ୍ଟ କରିଛନ୍ତି । ପରିସ୍ଥିତିରେ ପଡ଼ି ସେ ଚିଠିରେ ଦସ୍ତଖତ କରି ପଠାଇଥିବେ । ତାଙ୍କୁ ପରିପ୍ରକାଶ କରିବା ପାଇଁ ବାଧ କରାଯାଇ ପାରିଥାଏ ବୋଲି ଭକ୍ତ କହିଛନ୍ତି । ଅନ୍ୟପଟେ ମୋକିମଙ୍କ ନୂଆ ଦଳ ଗଢ଼ିବା ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ, ସେ ଯେଉଁ ରାଜନୈତିକ ପଦକ୍ଷେପ ନେବେ ମୁଁ ଶୁଭକାମନା ଜଣାଉଛି । ଏହାସହିତ କଂଗ୍ରେସ ବିଧାୟିକା ତଥା ମୋକିମଙ୍କ ଝିଅ ସୋଫିଆ ଫିରଦୋସଙ୍କ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ, ସୋଫିଆ ଜଣେ ଉଦୀୟମାନ ଝିଅ । ତାଙ୍କ ଭବିଷ୍ୟତ ସିଏ ସ୍ଥିର କରିବେ । ଆମର ଆଶୀର୍ବାଦ ତାଙ୍କ ଉପରେ ଅଛି ।

ଅନ୍ୟପଟେ ମୋକିମଙ୍କ ବହିଷ୍କାରକୁ ନେଇ ଏବେ ବି କଂଗ୍ରେସରେ ନେତାଙ୍କ ମଧ୍ୟରେ ଚର୍ଚ୍ଚା ଜାରି ରହିଛି । ଆଜି ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରତିକ୍ରିୟା ଦେଇ ନେତୃତ୍ୱ ନେଲେ ସବୁ ସହିବାକୁ ପଡ଼ିବ ବୋଲି କହିଛନ୍ତି । ସେ କହିଛନ୍ତି, ପିସିସି ସଭାପତି ହେଲେ ବହୁତ କିଛି ସହିବାକୁ ହେବ । ସମସ୍ତଙ୍କ କଥା ଶୁଣିବାକୁ ହେବ । ଅତି ବିଶୃଙ୍ଖଳା ନହେଲେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ନୁହେଁ । ମୋକିମ ଯଦି ମଲ୍ଲିକାର୍ଜୁନ ଖଡ୍‌ଗେ କି ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇ ନଥାନ୍ତେ ତେବେ ଆଜି ଏପରି ପରିସ୍ଥିତି ହୋଇ ନଥାନ୍ତା । ମୁଁ ପିସିସି ସଭାପତି ଥିବା ବେଳେ ବହୁତ ନିର୍ଯାତନା ସହିଛି । ଅନେକ ବିଷକୁ ପିଇ ଦେଇଛି । ମୋକିମଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଅଛି । ଦଳ ପୁନର୍ବିଚାର କଲେ ସେ ପୁଣି ଫେରି ଆସିବେ । ସେ କଂଗ୍ରେସରେ ଅଛନ୍ତି ବୋଲି ଆଜି ବି ଦାବି କରିଛନ୍ତି । ସବୁ ମଣିଷର ସ୍ୱତନ୍ତ୍ର ପରିଚୟ ରହିଛି । ହାଇକମାଣ୍ଡ ଓ ତାଙ୍କ ଭିତରେ ଦୂରତା ହୋଇଯାଇଥିବାରୁ ସେ ତାଙ୍କ କଥା ଠିକ୍ ସେ ରଖି ପାରିଲେ ନାହିଁ । ଭକ୍ତ ଦାସ ତାଙ୍କ ତରିକାରେ ନେତୃତ୍ୱ ନେଉଛନ୍ତି । ଯାହା ଘଟିଛି ତାହା କଂଗ୍ରେସ ପାଇଁ ଦୁର୍ଘଟଣା ବୋଲି ଶ୍ରୀ ଜେନା କହିଛନ୍ତି ।

**ମନ୍ତ୍ରୀ, ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ତେଜୁଛି ଅସନ୍ତୋଷ**

# ସୁଭଦ୍ରାରେ ଦିନକୁ ୨୭ ଟଙ୍କା, ବିଧାୟକଙ୍କୁ ଦିନକୁ ୧୨ ହଜାର

ଭୁବନେଶ୍ୱର,୧୬ ।୧୨(ସମିସ): ରାଜ୍ୟରେ ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ଜନ ଆନ୍ଦୋଳନ ତେଜିବାରେ ଲାଗିଛି । ସୋମବାର ସିପିଆଇ(ଏମ୍) ରାଜ୍ୟପାଳଙ୍କୁ ଭେଟି ଏହି ବିଲ୍ ଫେରାଇ ଦେବାକୁ ଦାବି କରିଥିବା ବେଳେ ଆଜି ଆଉ କେତେକ ସଂଗଠନ ଏହି ବିଲ୍ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି । ମଙ୍ଗଳବାର ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ପୂର୍ବାହ୍ନ ୧୦.୩୦ ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଉପଲକ୍ଷେ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକଠାରେ ପହଞ୍ଚିବା ପରେ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବକ୍ତବ୍ୟ ରଖି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓଡ଼ିଶା ବିଧାନସଭାରେ ତରବରିଆ ଭାବେ ଏବଂ ସର୍ବସମ୍ମତିକ୍ରମେ ବିଧାୟକ ମନ୍ତ୍ରୀମାନଙ୍କର ଦରମା, ଭତ୍ତା ଓ ପେନସନକୁ ଯେଉଭଳି ଭାବେ ୩ ଗୁଣ ବୃଦ୍ଧି କଲେ ତାକୁ ତୀବ୍ର ନିନ୍ଦା କରିବା ସହିତ ଏହି ଜନ ବିରୋଧୀ ବିଲ୍‌କୁ ରାଜ୍ୟପାଳ ତୁରନ୍ତ ମଞ୍ଜୁରୀ ପ୍ରଦାନ ନ

■ ସିପିଆଇ, ବିକେଏମ୍ୟୁ ଓ ନବନିର୍ମାଣ ସଂଗଠନର ପ୍ରତିବାଦ
■ ବିଲ୍‌କୁ ଫେରେଇ ଦେବାକୁ ରାଜ୍ୟପାଳଙ୍କ ନିକଟରେ ଦାବି

କରି ଫେରାଇ ଦେବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ବିଧାନସଭାରେ ଧାନ ସଂଗ୍ରହ, ନିଯୁକ୍ତି, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ନିଷ୍ପତ୍ତି ନେବା ପରିବର୍ତ୍ତେ ନିଜ ଦରମା ଓ ଭତ୍ତାକୁ ୩ଗୁଣ ବଢ଼ାଇଦେବା ସାଧାରଣ ଲୋକଙ୍କୁ ବିସ୍ମିତ କରିଥିବା କହିଛନ୍ତି । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦିନକୁ ସରକାର ୨୭ଟଙ୍କା ଦେଉଛନ୍ତି, ମାତ୍ର ବିଧାୟକମାନଙ୍କୁ ଦିନକୁ ୧୨ ହଜାର ଟଙ୍କା ମିଳୁଛି । ଏହା କି ପ୍ରକାର ଲୋକ ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ଏହି ନିଷ୍ପତ୍ତିର ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନ ରାଜ୍ୟ ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି । ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଭୁବନେଶ୍ୱର ଲୋୟର ପିଏମଜିରେ ଯୋଗଦେଇ ବିକ୍ଷୋଭ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେଇଛନ୍ତି । ସଂଗଠନ ପକ୍ଷରୁ କୁହାଯାଇଛି, ପୂରା ଦେଶ ଉପରେ ୧୮୧ ଲକ୍ଷ କୋଟି ଏବଂ ଓଡିଶା ଉପରେ ୧ଲକ୍ଷ ୨୬ ହଜାର ୭୯୯ କୋଟି ଋଣ ରହିଛି । ମା' ଗର୍ଭରୁ ଜନ୍ମ ହେଉଥିବା ନବଜାତ ଶିଶୁ ପ୍ରତି ମୁଣ୍ଡ ପିଛା ୨୬,୯୭୮ ଟଙ୍କା ଋଣ ଥିବା ବେଳେ ଲୋକପ୍ରତିନିଧିମାନେ ଦିନକୁ ସାଢେ ୧୧ ହଜାର ଟଙ୍କା ନେଇଯିବା ଆଇନଗତ ଭାବେ ରାଷ୍ଟ୍ରଦ୍ରୋହ ଅନ୍ତର୍ଭୁକ୍ତ । ରାଜ୍ୟରେ ଆଜି ବି ଜଣେ ସାଧାରଣ ମଣିଷ ଟି ଦିନକୁ ୫୦୬ ଟଙ୍କା ରୋଜଗାର କରୁଥିବା ବେଳେ ଜନପ୍ରତିନିଧି ଜଣଙ୍କ ରାଜ୍ୟ ତହବିଲରୁ ଦିନକୁ ସାଢେ ୧୧ ହଜାର ଟଙ୍କା ନେଇଯିବା ଆଇନଗତ ଭାବରେ ଦେଶଦ୍ରୋହୀର ତାଲିକାର ଅନ୍ତର୍ଭୁକ୍ତ ନୁହେଁ କି ବୋଲି ସଂଗଠନ ପ୍ରଶ୍ନ କରିଛି । ତେଣୁ ରାଜ୍ୟପାଳ ଏହି ବିଲ୍‌କୁ ରଦ୍ଦ କରିବା ପାଇଁ ବିକ୍ଷୋଭ କରିବା ସହ ସଂଗଠନ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

ଓଡ଼ିଶା ଫାର୍ମା ସମ୍ମିଳନୀ

# ଆସନ୍ତା କିଛି ବର୍ଷରେ ଫାର୍ମା କ୍ଷେତ୍ରରେ ଓଡ଼ିଶା ନୂତନ ଶିଖର ଛୁଇଁବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ସମିସ): ଓଡ଼ିଶା ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋ-ସିଷ୍ଟମ୍ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ

- ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଖୋର୍ଦ୍ଧାଠାରେ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ

ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ୍ୟ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ। ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତମାନର ଉପକରଣ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ-ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ। ମଙ୍ଗଳବାର ସ୍ଥାନୀୟ ହୋଟେଲ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଆଜିଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ପାଇଁ ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।




ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ଶିଳ୍ପନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇଛି। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମା ଟପିଛି ଧାନ କିଣାରେ ଅବ୍ୟବସ୍ଥା

ଭୁବନେଶ୍ୱର,୧୬।୧୨(ସମିସ): ଧାନ ଉଠାଣ ନେଇ ସାରା ରାଜ୍ୟରେ ଦେଖା ଦେଇଛି ଅବ୍ୟବସ୍ଥା। ସରକାର ମଣ୍ଡି ଖୋଲିଥିବା ଘୋଷଣା କରିଥିବା ବେଳେ ବିଭିନ୍ନ ଜିଲ୍ଲାରେ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କେଉଁଠି ଚାଷୀଙ୍କଠାରୁ ଧାନ କିଣା ଯାଉ ନାହିଁ ତ କେଉଁଠି ଟୋକନ୍ ଆସୁ ନ ଥିବାରୁ ଚାଷୀ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛି। ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି ଉପକୂଳ ପର୍ଯ୍ୟନ୍ତ ଚାଷୀଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସମ୍ବଲପୁରରେ ଚାଷୀମାନେ ରାସ୍ତାରେ ଧାନ ବିକ୍ରି କରି ସେମାନଙ୍କ ପ୍ରତି ଅବିଚାରର ପ୍ରତିବାଦ କରିଛନ୍ତି, ଜଗତସିଂହପୁରରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି। ଏ ସବୁ ଭିତରେ ଭିନ୍ନ ଭିନ୍ନ ବିଭାଗର ମନ୍ତ୍ରୀମାନେ ମନ ଇଚ୍ଛା ବୟାନ ଦେବା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି।

ସମ୍ବଲପୁରରେ ଟୋକନ୍ ମିଳୁ ନ ଥିବାରୁ ଚାଷୀମାନଙ୍କ ପ୍ରତିବାଦ ଜାରି ରହିଛି। ଏହି ସମସ୍ୟାକୁ ବିରୋଧ କରି ଆସନ୍ତା ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ଚାଷୀମାନେ ଖୋଲାରେ ଧାନ ବିକ୍ରି କରି ନିଆରା ପ୍ରତିବାଦ କରିଛନ୍ତି। ଅନ୍ୟପଟେ ଚାଷୀଙ୍କ ଦ୍ୱାରା ଚାଲି ଆସୁଥିବା ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ସରକାର ଏବେ ଏହି ଘଟଣା ପାଇଁ ବିରୋଧୀଙ୍କୁ ଦାୟୀ କରିଛନ୍ତି। ମଙ୍ଗଳବାର

- ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳୁନି ଟୋକନ
- ପଶ୍ଚିମରୁ ଉପକୂଳ ସବୁଠାରେ ଅସନ୍ତୋଷ
- ୧୯ରେ ସମ୍ବଲପୁରରେ ବଡ଼ ଆନ୍ଦୋଳନ
- ଅବ୍ୟବସ୍ଥା ପାଇଁ ବିରୋଧୀ ଦାୟୀ: ମନ୍ତ୍ରୀ

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିଜ ଦୋଷ ଖସାଇଦେବାକୁ ଉଦ୍ୟମ କରିବା ସହ ବିରୋଧୀ ତିଳକୁ ତାଳ କରୁଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେମିତି ବଡ଼ ଆନ୍ଦୋଳନ କେଉଁଠି ନାହିଁ। ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇ ମନିଟରିଂ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୭ ଟି ଜିଲ୍ଲାରେ ମଣ୍ଡି ଖୋଲିଛି। ବରଗଡ଼ରେ ୬୪ ହଜାର ୬୫୨ ଟନ ଧାନ ଉଠା ଯାଇଛି। ବଲାଙ୍ଗୀରରେ ୧୫୭ ଟନ, କଳାହାଣ୍ଡିରେ ୧୧ ହଜାର ୪୮୬, ନୂଆପଡାରେ ୭ ହଜାର ୭୨୭ ଟନ,ସମ୍ବଲପୁରରେ ୬୯ ହଜାର ୯୭୦ ଟନ ଧାନ ଉଠିଛି। ସୋନପୁର ଓ ସୁନ୍ଦରଗଡ଼ରେ ସବୁ ଧାନ ଉଠି ସାରିଛି। କିଛି ସ୍ଥାନରେ ଟୋକନ ପହଁଚିନଥିବାରୁ ଆନ୍ଦୋଳନ ହେଉଛି ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ସରକାର ସତ କହୁଛନ୍ତି କି ଚାଷୀ ସତ କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସମ୍ବଲପୁର ଜିଲ୍ଲାରେ ଧାନ ମଣ୍ଡି ଓ ଟୋକନ ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ କହିବା କଥା ହେଲା, ମଣ୍ଡିରେ ଅବ୍ୟବସ୍ଥା ଓ ଟୋକନ ନମିଳିବା କାରଣରୁ ସେମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଦୁଇ ଦୁଇ ଥର ରାଜରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ପ୍ରଶାସନର ଟାଳଟୁଳ ନୀତିରେ ଅସନ୍ତୁଷ୍ଟ ହୋଇ ଚାଷୀ ସଂଗଠନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୧୯ ତାରିଖ ଦିନ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଯଦି ଯଥାଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ଚାଷୀମାନେ କଡ଼ା ନିନ୍ଦା କରିଛନ୍ତି। ମନ୍ତ୍ରୀ କହିଥିଲେ ସରକାର ଚାଷୀଙ୍କଠୁ ନିର୍ଦ୍ଧାରିତ ଧାନ ଉଠାଇବେ। ଟୋକନ ପାଇନଥିବା ଚାଷୀଙ୍କୁ ଟୋକନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଟୋକନ ବାଦ ଧାନ ବଳିଲେ, ଚାଷୀ ଖୋଲା ବଜାରରେ ବିକି ଦେବାକୁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ବୟାନକୁ ଆଧାର କରି ଆଜି ସମ୍ବଲପୁରରେ ଚାଷୀ ପ୍ରତିବାଦ କରିବା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ଖୋଲା ମାର୍କେଟରେ ଧାନ ବିକିଛନ୍ତି।

## ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦ ହେବ ଡିଏଲ୍, ଆର୍‌ସି

କଟକ,୧୬।୧୨(ସମିସ): ବାରମ୍ବାର ସଡ଼କ ନିୟମ ଉଲ୍ଲଙ୍ଘନକାରୀ ତଥା ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)। ଏହି କ୍ରମରେ ମୋଟର ଯାନ ଆଇନ ୧୯୮୮, କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯, ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ଏବଂ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଯେଉଁ ଗାଡ଼ି ଚାଳକ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିବେ, ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା

**ଆରଟିଓମାନଙ୍କୁ ଏସଟିଏ ଜାରି କଲା ନିର୍ଦ୍ଦେଶାବଳୀ**

ଘଟାଇବେ, ମୋଟରଯାନ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସହ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଓ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର( ଆରସି ) ନିଲମ୍ବନ ଓ ରଦ୍ଦ କରିବାକୁ ଆରଟିଓମାନେ ପଦକ୍ଷେପ ନେବେ ବୋଲି କୁହାଯାଇଛି। ଏହି ସର୍କୁଲାର ଜରିଆରେ ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଡ଼କ ପାଇଁ ଅନୁପଯୁକ୍ତ ଗାଡ଼ିମାନଙ୍କ ଫିଟନେସ୍ ବାତିଲ କରିବା ଦିଗରେ ଏମଭିଆଇମାନେ ପଦକ୍ଷେପ ଗ୍ରହଣ କରିବେ। ଏହାର ସଠିକ କାର୍ଯ୍ୟକାରିତା ପାଇଁ ଏହି ସର୍କୁଲାର ଜାରି କରାଯାଇଛି ବୋଲି ଏସଟିଏ ପକ୍ଷରୁ କୁହାଯାଇଛି।

ଓମସାର ଚେତାବନୀ

# ଜାନୁଆରୀରୁ ଓପିଡି ସେବା ବନ୍ଦ

ଭୁବନେଶ୍ୱର, ୧୬।୧୨ (ସମିସ): ୧୮ ଦଫା ଦାବି ପୂରଣ ନହେଲେ ଆସନ୍ତା ଜାନୁଆରୀ ମାସରୁ ସମ୍ପୂର୍ଣ୍ଣ ଭାବେ ଓପିଡି (ବହିଃ ବିଭାଗ) ସେବା ବନ୍ଦ କରିବାକୁ ଚେତାବନୀ ଦେଇଛି ଓମସା। ଏନେଇ ଓମସା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଓମସା ସୂଚନା ଅନୁଯାୟୀ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ ଓମସାର ୭୦ତମ ବାର୍ଷିକ ସମ୍ମିଳନୀ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଓମସାର ନ୍ୟାଯ୍ୟ ଦାବିକୁ ସହୃଦୟତାର ସହ ବିଚାର କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ କୌଣସି ଦାବି ପୂରଣ ହୋଇପାରିଲା ନାହିଁ। ଏକବର୍ଷ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ସହ ସଂଘ ବହୁଥର ଆଲୋଚନା କରିଥିଲେ ହେଁ ଏଥିରୁ ସୁଫଳ ମିଳିପାରି ନାହିଁ। ତେଣୁ ବାଧ୍ୟ ହୋଇ ଓମସା କ୍ୟାଡର୍ ଆସନ୍ତା ୨୬ ତାରିଖରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଯଦି ସରକାର ଦାବି ନଶୁଣନ୍ତି, ଜାନୁଆରୀରୁ ସମ୍ପୂର୍ଣ୍ଣ ଭାବେ ଓପିଡି କାର୍ଯ୍ୟ ବନ୍ଦ କରାଯିବ। କାର୍ଯ୍ୟ ବନ୍ଦ ତାରିଖ ଓମସାର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ପରିଷଦ ସ୍ଥିର କରିବ ବୋଲି ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ଗାଦି ଛାଡ଼ନ୍ତୁ: ବିଜେଡି

ଭୁବନେଶ୍ୱର, ୧୬।୧୨(ସମିସ): ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧଉଳି ଗଣଦୁଷ୍କର୍ମ ଘଟଣାରୁ ଏହା ପୁଣିଥରେ ସାବ୍ୟସ୍ତ ହୋଇଛି। ତେଣୁ ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ଦାବି କରିଛି ବିଜେଡି। ଅପରପକ୍ଷେ ଏହି ପ୍ରସଙ୍ଗରେ ରାଜ୍ୟ ମହିଳା କମିସନ ସଦସ୍ୟଙ୍କ ମନ୍ତବ୍ୟକୁ ମଧ୍ୟ ଦଳ କଡ଼ା ନିନ୍ଦା କରିଛି। ଉଲ୍ଲେଖଯୋଗ୍ୟ, ମହିଳା କମିସନ୍ କହିଛନ୍ତି ଯେ ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା।



- ଗତ ୧୮ ମାସର ବିଜେପି ଶାସନରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ
- ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥାଇ ବି ସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗୁଡୁଛି

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ସମୟରେ ୪୦ହଜାରରୁ ଅଧିକ ନାରୀ ନିର୍ଯାତନା/ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ିଯିବା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଉଛି।

ରାଜ୍ୟର ମହିଳା କମିସନ୍ ସଦସ୍ୟା ଉର୍ମିଳା ମହାପାତ୍ର ଆଜି ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ମା' ମାନେ ଏଭଳି ଜାଗାକୁ ଝିଅ ମାନଙ୍କୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ। ଏହାର ଅର୍ଥ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅସମର୍ଥ ବୋଲି ସେ ସ୍ୱୀକାର କରିଛନ୍ତି। ଯଦି ରାଜ୍ୟର ବିଜେପି ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ଶ୍ରୀମତି ଛୁରିଆ ଦାବି କରିଛନ୍ତି।

# ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର

ସୋର, ୧୬।୧୨ (ସମିସ): ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ବାଲିକିତିରଣ ଖେଳ ପଡ଼ିଆ ନିକଟରେ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବାଉଁଶ ବୁଦାମୂଳରେ ୩/୪ଟି କୁକୁର ଏକ ନବଜାତ ମୃତ ଶିଶୁକୁ ଝୁଣି ଖାଉଥିବା ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ବିଭିନ୍ନ ଅଂଶକୁ ଜବତ କରି ଗାଁ ପଡ଼ିଆରେ ପୋତିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ଆଶାକର୍ମୀଙ୍କୁ ଡାକି ଏ ବାବଦରେ ପଚରାଉଚରା କରିବା ସହ ଆଖପାଖ ଅଞ୍ଚଳରେ କୌଣସି ଶିଶୁ ନିକଟ ଅତୀତରେ ଜନ୍ମ ହୋଇନଥିବା ଜଣାପଡ଼ିଥିଲା। ମଙ୍ଗଳବାର ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ତଥା ବାହାନଗା ବ୍ଲକ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଗାତରୁ ଶିଶୁ ଶରୀରର ଉକ୍ତ ଅଂଶକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ୯୬ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜର୍‌ରେ ରଖାଯିବ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଦୁର୍ଘଟଣାରେ ଦମ୍ପତି ମୃତ

ଯଖପୁରା/ଦାନଗଦି, ୧୬।୧୧(ସମିସ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ମାସର ଏକ ଶିଶୁପୁତ୍ର ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜନ୍ମେଜୟ ଦଳାଇ (୨୯) ଓ ପତ୍ନୀ ବୈଶାଳୀ ଦଳାଇ (୨୩)। ଦୁହେଁ ନିଜ ଶିଶୁପୁତ୍ର ସହ କବାଟବନ୍ଧ ଡାକ୍ତରଖାନାରୁ ଫେରୁଥିବା ବେଳେ ବ୍ରାହ୍ମଣୀ ବ୍ରିଜ୍ ଓ ପଙ୍କପାଳ ମଧ୍ୟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଜୟଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟଲୋକେ ଗୁରୁତର ବୈଶାଳୀ ଏବଂ ତାଙ୍କ ପୁଅକୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ସେଠାରେ ବୈଶାଳୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା।

# ତକତପୁର ରାଜ୍ୟର ପ୍ରଥମ ଜେନ୍-ଜେଡ୍ ଡାକଘର

ବାରିପଦା, ୧୬।୧୨(ସମିସ): ମୟୂରଭଞ୍ଜ ଡାକମଣ୍ଡଳ ଅଧୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତକତପୁର ଉପ-ଡାକଘରକୁ ରାଜ୍ୟର ପ୍ରଥମ 'ଜେନ୍ ଜେଡ୍' ଡାକଘର ରୂପେ ଘୋଷଣା କରାଯାଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ନିର୍ମଳଜିତ ସିଂ ଆଜି ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉପଡାକଘର କାନ୍ଥରେ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଛଉ, ଝୁମର, ଟେରାକୋଟା, ସବାଇ ଘାସ ସହ ଆଧୁନିକତା ଓ ଶୈକ୍ଷିକ ଆଧାରିତ ବିଭିନ୍ନ ବିଷୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି। ଡାକଘର ପରିସରରେ ମାଗଣା ୱାଇଫାଇ ଜୋନ୍ ଉପଲବ୍ଧ ହେଉଥିବା ବେଳେ କ୍ୟୁଆର୍-କୋଡ୍ ମାଧ୍ୟମରେ ପାର୍ସଲ୍ ବୁକିଂ ଓ ସ୍ପିଡ୍ ପୋଷ୍ଟ ସମେତ ବିଭିନ୍ନ ଅତ୍ୟାଧୁନିକ ସୁବିଧା



ସୁଯୋଗର ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଡାକଘରେ ଚା' କଫିର ବ୍ୟବସ୍ଥା ସହ ଖବରକାଗଜ ଓ ମାଗାଜିନ୍ ମଧ୍ୟ ଉପଲବ୍ଧ ରହିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିଲେ। ଏହି ଉପଡାକଘରଟି ରାଜ୍ୟର ପ୍ରଥମ 'ଜେନ ଜେଡ' ଡାକଘର ରୂପେ ଘୋଷିତ ହୋଇଥିବାରୁ ମୁଖ୍ୟ ମହାଡାକପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

ମୟୂରଭଞ୍ଜ ଡାକମଣ୍ଡଳ ଅଧୀକ୍ଷକ ଭାଗ୍ୟଧର ଦାସ, ଉପ-ଅଧୀକ୍ଷକ ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକମଣ୍ଡଳର ସମସ୍ତ ଉପମଣ୍ଡଳ ଅଧିକାରୀ, ଡାକମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

# ରାଜ୍ୟରେ ୭୫ ବାଂଲାଦେଶୀ ଚିହ୍ନଟ, ୪୯ ଜଣଙ୍କୁ ଦେଶାନ୍ତର

କଟକ,୧୬।୧୨(ସମିସ): ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଗୁଇନ୍ଦା ନିର୍ଦ୍ଦେଶକ ଆର.ପି କୋଚେଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ସେହିପରି, ସନ୍ଦେହରେ ଜାଲ୍ ଭାରତୀୟ ପାସପୋର୍ଟ ହାସଲ କରିଥିବା ଗଞ୍ଜାମ ଓ କନ୍ଧମାଳରୁ ଚିହ୍ନଟ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ୨୨୫୯ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା ବେଳେ ଏଥିରୁ ୨୧୭୬ ଭାରତୀୟ ବୋଲି ଜଣାପଡ଼ିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରାପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ୟୁପିଡିର ୨୪, କଟକ ୟୁପିଡିର ୧୫, ବ୍ରହ୍ମପୁରର ୬, କନ୍ଧମାଳର ୩, କୋରାପୁଟର ଜଣେ ଏଭଳି ଭାବେ ମୋଟ ୪୯ଜଣ ବାଙ୍ଗଲାଦେଶୀ ନାଗରିକଙ୍କୁ ଦେଶାନ୍ତରୀକରଣ କରାଯାଇଛି। ବାକି ଅପେକ୍ଷାରେ ରହିଛନ୍ତି। ସବୁ ଜିଲ୍ଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇ ଗାଇଡଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ କ୍ୟାମ୍ପ ଓ ୧୯ଟି ଜିଲ୍ଲାସ୍ତରୀୟ କ୍ୟାମ୍ପ କରାଯାଇଛି।

ଏସ୍‌ଆଇଆର ସଂପର୍କିତ ମାମଲାରେ ରହିଥିବା ପ୍ରସଙ୍ଗ ସହ ଏହି ମାମଲା ସମାନ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସୁପ୍ରିମକୋର୍ଟରେ ସମାନ ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଶୁଣାଣି ଚାଲିବା ନେଇ ପ୍ରଶ୍ନ ଉଠିଥିଲା। ତେବେ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୨୬ ଜାନୁଆରି ୧୩କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ବିଜୁଳି ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ନୋଟିସ

# ଉପଭୋକ୍ତାଙ୍କ ଉପରେ ବିତରଣ କମ୍ପାନୀର ଜିଜିଆ କର: ଉପଭୋକ୍ତା ସଂଘ

ଭୁବନେଶ୍ୱର,୧୬।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ପାଇଁ ଡିମାଣ୍ଡ ନୋଟିସ୍‌କୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିପିସିଓଡିଏଲ୍ ଏପରି ନୋଟିସକୁ ଉପଭୋକ୍ତାମାନେ ତୀବ୍ର ବିରୋଧ କରିଛନ୍ତି। ଅତିରିକ୍ତ

**ତୁରନ୍ତ ନୋଟିସ ପ୍ରତ୍ୟାହାର ପାଇଁ ଓଇଆରସିର ଦ୍ୱାରସ୍ଥ ହେଲା ସଂଘ**

ସୁରକ୍ଷା ଜମାରାଶି ସାଧାରଣ ଗ୍ରାହକଙ୍କ ପାଇଁ ଟାଟା ପାୱାରର ଜିଜିଆ କର ସଦୃଶ। ଅତଏବ ଓଇଆରସି କର୍ତ୍ତୃପକ୍ଷ ଏହା ଉପରେ ବି.ର କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅତିରିକ୍ତ ଜମା ସୁରକ୍ଷା ରାଶି ସଂକ୍ରାନ୍ତ ନୋଟିସ୍ ପ୍ରତ୍ୟାହାର ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦେବାକୁ ଉପଭୋକ୍ତା ମହାସଂଘ ଦାବି କରିଛି।



ମଙ୍ଗଳବାର ଉପଭୋକ୍ତ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଆୟୋଗର ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଓ ଆଇନର ଧମକ ଦେଇ ଟାଟା ପାୱାର ସାଧାରଣ ଗ୍ରାହକଙ୍କୁ ଲୁଟ କରୁଛି ଏବଂ ତାଙ୍କର ବିଜୁଳି ଲାଇନ କାଟି ଦେଉଛି। ୬ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବାକିଆ ପଡ଼ିଥିବା ସତ୍ତ୍ୱେ କମ୍ପାନୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜାତୀୟ ହାର ଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକମାନେ ବିଜୁଳି କିଣୁଥିଲା ବେଳେ ଓଇଆରସି ଓ ଓଡ଼ିଶା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ମାର୍ଟ ମିଟର ନାଁରେ ଗ୍ରାହକଙ୍କୁ ଅଧିକ ବିଜୁଳି ବିଲ୍ ଦେବାକୁ ହେଉଛି। ସରବରାହ ଜନିତ କ୍ଷତି ଜାତୀୟସ୍ତରରେ ୧୬ ପ୍ରତିଶତ ଥିଲାବେଳେ ଓଡ଼ିଶାରେ ଏଟିସି ଲସ୍ ୧୯.୫୩ ପ୍ରତିଶତ। କମ୍ପାନୀମାନଙ୍କର ଦୁର୍ନୀତି ଓ ଅପରାଗତା ଯୋଗୁଁ ଏ ବାବଦରେ ବର୍ଷକୁ ହାରାହାରି ୭୫୦ କୋଟି ଟଙ୍କାର ଅଧିକ ବୋଝ ଉପଭୋକ୍ତା ବୋହୁଛନ୍ତି। ଓଡ଼ିଶାରେ ଓଡ଼ିଆ ସରକାରୀ ଭାଷା ହୋଇଥିବା ସତ୍ତ୍ୱେ ବିଜୁଳି ବିଲ୍ କିନ୍ତୁ ଇଂରାଜୀରେ ଦିଆଯାଉଛି, ଯାହା ସାଧାରଣ ଖାଉଟି ବୁଝିବା ପାଇଁ ଅସମର୍ଥ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ସମ୍ପାଦକ ରବି ବେହେରା, ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ଟ୍ରେଡ ୟୁନିୟନ ନେତା କିଶୋର ଜେନା, ପ୍ରକାଶ ମହାପାତ୍ର, ସିପିଆଇଏମ୍‌ଏଲ ନେତା ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଗାଁରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୧୬।୧୨(ସମିସ):** ବଡଗାଁ ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୮୯ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୩ ଗୋଟି ଆବେଦନ ରହିଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ତ୍ରି-ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେବିସି ରାଜଗାଙ୍ଗପୁର ଚାମ୍ପିଅନ୍

**ବଣାଇଁ, ୧୬।୧୨(ସମିସ):** ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ସୁରୁପତଲା, ଉରୁମକଲା ସ୍ଥିତ ଜଗତ କଲ୍ୟାଣ ଗ୍ରୁପ ପକ୍ଷରୁ ଆୟୋଜିତ ପଞ୍ଚମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨୪ଟି ଦଳକୁ ନେଇ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ଖେଳ କେବିସୀ ରାଜଗାଙ୍ଗପୁର ଓ ଲାୟନ ଟାଇଗର ବଳିତା କୁଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି କିକରେ କେବିସି ରାଜଗାଙ୍ଗପୁର ବିଜୟ ହୋଇଥିଲା। ତୃତୀୟ ଓ ଚତୁର୍ଥ ପୁରସ୍କାର ଯଥାକ୍ରମେ ଖାଲକୋ ବ୍ରଦର ଚାନ୍ଦିପୋଷ, କିସାନ ବ୍ରଦର ବିସିପାଲୀ ଦଳକୁ ମିଳିଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୌରୀ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଓ ଗୌରୀ ନର୍ସିଂ ସ୍କୁଲର ସହଯୋଗୀ ନିର୍ଦ୍ଦେଶକ ସୁମନ ସୌରଭ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୁନିଅର ଇଞ୍ଜିନିୟର ଝସକେତନ କିସାନ, ତ୍ରିଲୋଚନ କିଷାନ, ବୁଲୁ ବାରିକ, ବିରଞ୍ଚି ନାରାୟଣ ସାହୁ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ କୁମାର ବେହେରା, ନାଏବ ସରପଞ୍ଚ କୁଳେଶ୍ୱର କିଷାନ, ଭଜନ କିଷାନ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତପନ କୁମାର ଜୟସ୍ୱାଲ, ଯୁଗଳ, ସୁଶାନ୍ତ, ବିକ୍ରମ, ଅମରେନ୍ଦ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି ବଳଭଦ୍ର କିସାନ, ସମ୍ପାଦକ ଶରତ ଚନ୍ଦ୍ର କିସାନ, କୋଷାଧ୍ୟକ୍ଷ ରୂପଧର କିସାନ, କ୍ରୀଡ଼ା ବିଭାଗର ରାଜ କୁମାର କିଷାନ, ଜୀବନ କିଷାନ, ରଣଜିତ କିଷାନ ପ୍ରମୁଖ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୧୬।୧୨(ସମିସ): ସୁନ୍ଦରଗଡ଼ରେ ମଙ୍ଗଳବାର ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଏହି ମହୋତ୍ସବ ଆରମ୍ଭ ହୋଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନ, କ୍ରୀଡାବିତ୍ ପ୍ରତୀକ ମହାରଣା ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ସୁନ୍ଦରଗଡ଼ ଜିଲ୍ଲା ହେଉଛି କ୍ରୀଡାର ଏକ ବୃହତ୍ କ୍ଷେତ୍ର ବୋଲି କହିବା ସହ ଏହି ଖେଳ ମହୋତ୍ସବ ଦ୍ୱାରା ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାଙ୍କୁ ଅନ୍ୱେଷଣ କରାଯାଇପାରିଥିବା କହିଥିଲେ। ଏହି ମହୋତ୍ସବ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୫ ଗୋଟି ବର୍ଗରେ ସମଗ୍ର ସାତ ଗୋଟି ବିଧାନସଭା କ୍ଷେତ୍ରରୁ ପ୍ରାୟ ୩୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ପଞ୍ଜିକରଣ କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତର, ବ୍ଲକସ୍ତର ଦେଇ ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ପହଞ୍ଚିଛନ୍ତି। ଏହି ଅବସରରେ ଆଜି ଏକ ବିଶାଳ ମଶାଲ ଶୋଭାଯାତ୍ରା ସମଲେଇ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଭବନୀପୁର୍ ପଡ଼ିଆଠାରେ ପହଞ୍ଚିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ରାଉରକେଲା ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ଓଡ଼ିଶା ତୀରନ୍ଦାଜ୍ ସଙ୍ଘର ଉପସଭାପତି ତଥା ସାଂସଦ ଖେଳ ମହୋତ୍ସବ ଜିଲ୍ଲା ସଂଯୋଜକ ବଟକିଶୋର ମିଶ୍ର, ସହ ସଂଯୋଜକ ଅଭୟ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ, ଅନ୍ୟାନ୍ୟ ବରେଣ୍ୟ ଅତିଥିବୃନ୍ଦ, କ୍ରୀଡା ଶିକ୍ଷକ, କୋଚ, ରେଫରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷଦେବ ନନ୍ଦ ଏବଂ ପ୍ରିୟଙ୍କା ଜେନା ସଂଯୋଜନା କରିଥିଲେ।

# ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଧାବକ ସୁମିତ ସିଂହ

ରାଉରକେଲା, ୧୬।୧୨(ସମିସ)




ଟ୍ରେଡମିଲ୍ ଉପରେ ୨୦୧.୫ କିମି ୪୮ ଘଣ୍ଟା ଦୌଡ଼ି ବିଶ୍ୱ ରେକର୍ଡ

ଇସ୍ପାତ ନଗରୀ ରାଉରକେଲାର ସୁନାମଧନ୍ୟ ଧାବକ ସୁମିତ ସିଂହ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶ୍ରୀ ସିଂହ ଦୀର୍ଘ ୪୮ ଘଣ୍ଟା ଧରି ମାନୁଆଲ୍ ଟ୍ରେଡମିଲ୍ ଉପରେ ନିରନ୍ତର ଦୌଡ଼ି ୨୦୧.୫ କିଲୋମିଟର ଦୂରତା ଅତିକ୍ରମ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ସମର୍ଥିତ ସୁମିତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟା ୬ଟାରେ ରାଉରକେଲାର ସିଭିକ୍ ସେଣ୍ଟରରେ ଏହି ଅଦମ୍ୟ ପ୍ରୟାସ ଆରମ୍ଭ କରିଥିଲେ। ଉକ୍ତ ପ୍ରୟାସରେ ତାଙ୍କୁ ପ୍ରତି ଘଣ୍ଟାରେ ମାତ୍ର ୫ ମିନିଟର ବିରତିର ଅନୁମତି ଥିଲା, ଯାହା ତାଙ୍କ ସହନଶୀଳତା ଏବଂ ସଂକଳ୍ପର ଅସୀମ ଧୌର୍ଯ୍ୟକୁ ଦର୍ଶାଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଆର୍‌ଏସ୍‌ପି ତାଙ୍କର ଏହି ପ୍ରୟାସର ଶୁଭାରମ୍ଭ କରାଇଥିଲେ ଏବଂ ତାଙ୍କର ସଫଳତା ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ହେବାକୁ ଥିବା ମେଗା ହାଫ୍ ମାରାଥନ୍ ପାଇଁ ଆର୍‌ଏସ୍‌ପିର ବ୍ରାଣ୍ଡ ଆମ୍ବାସାଡର ଶ୍ରୀ ସିଂହଙ୍କ ଏହି ରେକର୍ଡ ଦୌଡ ସୁସ୍ଥ ଜୀବନଯାପନ ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିଲା। ପୂର୍ବରୁ, ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଡିସେମ୍ବର ୪ ତାରିଖରେ ଏହି ପ୍ରସିଦ୍ଧ ଧାବକଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଧାବକଙ୍କ ପଦକ୍ଷେପକୁ ପ୍ରଶଂସା କରି ଡିଆଇସି ତାଙ୍କ ସଫଳତା କାମନା କରିଛନ୍ତି। ଶ୍ରୀ ସୁମିତ ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ୬ଟାରେ ଦୀର୍ଘ ୪୮ ଘଣ୍ଟା ଦୌଡ଼ ସମ୍ପୂର୍ଣ୍ଣ କରିଥିଲେ। ଏହି ଅବସରରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ନବନୀତା ପାଲ ଚୌଧୁରୀଙ୍କ ସମେତ ଆରଏସପିର ବହୁ ବରିଷ୍ଠ ଅଧିକାରୀ, କ୍ରୀଡାପ୍ରେମୀମାନେ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଏହି ବିଶ୍ୱ ରେକର୍ଡ ହାସଲ ପାଇଁ ଆଥଲେଟଙ୍କୁ ପ୍ରଶଂସା କରିବା ସହିତ ତାଙ୍କର ଆଗାମୀ ଭବିଷ୍ୟତ ପ୍ରୟାସ ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।

## ଆର୍‌ଏସ୍‌ପିରେ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି'




**ରାଉରକେଲା, ୧୬।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ସିପିଟିଆଇଠାରେ ଡିସେମ୍ବରରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ପ୍ରକଳ୍ପ ଓ ଆଧୁନିକୀକରଣ ବିଭାଗର ସିଜିଏମ ଡିକେ ସାହୁ ମୁଖ୍ୟଅତିଥି ଏବଂ ଏସଏସଏମ ବିଭାଗର ଜିଏମ୍ ଇନ୍‌ଚାର୍ଜ ସିଆର ମିଶ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୨୦୨୫ ଡିସେମ୍ବର ମାସରେ ଅବସର ଗ୍ରହଣ କରୁଥିବା ଆରଏସପିର୨୪ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ଡିଜିଏମ ସଞ୍ଜୟ ଗୌତମ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡିକେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାହକ ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର ଇଏ, ଜିଇଆର ଓ ସି ବିଭାଗର ଏଜିଏମ ଅବିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍‌ପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଅବିନାଶ, ଡେପୁଟି ମ୍ୟାନେଜର ଏସକେ ନାୟକ, ଶ୍ରମ ନିରିକ୍ଷକ କେକେ ପରିଡ଼ା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ରାଉରକେଲା, ୧୬।୧୨(ସମିସ):** ଆଜି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମାଦ୍ରୀ କାଲୋ ଭବନ ପଡ଼ିଆଠାରେ ଏହି ମେଳାକୁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ କୃଷକ ମାନେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି, ଉପକରଣ ଆଦିର ବ୍ୟବହାର କିଭଳି କରିବେ ସେ ଉପରେ ଜ୍ଞାନ ଅହୋରଣ କରି ପାରିବେ ଏବଂ ବିଭିନ୍ନ ସହାୟତା ଯୋଜନା ଉପରେ ମଧ୍ୟ ତଥ୍ୟ ପାଇ ପାରିବେ ବୋଲି ସୂଚାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଚାଷ ସହିତ ଚାଷୀଙ୍କୁ କିଭଳି ଆଗକୁ ବଢ଼ାଇବା, ଚାଷୀମାନଙ୍କୁ ସହଯୋଗ କରିବା, ଚାଷୀ ମାନେ କିଭଳି ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଲାଭ ପାଇବେ ଆଦି ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ମେଳାରେ କୃଷି ତଥା ଆନୁସଙ୍ଗିକ ବିଭାଗ ଦ୍ୱାରା ବିଭିନ୍ନ ଷ୍ଟଲ ଖୋଲାଯାଇଛି। କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଚାଷୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, କୃଷି ବିଭାଗ ଅଧିକ୍ଷଣ ଯନ୍ତ୍ରୀ(ଉତ୍ତରାଞ୍ଚଳ) ନରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ସନ୍ତୋଷ ପାଣିଗ୍ରାହୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁକାନ୍ତ ନାୟକ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (କୃଷି) ପରମାନନ୍ଦ ପ୍ରଧାନ, ଓଏଆଇସିର ଜିଲ୍ଲା ପରିଚାଳକ ସୁବୋଧ ତନୟ ପାଣିଗ୍ରାହୀ, ସମସ୍ତ ଜିଲ୍ଲା କୃଷି ଅଧିକାରୀ ଯୋଗ ଦେଇଥିଲେ।

## ନିଯୁକ୍ତି ନାଁରେ ଠକେଇ; ଅଭିଯୁକ୍ତ ଗିରଫ

**ରାଉରକେଲା, ୧୬।୧୨(ସମିସ):** ସରକାରୀ ଓ ବେସରକାରୀ ନିଯୁକ୍ତି ଦେବା ନାଁରେ ବେକାର ଯୁବକଯୁବତୀଙ୍କ ଠାରୁ ଅର୍ଥ ଆଦାୟ ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଜଣେ ଆନ୍ତଃ ଜିଲ୍ଲା ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ କୋରାପୁଟ ଜିଲ୍ଲା ଜୟପୁର ଜୟନଗର ଅଞ୍ଚଳର ମୂଳ ବାସିନ୍ଦା ତଥା ଛେଣ୍ଡ କଲୋନୀ ସି୨ଏମ/୧୨୭ ଘରେ ରହୁଥିବା ସନ୍ତୋଷ କୁମାର ସାହୁ (୪୨)। ତାଠାରୁ ୨ଟି ମୋବାଇଲ, ଆଧାର କାର୍ଡ, ପାନ କାର୍ଡ ସମେତ ବିଭିନ୍ନ ଜାଲ କାଗଜପତ୍ର ଜବତ କରାଯାଇଛି। ସୂଚନାନୁଯାୟୀ, ୨୦୨୨ ମସିହାରୁ ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବକ ଯୁବତୀଙ୍କ ଠାରୁ ସରକାରୀ ଓ ବେସରକାରୀ ନିଯୁକ୍ତି ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଠକ ସନ୍ତୋଷ କୁମାର ସାହୁ ରାଉରକେଲାରେ ମଧ୍ୟ ତାର କାରବାର ଚଳାଇଥିଲା। ଅଭିଯୁକ୍ତ ସନ୍ତୋଷ ସରକାରୀ ଓ ବେସରକାରୀ ନିଯୁକ୍ତି କରାଇ ଦେବାକୁ କହି ଯୁବକ ଯୁବତୀଙ୍କ ଠାରୁ କାଗଜପତ୍ର ସଂଗ୍ରହ କରୁଥିଲା। ଏନେଇ ପୁଲିସକୁ ବିଶେଷ ସୂତ୍ରରୁ ଜଣାପଡ଼ିବା ପରେ ତାକୁ କାବୁ କରି ପଚରା ଉଚରା କରିଥିଲା। ତଦନ୍ତ ବେଳେ ସେ କୋରାପୁଟ, ମାଲକାନଗିରି ଓ ଗଞ୍ଜାମ ଜିଲ୍ଲାରୁ ୧ ଜାନୁଆରୀ ୨୦୨୨ରୁ ଆଜି ଯାଏଁ ୩୯ ଲକ୍ଷ ୨୦ ହଜାର ଟଙ୍କା ଠକେଇ କରିଥିବା ଜଣାପଡ଼ିଥିଲା। ଗତ ଏକ ବର୍ଷ ଧରି ଅଭିଯୁକ୍ତ ରାଉରକେଲାକୁ ଆସି ସମାନ ଘଟଣା ଚଳାଇଥିଲା। ବିଶେଷ କରି ରେଲୱେରେ ନିଯୁକ୍ତି ଦେବାକୁ କହି ପ୍ରତ୍ୟେକଙ୍କ ଠାରୁ ୮ରୁ ୧୦ ଲକ୍ଷ ଟଙ୍କା ଠକେଇ କରିଥିବା ସେ ପୁଲିସ ନିକଟରେ ସ୍ୱୀକାର କରିଛି। ଜାଲ ନିଯୁକ୍ତି ପତ୍ର ଯୁବକ ଯୁବତୀଙ୍କୁ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ବିଭିନ୍ନ ଦିଗକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଲାଞ୍ଚ ମାମଲା; ପୂର୍ବତନ ମାଲିଡିହି ଆର୍‌ଆଇଙ୍କୁ ୩ ବର୍ଷ ଜେଲ୍

**ରାଉରକେଲା, ୧୬।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ତହସିଲ ମାଲିଡିହି ଆରଆଇ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ମାନସୀ ସାହୁଙ୍କୁ ମ୍ୟୁଟେସନ୍ ପାଇଁ ଜଣେ ବ୍ୟବସାୟୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ମାଲିଡିହି ଆରଆଇ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ ମାନସୀ ସାହୁ ଜଣେ ବିକ୍ରେତାଙ୍କ ସପକ୍ଷରେ ଆରଓଆର ପ୍ରଦାନ ନିମିତ୍ତ ମ୍ୟୁଟେସନ୍ ରିପୋର୍ଟ ଦାଖଲ କରିବା ପାଇଁ ତାଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ଘଟଣାରେ ତାଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଆରଆଇ ମାନସୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାନସୀ ସାହୁ ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି ଜଣାପଡ଼ିଛି।



ଦୁର୍ଘଟଣାରେ ଗୁରୁତର 'ସକାଳ' ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କୁ ମଙ୍ଗଳବାର ହସ୍ପିଟାଲରେ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝୁଛନ୍ତି ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ରାଉରକେଲା ଚାମ୍ବର ଅଫ କମର୍ସର ପୂର୍ବତନ ସଭାପତି ସୁବ୍ରତ କୁମାର ପଟ୍ଟନାୟକ

## କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ

**ବଣାଇଁ, ୧୬।୧୨(ସମିସ):** ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବଣାଇଁ ଶାଖା ପରିସରରେ ମଙ୍ଗଳବାର ସ.ବଲାଙ୍ଗ ଲ୍ୟାମ୍ପସର ମୃତ ଚାଷୀ ଦେବେନ୍ଦ୍ର ଭଇଁସାଙ୍କ ପତ୍ନୀ ସୁଶୀଳା ଭଇଁସାଙ୍କୁ ପାଞ୍ଚ ଲକ୍ଷ ଟଙ୍କାର ବୀମା ରାଶି ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ଅଜୟ କୁମାର ସେଠି, ଶାଖା ପରିଚାଳକ ସିଦ୍ଧାର୍ଥ ଲେଙ୍କା, ସ.ବଲାଙ୍ଗ ଲ୍ୟାମ୍ପସ ନିର୍ଦ୍ଦେଶକ ମୁରଲୀ କିସାନ, ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ଗୋକୁଳ ଚନ୍ଦ୍ର ବାଗ, ବଣାଇଁ ଲ୍ୟାମ୍ପସ ସଭାପତି ଭାସ୍କର କିସାନ, ନିର୍ଦ୍ଦେଶକ ମନୋଜ ପ୍ରଧାନ, ଶିବ ସୁନ୍ଦର ରାଉତ ଉପସ୍ଥିତ ଥିଲେ।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ

ରାଉରକେଲା, ୧୬।୧୨(ସମିସ)




ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାମଖାନୀ କୋଇଲା ଖଣିରେ ଡିସେମ୍ବର ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ଆୟୋଜିତ ହୋଇଯାଇଛି। ଏହି ସୁରକ୍ଷା ପକ୍ଷ ବେଦାନ୍ତ ଆଲୁମିନିୟମର ସୁରକ୍ଷିତ ଖନନ କାର୍ଯ୍ୟ ପ୍ରତିବଦ୍ଧତାକୁ ସୂଚିତ କରୁଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଦୃଷ୍ଟି ଦେଇ 'ଆପକା ପରିବାର ଆପକା ଇନ୍ତେଜାର କର ରହା ହୈ' ବିଷୟବସ୍ତୁ ଉପରେ କୁହାଯାଇଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା। ଯେଉଁଥିରେ କାର୍ଯ୍ୟସ୍ଥଳୀରେ ସୁରକ୍ଷା ଉପରେ ସମସ୍ତ ଅଂଶୀଦାରଙ୍କୁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ କରାଯାଇଥିଲା। ଜଣେ ଆଇଏସ୍‌ଓ (ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ) ପର୍ଯ୍ୟବେକ୍ଷକ ଏବଂ କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍‌ଏସ୍‌ଏଫ୍ ଟିମ୍ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ ଏକ ପ୍ରମୁଖ ଆକର୍ଷଣ ଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା, ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ଲୋକଙ୍କୁ ସଶକ୍ତ କରିବା ହେଉଛି ଆମର ପ୍ରାଥମିକତା। ବାର୍ଷିକ ଖଣି ସୁରକ୍ଷା ପକ୍ଷ ଭଳି ପଦକ୍ଷେପ ଏହି ସଂସ୍କୃତିକୁ ସୁଦୃଢ଼ କରିବାରେ, ଶିକ୍ଷା, ସହଯୋଗ ଏବଂ ନିରନ୍ତର ଉନ୍ନତି ପାଇଁ ମଞ୍ଚ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କର୍ମଚାରୀ, ସହଯୋଗୀ ଏବଂ ସମ୍ପ୍ରଦାୟକୁ ନିୟୋଜିତ କରି ଆମେ ଏପରି ଏକ କାର୍ଯ୍ୟସ୍ଥଳୀ ନିର୍ମାଣ କରୁଛୁ ଯେଉଁଠାରେ ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏମସିଏଲର ଚିଫ୍ ମ୍ୟାନେଜର ସେଫ୍ଟି ଏବଂ ଆଇଏସଓ ପର୍ଯ୍ୟବେକ୍ଷକ ତାପସ କୁମାର ମହାନ୍ତି କହିଛନ୍ତି, ଡ୍ରିଲ୍, କାର୍ଯ୍ୟବଳ ନିୟୋଜିତ, ସଚେତନତା କାର୍ଯ୍ୟକ୍ରମ ଏବଂ ସୁରକ୍ଷା ପ୍ରୋଟୋକଲକୁ କଡାକଡି ପାଳନ ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାକୁ ଏକୀକୃତ କରିବା ଖଣି ଶିଳ୍ପ ପାଇଁ ଏକ ଦୃଢ଼ ମାନଦଣ୍ଡ ସ୍ଥିର କରେ। ପରିଚାଳନାଗତ ଉତ୍କର୍ଷତା ବ୍ୟତୀତ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଏବଂ ସଂସ୍କୃତି ମାଧ୍ୟମରେ ଏହାର ପରିଚାଳନା କ୍ଷେତ୍ରରେ ଜୀବନକୁ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ
ବିଦ୍ୟାଧରପୁର, କଟକ
ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଉଜ୍ଜ୍ୱଳ ହେଉ ଭବିଷ୍ୟତ।
ଶୁଭେଚ୍ଛା ସହ
ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- ବେଲାରାଣୀ, ପିଇସି- ଇତିଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

## ହାତୀ ଆକ୍ରମଣରେ ୨ ଗୁରୁତର





**ଲାଞ୍ଜିଗଡ଼,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସନ୍ଧ୍ୟା ହେଲେ ହାତୀ ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହୋଇ ଚାଷବାସ ନଷ୍ଟ କରିବା ସହିତ ଗରିବ ନିରିହ ଲୋକଙ୍କ ଘର ଭାଙ୍ଗୁଛନ୍ତି । ହାତୀ ମଣିଷ ଲଢେଇରେ କେତେବେଳେ ହାତୀ ମୃତ୍ୟୁମୁଖରେ ପଡୁଛି ତ ଆଉ କେତେବେଳେ ମଣିଷର ମୁଣ୍ଡ ଗଡୁଛି । ସୋମବାର ଲାଞ୍ଜିଗଡ଼ ବ୍ଲକ୍‌ର ଦୁର୍ଗମ ବେନଗାଁ ପଞ୍ଚାୟତ ଦମାଘାଟି ଗାଁ ନିକଟରେ ହାତୀ ଆକ୍ରମଣରେ ୨ ଜଣ ଆହତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଜୁବା ଜାମଟୁଆଁ ଗାଁର ଲଛମନ ସୁନ(୨୫) ତାଙ୍କ ସାଙ୍ଗ ଚନ୍ଦନ ବିଭାର(୧୮)ଙ୍କ ସହିତ ରାତି ୭ଟାରେ ପାହାଡ଼ପଦରରୁ ଗାଁକୁ ଫେରୁଥିଲେ । ଦମାଘାଟି ନିକଟରେ ହାତୀପଲ ସହିତ ମୁହାଁମୁହିଁ ହୋଇଥିଲେ । ହାତୀପଲକୁ ସାମ୍ନାରେ ଦେଖିବା ପରେ ଭୟଭୀତ ହୋଇ ଭାରସାମ୍ୟ ହରାଇ ରାସ୍ତା ଉପରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ଲଛମନ ପଡିରହିଥିବା ବେଳେ ଆହତ ଚନ୍ଦନ ନିକଟସ୍ଥ ଗାଁକୁ ଯାଇ ଖବର ଦେଇଥିଲେ । ଖବର ପାଇ ଗ୍ରାମବାସୀ ପହଞ୍ଚି ଲଛମନକୁ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲଛମନକୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ । ବିଶ୍ୱନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଲଛମନର ଅବସ୍ଥା ଗୁରୁତର ଦେଖି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଲଛମନର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାନରେ ବହୁତ ପରିମାଣରେ ରକ୍ତସ୍ରାବ ହେଉଥିବା ଜଣାପଡିଛି । ପରେ ତାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

## ୩୨ କୁଇଣ୍ଟାଲ ଧାନ ଜବତ



**କର୍ଲାମୁଣ୍ଡା,୧୬ ।୧୨(ସମିସ):** କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ଗ୍ରାମର ଜୈନେକ ବ୍ୟକ୍ତି ବେଆଇନ ଭାବେ ପିକଅପ୍ ଗାଡ଼ିରେ ଧାନ ନେଉଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି । ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଉକ୍ତ ଗାଡିକୁ ଜବତ କରି ଯୋଗାଣ ବିଭାଗକୁ ଖବର ଦେଇଥିଲେ ।ଅଧିକାରୀ ପ୍ରତିଭା ପଧାନ,କର୍ଲାମୁଣ୍ଡା ଯୋଗାଣ ନିରୀକ୍ଷକ ସ୍ମୃତିରଞ୍ଜନ ଜେନା, ନର୍ଲା ଯୋଗାଣନିରୀକ୍ଷକ ପ୍ରଶାନ୍ତ ଶ୍ରୀଚନ୍ଦନଙ୍କୁ ନେଇ ଯୋଗାଣ ବିଭାଗ ଟିମ ପହଞ୍ଚି ଗାଡି ନଂଓଡି୦୩ଡି-୨୭୮୫ ଓ ସେଠାରେ ଥିବା ୩୨କୁଇଣ୍ଟାଲ ୬୮କେଜି ଧାନ ଜବତ କରି ନିକଟସ୍ଥ ଲକ୍ଷ୍ମୀନାରାୟଣ ରାଇସ ମିଲ ଗଜବାହାଲ ଠାରେ ରଖାଯାଇଛି । ଜବତ ଗାଡିର ମାଲିକ ଅବୁଜବାହାଲ ଗ୍ରାମର ହରେକୃଷ୍ଣ ସାହୁ ବୋଲି ଜଣାପଡିଛି ।

## ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ମୃତ

**ଥୁଆମୂଳରାମପୁର,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଅଡ୍ରି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟିବା ଫଳରେ ଡ୍ରାଇଭରର ମୃତ୍ୟୁ ହୋଇଛି । ସୂଚନା ମୁତାବକ ଦୁର୍ଘଟଣା ଟ୍ରାକ୍ଟରଟି ସୂର୍ଯ୍ୟଗଡରୁ ଫେରୁଥିବା ବେଳେ ରାତି ପ୍ରାୟ ୮ ଘଣ୍ଟା ସମୟରେ ଅଡ୍ରି-ଗୋପୀନାଥପୁର ମୁଖ୍ୟ ରାସ୍ତା ଅଡ୍ରି ସ୍ଥିତ ଦେଶୀ ମଦ ଭାଟି ସମ୍ମୁଖରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଘଟଣାସ୍ଥଳରେ ଟ୍ରାକ୍ଟର ଡ୍ରାଇଭର ଗୁରୁତର ଅବସ୍ଥାରେ ପଡିଥିବା ବେଳେ



ଅଡ୍ରି ଗାଁର ଯୁବକମାନେ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ସୂଚନା ଦେଇଥିଲେ । ମୃତ ଡ୍ରାଇଭର ଜଣକ ବାଗଡିଆଣି ଗ୍ରାମର ସ୍ୱର୍ଗତ ଘନ ରାଉତଙ୍କ ବିବାହିତ ପୁଅ ଚିତ୍ର ରାଉତ(୨୫) ବୋଲି ଜଣାପଡିଛି । ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର କମରାଘାଟ ଗ୍ରାମର ବୋଲି ସୂଚନା ରହିଛି । ରାତି ତମାମ ଅଡ୍ରି ଡାକ୍ତରଖାନାରେ ଡ୍ରାଇଭରର ମୃତଦେହ ରହିଥିବା ବେଳେ ମଙ୍ଗଳବାର ସକାଳେ ଥୁଆମୂଳରାମପୁର ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି ।

## ମଦ ଜବତ,୨ ଗିରଫ

**କୋକସରା,୧୬ ।୧୨(ସମିସ):** କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଡାଲଗୁମା ପଞ୍ଚାୟତର ଚିତାମୁଣ୍ଡା ଗ୍ରାମ ଓ ଡାଲଗୁମା ପଞ୍ଚାୟତ ଲଟାପଡା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨୪ ଲିଟର ଦେଶୀ ମଦ ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ଚିତାମୁଣ୍ଡା ଗ୍ରାମର ନୂତନ ବେଶ୍ରା (୪୧) ଓ ଲଟାପଡା ଗ୍ରାମର ଦେବେନ୍ଦ୍ର ରୋଥି (୩୦) ଙ୍କୁ ଅବକାରୀ ପୁଲିସ ଗିରଫ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଅରୁଣ ଯୋଶୀ, ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ସୁରେଶ ଭୋଇ, ମହାଦେବ ମାଝୀ, ଖୁସିଦେବ କଟା, ବଳଭଦ୍ର ପାତ୍ର, ରବି ନାଗ, ଯଶୋବନ୍ତି ଭୋଇ ସାମିଲ ଥିଲେ ।

## ୧୯ରେ ବ୍ୟାଙ୍କର ସଚେତନତା ଶିବିର

**ଭବାନୀପାଟଣା,୧୬ ।୧୨(ସମିସ):** ଆସନ୍ତା ୧୯ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ କଳାହାଣ୍ଡି ଜିଲ୍ଲାର ଟାଉନ ହଲ ଠାରେ 'ଆପଣଙ୍କ ପୁଞ୍ଜି : ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହେବ । ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ । ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାର ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଇଛନ୍ତି ବୋଲି ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଆର୍.ଗଙ୍ଗାଧର ପଟ୍ଟନାୟକ ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଧର୍ମୁରାଜ ସୁନାନି ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

### ସବୁ କ୍ଷେତକୁ ଜଳସେଚନ ଫେଲ୍

# ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଚାଷୀ

ନୂଆପଡା,୧୬ ।୧୨(ସମିସ)

ସରକାର ସବୁବେଳେ ଜିଲ୍ଲାର ସମସ୍ତ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇଦେବାକୁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ସବୁ ଯୋଜନା ଯୋଜନ ଦୂରକୁ ଚାଲିଯାଉଛି । ବିଶେଷ କରି ଉଠାଜଳ ସେଚନ ବିଭାଗ ଦ୍ୱାରା ଜିଲ୍ଲାବ୍ୟାପି ଚାଷୀମାନଙ୍କୁ ସ୍ୱତନ୍ତ୍ର ଯୋଜନାରେ ଗଭୀର ନଳ କୂଅ ଖୋଳିବାକୁ ନିର୍ଦ୍ଦେଶ କରିଥିବା ବେଳେ ଆଜିକୁ ବର୍ଷାଧିକକାଳ ଚାଷୀଙ୍କୁ ଜଳ ସେଚନର ବ୍ୟବସ୍ଥା କରାଯାଇପାରିନଥିବାରୁ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି ।



ସ୍ଥାନୀୟ ଟାନୱାଟ ପଞ୍ଚାୟତର ଝିଲମିଲା, ରତିପାଲି ଏବଂ କୋମନା ବ୍ଲକ୍‌ର ହାତୀସରାଗ୍ରାମର ଚାଷୀମାନେ ନୂଆପଡା ଜିଲ୍ଲା ଉଠାଜଳ ସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଫେରାଦ ହେବା ସହ ଆଗକୁ ଆନ୍ଦୋଳନାକେ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ ଝିଲମିଲା ଗାଁର ଦେଓନାରାୟଣ ଶବର ଆଜିକୁ ଚାରି ବର୍ଷ ତଳେ ଗଭୀର ନଳକୂଅ ଖନନ ସକାଶେ ସରକାରୀ ଖାତାରେ ୨୦ହଜାର ଟଙ୍କା ଜମା କରିଥିଲେ।ଠିକ ସମୟରେ କୂଅରେ ପାଇପ ସଂଯୋଗ ବ୍ୟବସ୍ଥା କରାନଯିବାରୁ କୂଅ ଭୁଶୁଡି ପଡିଥିଲା । ଏହାକୁ ସଫେଇ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସଂପୃକ୍ତ ଠିକାଦାର ତାହା କରୁନଥିବାରୁ ଚାଷୀ ଜଣକ ଠିକ ସମୟରେ ଜଳ ସେଚନ ସୁବିଧା ପାଇ ପାରୁନାହାଁନ୍ତି । ଅନ୍ୟପକ୍ଷେ କୂଅରୁ ପାଣି ପାଉନଥିବା ବେଳେ ବିଜୁଳୀ ବିଲ ଆସୁଛି । ହାତୀସରା ଗାଁର ବିଲମ୍ବ ପଟେଲ , ମୋହନ ମାଝୀଙ୍କ କୂଅ ଖୋଲା ହେଲା ପରେ ମଧ୍ୟ ପରିଚାଳନାଗତ ତ୍ରୁଟି ହେତୁ ଶତାଧିକ ଚାଷୀଙ୍କ କୂଅ ଖୋଲା ହେଲାପରେ ମଧ୍ୟ ଠିକ ସମୟରେ ବିଜୁଳୀ ସଂଯୋଗ ହୋଇ ନହେବାରୁ ପାଣି ପାଇପାରୁନାହାଁନ୍ତି ।ଏହିଭଳି ଶତାଧିକ ଚାଷୀ ଯୋଜନାର ସୁଫଳ ପାଇପାରୁନଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଲିଖିତ ଭାବେ ନିର୍ବାହୀଯନ୍ତ୍ରୀଙ୍କୁ ଜଣାଇଛନ୍ତି । ଆଗାମୀ ସପ୍ତାହକ ମଧ୍ୟରେ କୌଣସି ସୁଫଳ ନମିଳିଲେ ଆନ୍ଦୋଳନାତ୍ମକ ପନ୍ଥା କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ 'କଳାହାଣ୍ଡି ଉତ୍ସବ' ପାଇଁ ପ୍ରସ୍ତୁତି



**କୋକସରା,୧୬ ।୧୨(ସମିସ):** କୋକସରା ବ୍ଲକ୍ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୫-୨୬ ପାଳନ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼.ହିମାଞ୍ଚଳ ମାଝୀ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଧର୍ମଗଡ଼ ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ସହକାରୀ ଯନ୍ତ୍ରୀ ଏହେମଦ ସରିଫପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ବିଗତ ବର୍ଷ କମିଟି ହିଁ ପରିଚାଳନା ପାଇଁ ନିଷ୍ପତି ନିଆଯାଇଛି । ସମସ୍ତଙ୍କ ମତାମତ ପରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ଜାନୁଆରୀ ୭,୮ ଓ ୯ ତାରିଖ ଦୁଇ ଦିନ ଧରି ଧାର୍ଯ୍ୟ କରାଯାଇଛି । ଏଥିରେ ବିଭିନ୍ନ କଳା, ସଂସ୍କୃତି, ଲୁକ୍କାୟିତ ପ୍ରତିଭା ନେଇ ବିଭିନ୍ନ ସ୍କୁଲ, କଲେଜ ଓ ଅନେକ ଅନୁଷ୍ଠାନରୁ ଲୋକେ ନିଜର କଳା ସଂସ୍କୃତି ପ୍ରଦର୍ଶିତ କରିବା କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ଉତ୍ସବକୁ ଆକର୍ଷଣ କରିବା ପାଇଁ ଗୁରୁଜୀମୁଣ୍ଡା ଯୋଗମାୟା ପୀଠ ମଞ୍ଚ ତିଆରି କରିବା ପାଇଁ ସ୍ଥିର କରାଯାଇଛି । ବୈଠକରେ କୋକସରା ଡିଗ୍ରୀ କଲେଜ ଅଧକ୍ଷ ପୁଷ୍ପରାଜ ମେହେର, ଅଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ, ପୁରୁଷୋତମ ଗୁପ୍ତା, ତିଲୋତମା ନାଏକ, ଘୁମୁରା ଗୁରୁ ମହେଶ୍ୱର ସରାଫ,ନିମାଇଁ ଚରଣ ଧଙ୍ଗଡାମାଝୀ, ତ୍ରିଭୁବନ ନାଏକ, ଇନ୍ଦ୍ରମଣି ଧଙ୍ଗଡା ମାଝୀ, ଦେବେନ୍ଦ୍ର ପାଟଯୋଶୀ,ଜବହାରଲାଲ ଗୁପ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ, ପିଏଚଇଓ ଶର୍ମିଳା ଛତ୍ରିଆ, ନନ୍ଦ କିଶୋର ଧରୁଆ, ରତ୍ନରାଜ ମାଝୀ, ବିଘ୍ନେଶ୍ୱର ନାଏକ, ଜିତେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ପ୍ରଧାନୀ ଏବଂ ସମସ୍ତ ସରପଞ୍ଚ ସମତି ସଭ୍ୟସଭ୍ୟା, କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ କର୍ମଚାରୀ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବୈଠକକୁ ଜିପିଡିଓ ମିଲୁ ପ୍ରଧାନୀ ଓ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ମୋହନ ନାଏକ ପରିଚାଳନା କରିଥିଲେ ।

## ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



**ଧର୍ମଗଡ଼,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ବିଜୁ ଜନତା ଦଳ ବ୍ଲକ ସଭାପତି ଡାକେଶ୍ୱର ଲହଜଲଙ୍କ ସଭାପତିତ୍ୱ ରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ,ଜିଲ୍ଲା ପରିଷଦ ଶଙ୍କର ଯୁଏଡ,ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ହୀରା ବାଗ, ବିଜେଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ନାରୀ ନେତ୍ରି କଲ୍ୟାଣୀ ନାଏକ, ପୂର୍ବତନ ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ବାଗ,ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ମଦନ ନାଏକ,ବ୍ଲକ୍ ମହିଳା ସଭାନେତ୍ରୀ ମିଥିଳା ପୁଞ୍ଜି, ମମତା ଗୋପାଳ, ବରିଷ୍ଠ ନେତା ଅଶୋକ ପଟ୍ଟଯୋଶୀ,ସନ୍ତୋଷ ପାଢ଼ୀ,ଗୌର ବାଗ, ବେଣୁଧର ନାଏକ, ଛାତ୍ର ନେତା ସୁନିଲ ଭଏସାଲ, ଲବଣୀ ଯାଦବ ଓ ସମସ୍ତ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ । ଦଳର ପ୍ରତିଷ୍ଠା ଦିବସକୁ ଆସନ୍ତା ୨୬ ତାରିଖରେ ଧର୍ମଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ଧର୍ମଗଡରେ ଧୁମଧାମରେ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଜୁନାଗଡ଼,୧୬ ।୧୨(ସମିସ):** ଜୁନାଗଡ ପିଏମ୍‌ଶ୍ରୀ ଜୁନାଗଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଲ ଚନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ସହିତ କ୍ରୀଡାର ଗୁରୁତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୁପସିଂ ରାଉତ,ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ମାଝୀ,ବିଶିଷ୍ଟ ସମାଜସେବୀ ଦୁର୍ଗା ପ୍ରସାଦ ନାଏକ,ଆଲୁମିନି କମିଟି ସଭାପତି ସନ୍ତୋଷ ସିଂହ ଦେଓ,ପରିଚାଳନା କମିଟି ସଭାପତି ଓ ମୁଖ୍ୟା ବିରୁପକ୍ଷ ନାଏକ,ପକ୍ଷରିଷଦ ହିମାଦ୍ରି ସିନ୍ଦୂର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିଥିଲେ । ବରିଷ୍ଠ ଶିକ୍ଷକ ମଳୟ କୁମାର ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷକ ବିଭୁ ଭୂଷଣ ପଣ୍ଡା ଧନ୍ୟବାଦ୍ ଦେଇଥିଲେ ଓ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ସଂଯୋଜନା କରିଥିଲେ । କ୍ରୀଡା ଦାୟିତ୍ୱରେ ଥିବା ଶିକ୍ଷକ ଭବାନୀ ଶଙ୍କର ମାଝୀ ବିଭିନ୍ନ କ୍ରୀଡାର ଆୟୋଜନ କରିଥିବା ବେଳେ ଶିକ୍ଷକ ମନୋଜ କୁମାର ନାଏକ, ଚୁମନ୍ ଦାସ ନାଏକ ଓ ସ୍କୁଲର ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ପାଇଁ ପ୍ରସ୍ତୁତି

**ଭବାନୀପାଟଣା,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ୫ଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ନିର୍ବାଚନ ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରି ଭୋଟରଙ୍କ ସଚେତନ ନିମନ୍ତେ ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ପାଇଁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଫର୍ମ ପ୍ରକ୍ରିୟାକରଣ, ବୁକ-ଏ-କଲ ଓ ଭୋଟରଙ୍କ ମ୍ୟାପିଙ୍ଗରେ ଉନ୍ନତି ଆଣିବାପାଇ ନିର୍ଦ୍ଦେଶ ଦେଇଥିଲେ । କଳାହାଣ୍ଡି ଜିଲ୍ଲାରେ ନୂତନ ଭାବେ ଗଠିତ ୨୯୨ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ବିଷୟରେ ସମସ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକମାନଙ୍କ ସହିତ ଆଲୋଚନା କରି ଏହାର ଏକ ନକଲ ସଭାପତି ଓ ସମ୍ପାଦକଙ୍କୁ ଦିଆଯାଇଥିଲା ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ଆଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ ପରିଡା, ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ଘରୁ ଚୋରି

**ଧର୍ମଗଡ଼,୧୬ ।୧୨(ସମିସ):** ଧର୍ମଗଡ ଗୋଲାମୁଣ୍ଡା ମୁଖ୍ୟ ରାସ୍ତା କଡ଼ରେ ଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି ।ସୂଚନା ଯୋଗ୍ୟ ଯେ,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଜନ୍ମେଜୟ ବେହେରା ସସ୍ତ୍ରିକ ମୁମ୍ବାଇରେ ଥିବା ନିଜ ଝିଅ ଘରକୁ ଯାଇଥିବା ବେଳେ ରାତିରେ ଘରେ ଜଣେ ଜଗୁଆଳୀ ରହୁଥିଲେ ।ଜଗୁଆଳୀ ଲକ୍ଷ୍ମଣ ନାଏକ ରାତିରେ ଶୋଇ ସକାଳେ ନିଜ ଘରକୁ ଚାଲିଯିବା ପରେ ଚୋରମାନେ କବାଟ ତାଡି ଘର ଭିତରେ ପଶିଥିଲେ ।ପୁଣି ରାତିରେ ଜଗୁଆଳୀ ଶୋଇବା ପାଇଁ ଆସି ଘରର ସବୁ କବାଟ ତଡ଼ା ହୋଇଥିବା ଦେଖିବାକୁ ପାଇ ଘର ମାଲିକକୁ ଫୋନ କରି ଜଣାଇଥିଲେ । ଘର ମାଲିକ ପଡୋଶୀଙ୍କ ସହ ଯୋଗାଯୋଗ କରି ଘରର ଅବସ୍ଥା ବିଷୟରେ ବୁଝିଥିଲେ । ଆଜି ତାଙ୍କ ପୁଅ ସୌରଭ ବେହେରା ବାଙ୍ଗାଲୋର ରୁ ଆସି ପହଞ୍ଚିବା ପରେ ପଡୋଶୀଙ୍କ ସହିତ ଯାଇ ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି । ବ୍ୟାଙ୍କ ଅଧିକାରୀଙ୍କ ଘରୁ କଣ କଣ ସାମଗ୍ରୀ ଚୋରି ଯାଇଛି ତାହା ସ୍ପଷ୍ଟ ହୋଇନାହିଁ ।ଚୋରମାନେ ଘରେ କେହି ନ ଥିବାର ସୁଯୋଗ ନେଇ ଘରର ସମସ୍ତ କବାଟ ଆଲମୀରା ତାଡ଼ି ଦେଇଛନ୍ତି । ଘରର ଯାବତୀୟ ସାମଗ୍ରୀ ବିଛେଇ ହୋଇ ପଡିଛି ।ଘରୁ କଣ ଚୋରି ହୋଇଛି ତାହା ଘର ମାଲିକ ଆସିଲେ ଜଣା ପଡିବ ବୋଲି ପୁଲିସ୍ କହିଛି ।






### ଗ୍ୟାସ୍ ପାଇପ ଲାଇନ୍ ପାଇଁ ଜନଶୁଣାଣି

## ଜମି ଦେବାକୁ ମନାକଲେ ପ୍ରଭାବିତ ଜମି ମାଲିକ

ଲାଞ୍ଜିଗଡ଼,୧୬ ।୧୨(ସମିସ)

ପେଟ୍ରୋଲିୟମ ଉତ୍ପାଦ ଗୁଡ଼ିକର ପରିବହନ ପାଇଁ ପାଇପ ଲାଇନ୍ ପରିଯୋଜନାର ପ୍ରଭାବିତ ଜମି ମାଲିକଙ୍କୁ ନେଇ ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଜନଶୁଣାଣି ହୋଇଛି । ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼ ଦ୍ୱାରା ଆନ୍ଧ୍ର ପ୍ରଦେଶ ରାଜ୍ୟର ବିଶାଖାପାଟଣାମ ଠାରୁ ଛତିଶଗଡ଼ ରାଜ୍ୟର ରାୟପୁର ପର୍ଯ୍ୟନ୍ତ ପେଟ୍ରୋଲିୟମ ଉତ୍ପାଦ ଗୁଡ଼ିକର ପରିବହନ ପାଇଁ ଏକ ଭୂତଳ ପାଇପ ଲାଇନ୍ ବିଛାଯିବା ପାଇଁ ଜମିର ବ୍ୟବହାର କରିବା ଅଧିକାର ପାଇଁ ଅଧିଗ୍ରହିତ ହେବାକୁ ଥିବା ଜମି ଗୁଡ଼ିକର



ବିବରଣୀ ଚଳିତ ବର୍ଷ ୧.୧୦.୨୦୨୫ରିଖରେ ଭାରତୀୟ ରାଜପତ୍ରର ଅଧିସୂଚନା ସଂଖ୍ୟା ଏସ ଓ ୪୪୯୮(ଅ)ତା ୩୦.୯.୨୦୨୫ ତାରିଖରେ ପ୍ରକାଶ ପାଇଛି ।ଏହାକୁ ନେଇ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଶ୍?ନାଥପୁର,ଲାଞ୍ଜିଗଡ଼ରୋଡ ପଞ୍ଚାୟତ ସିକେରକୁପା,ଗଜରାଜପୁର ପ୍ରମୁଖ ଅଞ୍ଚଳର ଜମି ଅଧିଗ୍ରହଣ କରାଯିବ ।ଏହାକୁ ନେଇ ପ୍ରଭାବିତ ଜମି ମାଲିକଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣୀରେ ସକ୍ଷମ ପ୍ରାଧିକାରୀ ପବିତ୍ର କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ରୋଡ ପ୍ରଭାବିତ ଜମି ମାଲିକ ଉପସ୍ଥିତିରେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର, ଏଚପିସିଏଲ୍ ପ୍ରୋଜେକ୍ଟ ମେନେଜର ଆରସି ସେଠି,ଏଲଏ ସେକ୍ସନ ଅଫିସର ନନ୍ଦକିଶୋର ମଲ୍ଲିକ,ପ୍ରୋଜେକ୍ଟ ଅଫିସର ଅମିତ କୁମାର ପ୍ରମୁଖ ଉପସ୍ଥିତ ରହି ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ।କମ୍ପାନୀ ଦ୍ୱାରା ଦିଆଯାଉଥିବା ରାଶି ଓ ସର୍ତ୍ତାବଳୀ ଉପରେ କୌଣସି ପ୍ରଭାବବିତ ଜମି ମାଲିକ ରାଜି ନହେବା ସହିତ ଜମି ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରିବା ସହିତ ଜମି ପାଇଁ ଲଢେଇ କରିବାକୁ ମଧ୍ୟ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର!

-ୱାରେନ୍ ବଫେଟ୍

## ଜୀ ରାମ୍ ଜୀ!

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୨୦୦୫ରେ ପ୍ରଣୀତ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ସଂକ୍ଷେପରେ ମନରେଗା) ଆଇନ୍‌କୁ ରଦ୍ଦ କରି ତା'ବଦଳରେ 'ବିକଶିତ ଭାରତ- ନିଶ୍ଚିତ ରୋଜଗାର ଓ ଆଜୀବିକା ମିଶନ୍(ଗ୍ରାମୀଣ) ଯୋଜନା(ସଂକ୍ଷେପରେ ଭିବି-ଜୀ ରାମ୍ ଜୀ) ଆଇନ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। ଏ ସମ୍ପର୍କିତ ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ସଂସଦ ଭିତରେ ଓ ବାହାରେ ସ୍ୱାଭାବିକ ଭାବେ ବିରୋଧାଭାସ ସୃଷ୍ଟି ହୋଇଛି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ଯେତିକି ବିବାଦୀୟ ହୋଇଛି, ଯୋଜନାର ମୌଳିକ ଓ ମହତ୍ ଲକ୍ଷ୍ୟ ପରାହତ ହେବ ବୋଲି ତା'ଠାରୁ ଅଧିକ ଅଭିଯୋଗ ହୋଇଛି।

'ମନରେଗା' ଭଳି ଏକ ଯୁଗାନ୍ତକାରୀ ଆଇନକୁ ରଦ୍ଦ କରିବା ପୂର୍ବରୁ ସଂସଦରେ ବିଚାର, ବିମର୍ଶ ଓ ଆଲୋଚନାର ଆବଶ୍ୟତା ଥିଲା। କିନ୍ତୁ ସଂସଦୀୟ ଗଣତନ୍ତ୍ରକୁ ଉପେକ୍ଷା କରି ସରକାର ଏଭଳି ବିଧେୟକ ଉପସ୍ଥାପନ କରିଥିବାରୁ ବିବାଦ ସୃଷ୍ଟି ହେବା ସ୍ୱାଭାବିକ। ଏଥିସହିତ 'ମନରେଗା'ରେ ଥିବା କାମ ମାଗିବାର ଅଧିକାରଟି 'ଜୀ ରାମ୍ ଜୀ'ରେ ଶ୍ରମଜୀବୀମାନେ ହରାଇବେ ବୋଲି ଅଭିଯୋଗ ହୋଇଛି। '୨୦୪୭ରେ ବିକଶିତ ଭାରତର ପରିକଳ୍ପନା'ଦୃଷ୍ଟିରେ ରଖି 'ଜୀ ରାମ୍ ଜୀ'ରେ କାର୍ଯ୍ୟଦିବସକୁ ୧୨୫ ଦିନକୁ ବୃଦ୍ଧି କରାଯାଇଥିଲେ ହେଁ ଗ୍ୟାରେଣ୍ଟି ବା ନିଶ୍ଚିତତା ହରାଇଛି। ବିଧି ବିଶାରଦଙ୍କ ବିଶ୍ଳେଷଣ ଅନୁଯାୟୀ, ବିଧେୟକରେ ଥିବା ଉପବିଭାଗ ୪(୫) ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଯେଉଁ କାମ ବାଣ୍ଟିବେ ସେଥିରୁ ରାଜ୍ୟମାନେ ଶ୍ରମଜୀବୀଙ୍କୁ କାର୍ଯ୍ୟଦିବସ ଯୋଗାଇ ଦେବେ। ଅର୍ଥାତ୍ ଯଦି କାମ ନାହିଁ ତେବେ ଶ୍ରମ ଓ ରୋଜଗାର ମଧ୍ୟ ନାହିଁ। ସେହିପରି ପ୍ରଚଳିତ 'ମନରେଗା'ରେ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବା ବେଳେ 'ଜୀ ରାମ୍ ଜୀ'ରେ କେନ୍ଦ୍ର ୬୦ ଭାଗ ଓ ରାଜ୍ୟମାନେ ୪୦ ଭାଗ ଅର୍ଥ ବହନ କରିବେ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହି ଅନୁପାତ ୯୦:୧୦ ରହିବ। ଏହାଦ୍ୱାରା ରାଜ୍ୟମାନଙ୍କ ଆର୍ଥିକ ବୋଝ ବଢ଼ିବ ଏବଂ ଶ୍ରମଜୀବୀମାନଙ୍କ ବିରୋଧର ପ୍ରତ୍ୟକ୍ଷ ସମ୍ମୁଖୀନ ରାଜ୍ୟ ସରକାରମାନଙ୍କୁ ହେବାକୁ ପଡ଼ିବ।

ଯଦି ସଠିକ୍ ଭାବେ ପାଣ୍ଠିର ଆବଣ୍ଟନ କରାଯାଇଥା'ନ୍ତା ତେବେ 'ମନରେଗା' ହିଁ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣକୁ ୨୬% ପର୍ଯ୍ୟନ୍ତ ହ୍ରାସ ଏବଂ ରୋଜଗାରକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିଥା'ନ୍ତା ବୋଲି ୨୦୨୩ରେ ତିନି ଅର୍ଥନୀତିଜ୍ଞ କେ ମୁରଲୀଧରନ୍, ପଲ୍ ଏନ୍ ଓ ସନ୍ଦୀପ ଏସ୍ ଙ୍କ ଏକ ସନ୍ଦର୍ଭରେ ପ୍ରକାଶ ପାଇଥିଲା। ଗତ ପାଞ୍ଚ ବର୍ଷ ଭିତରେ ପାଣ୍ଠି ଅଭାବରୁ 'ମନରେଗା' କାର୍ଯ୍ୟଦିବସ ହାରାହାରି ୫୫କୁ ହ୍ରାସ ପାଇଛି। ତେଣୁ ଯୋଜନା ରୂପାୟନରେ ଥିବା ତ୍ରୁଟିକୁ ନ ସୁଧାରି ଯୋଜନା ଉଚ୍ଛେଦ କେତେ ଯଥାର୍ଥ ତାହା ବିଚାରସାପେକ୍ଷ। ସେହିପରି 'ଜୀ ରାମ୍ ଜୀ'ରେ ଅଣକୁଶଳୀ ଶ୍ରମିକମାନଙ୍କ କାର୍ଯ୍ୟ, ତଦାରଖ, ପାରିଶ୍ରମିକ ପ୍ରଦାନ ଆଦି ସବୁକିଛି ଡିଜିଟାଲ୍‌ରେ ବା ଏଆଇ ଦ୍ୱାରା ପରିଚାଳିତ ହେବ। 'ନରେଗା'ରେ ହେଉଥିବା ଶ୍ରମଚୋରି ବା ଜାଲ୍ ଜବ୍‌କାର୍ଡ ଅଭିଯୋଗ ଡିଜିଟାଲ୍ ପ୍ରକ୍ରିୟାରେ ହ୍ରାସ ପାଇବ ନିଶ୍ଚୟ, କିନ୍ତୁ ନିରକ୍ଷର ବା ଅଳ୍ପଶିକ୍ଷିତ ଶ୍ରମଜୀବୀମାନେ ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

'ଜୀ ରାମ୍ ଜୀ' କେତେ ପ୍ରଜାବତ୍ସଳ ଓ ମଙ୍ଗଳଦାୟକ ହେବ ତାହା ରୂପାୟନ ପରେ ହିଁ ଜଣାପଡ଼ିବ। କିନ୍ତୁ ଅଯଥା ଦଳୀୟ କନ୍ଦଳରେ ମହତ୍ ଯୋଜନା ବଳି ପଡ଼ିବାର ଧାରା ଜାରି ରହେ ବା କେବଳ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ହୁଏ ତେବେ ସାଧାରଣ ଖଟିଖିଆ ଜନତାଙ୍କୁ କେବଳ 'ରାମ ଜୀ' ଭରସା। ●

## ବିଷ ବଳୟରେ ଦିଲ୍ଲୀ

ରାଜଧାନୀ ଦିଲ୍ଲୀ ଅଞ୍ଚଳ ପ୍ରଦୂଷଣର ବିଷ ବଳୟର ପଞ୍ଝାକୁ ଚାଲିଯିବା ନୂଆ ନୁହେଁ। ଗତ କିଛି ବର୍ଷ ହେଲା ଦୀପାବଳୀ ପରଠାରୁ ଶୀତ ଦିନ ସରିବା ପର୍ଯ୍ୟନ୍ତ ଏଭଳି ଘଟଣାର ପୁନରାବୃତ୍ତି ଘଟିଚାଲିଛି। ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂସଦରେ ମଧ୍ୟ ଆଲୋଚନା ହୋଇଛି। କିନ୍ତୁ ସରକାରୀ ଉଦାସୀନତା କାରଣରୁ ଏହାର ଦୀର୍ଘସ୍ଥାୟୀ ସମାଧାନ ହୋଇପାରୁନାହିଁ। ବିଶ୍ୱରେ ଦିଲ୍ଲୀ ଏକମାତ୍ର ଜନଗହଳି ଓ ଯାନବାହନ ପୂର୍ଣ୍ଣ ସହର ନୁହେଁ। ବିଶ୍ୱର ଅନ୍ୟ ପ୍ରଦୂଷିତ ସହରମାନେ ନିରନ୍ତର ଓ ଆନ୍ତରିକ ଉଦ୍ୟମ ବଳରେ ଯେପରି ପ୍ରଦୂଷଣ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ କରିପାରିଛନ୍ତି ତାହା ଦିଲ୍ଲୀ ସରକାରଙ୍କଠାରେ ଅଭାବ ରହିଛି, ଏହା ସ୍ୱୀକାର କରିବାକୁ ପଡ଼ିବ।

ଏବେ ତ ଦିଲ୍ଲୀ ଦିନରେ ମଧ୍ୟ ସନ୍ଧ୍ୟାର ଭ୍ରମ ସୃଷ୍ଟି କରୁଛି। କେତେକ ସ୍ଥାନରେ ବାୟୁର ମାନ ଏକ୍ୟୁଆଇ ୫୦୦(ଅତି ସାଂଘାତିକ ସ୍ତର) ପାର କରିଯାଇଛି। ୨୫୦ରୁ ଅଧିକ ବିମାନ ଚଳାଚଳ ବାତିଲ୍ କରାଯାଇଛି। ପ୍ରତିକାର ସ୍ୱରୂପ ସ୍କୁଲ୍ ପିଲାମାନଙ୍କୁ ଘରେ ରହି ପାଠ ପଢ଼ିବା ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏହା କେବଳ ଏକ ତାଳିପକା ଉଦ୍ୟମ ବୋଲି କୁହାଯାଇପାରେ। ମାତ୍ରାଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର, ଅପରିଣାମଦର୍ଶୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଆଦିର ପରାଭବ କ'ଣ ହୋଇପାରେ ତାହା ଗତ କିଛିବର୍ଷ ଧରି ଦିଲ୍ଲୀବାସୀ ଭୋଗୁଛନ୍ତି ଏବଂ ସାରା ଦୁନିଆବାସୀ ଦେଖୁଛନ୍ତି। କେବଳ ପଡ଼ୋଶୀ ରାଜ୍ୟର ନଡ଼ା ପୋଡ଼ିକୁ ଦାୟୀ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ବାରଣ ସତ୍ତ୍ୱେ ଏଥର ଦୀପାବଳୀରେ ମଧ୍ୟ ମନଇଚ୍ଛା ବାଣ ଫୁଟିଲା। ଅଦାଲତ ସହିତ ପୁଲିସ୍ ପ୍ରଶାସନ ଦେଖଣାହାରୀ ସାଜିଲା। ପୁରୁଣା ଗାଡ଼ିର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଏ ପର୍ଯ୍ୟନ୍ତ ଲାଗିପାରୁନାହିଁ। ଏ କାମଟି ଯାହାର ସେ ନିଦାବିଷ୍ଣୁ ସାଜିବାରୁ ବିଚରା ଦିଲ୍ଲୀବାସୀ ଏବଂ ବିଶେଷକରି ଶ୍ୱାସରୋଗୀ ଓ ଶିଶୁମାନେ ପରାଭବ ଭୋଗୁଛନ୍ତି।

ନିଜେ ସଚେତନ ଓ ଆତ୍ମସଂଯମ ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତି ନାହିଁ। ତେବେ ସରକାରଙ୍କ ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ତାହାର ଅନୁପାଳନ ନିହାତି ଆବଶ୍ୟକ। ଅନ୍ତତଃପକ୍ଷେ ସ୍ୱାଧୀନ ଓ ସମସ୍ୟାମୁକ୍ତ ଜୀବନ ଜିଇଁବାର ଯେଉଁ ଅଧିକାରଟି ସମ୍ବିଧାନ ଆମକୁ ଦେଇଛି ତାହା ଯେପରି ନିଶ୍ଚିତ ହୁଏ ସେ ଉତ୍ତରଦାୟିତ୍ୱ ସରକାର ନିହାତି ନେବା ଆବଶ୍ୟକ। ●

# ଘରୋଇକରଣର ପରାଭବ

**ଡ.ବିମଳ ଷଡ଼ଙ୍ଗୀ**

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ର ନୂଆ ନିୟମ ଅନୁସାରେ ପାଇଲଟ ଓ ବିମାନ କର୍ମଚାରୀଙ୍କ ପାଇଁ ନୂତନ କାର୍ଯ୍ୟ ନିର୍ଘଣ୍ଟ ଓ ବିଶ୍ରାମ ନିୟମ ଲାଗୁ ହୋଇଛି। ଇଣ୍ଡିଗୋ ଭଳି ଘରୋଇ କମ୍ପାନୀମାନେ ଅଧିକ ଲାଭ ଆଶାରେ ଅଳ୍ପସଂଖ୍ୟକ ପାଇଲଟ ଓ କର୍ମଚାରୀଙ୍କ ମାଧ୍ୟମରେ ସେବା ଜାରି ରଖିଛନ୍ତି। ଇଣ୍ଡିଗୋ ଦିନରେ ୨୨୦୦ରୁ ଅଧିକ ବିମାନ ଚଳାଚଳ କରିଥାଏ। ନୂଆ ନିୟମ ଲାଗୁ ହେବା ପରେ ତା' ପାଖରେ ଆବଶ୍ୟକ ସଂଖ୍ୟକ ପାଇଲଟ ଓ କର୍ମଚାରୀ ଉପଲବ୍ଧ ନ ଥିବାରୁ ବହୁସଂଖ୍ୟକ ବିମାନକୁ ବାତିଲ କରାଗଲା। ଏୟାର ଇଣ୍ଡିଆର ବିମାନସେବା ନିୟମ ହିସାବରେ ପାଇଲଟ ଓ କର୍ମଚାରୀ ସଠିକ ଦରମାରେ ନିୟମ ମୁତାବକ କାର୍ଯ୍ୟ କରୁଥିଲେ। ଯାହାଫଳରେ ତା'ର ବିମାନ ସେବା ସବୁଠାରୁ ଅଧିକ ବ୍ୟୟସାପେକ୍ଷ ଥିଲା। ଅଳ୍ପସଂଖ୍ୟକ ଯାତ୍ରୀ ସେଥିରେ ଯାତାୟାତ କରୁଥିବାରୁ ସଂସ୍ଥା କ୍ଷତିରେ ଚାଲୁଥିଲା। ଅପରପକ୍ଷରେ ଅଳ୍ପସଂଖ୍ୟକ କର୍ମଚାରୀ ଓ ସ୍ୱଳ୍ପ ବେତନରେ ଘରୋଇ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ଏୟାର ଇଣ୍ଡିଆଠାରୁ ସାମାନ୍ୟ କମ ଦରରେ ଯାତ୍ରୀ ପରିବହନ କରି ଅଧିକ ଲାଭବାନ ହେଉଥିଲେ। ଏହାର ପ୍ରଧାନ କାରଣ ସମସ୍ତ ନିୟମ କେବଳ ସରକାରୀ ସଂସ୍ଥାଗୁଡ଼ିକରେ କଠୋର ଭାବରେ ପାଳନ କରାଯାଇ ଘରୋଇ କପାନୀଗୁଡ଼ିକୁ କୋହଳ ନୀତି ଦ୍ୱାରା ଲାଭବାନ କରାଯାଉଥିଲା। ତେଣୁ ଯେଉଁ ଘରୋଇ କମ୍ପାନୀଗୁଡ଼ିକ ବର୍ଷ ବର୍ଷ ଧରି ଲାଭର ସ୍ୱାଦ ଚାଖି ଆସିଛନ୍ତି। ସେମାନଙ୍କୁ ହଠାତ କଠୋର ନିୟମ ଦ୍ୱାରା ବାନ୍ଧିରଖିବା ଏତେ ସହଜ ନୁହେଁ।

ଇତିମଧ୍ୟରେ ଡିଜିସିଏ ଇଣ୍ଡିଗୋକୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ବିମାନ ଉଡ଼ାଣ ସଂଖ୍ୟା ୫% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍‌ସହିତ ବିମାନ ଚଳାଚଳ ସୂଚୀ ପୁନଃ ନିର୍ଦ୍ଧାରଣ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟ ଦେଇଛନ୍ତି। ମାତ୍ର ଇଣ୍ଡିଗୋ କମ୍ପାନୀ ଚତୁରତାର ସହିତ ଫେବ୍ରୁଆରୀ ୨୦୨୬ ପୂର୍ବରୁ ବିମାନ ଚଳାଚଳ ସଂପୂର୍ଣ୍ଣ ସ୍ୱାଭାବିକ କରିବାକୁ ପ୍ରସ୍ତାବ ଦେଇଛି। କାରଣ ଯାତ୍ରୀମାନଙ୍କର ଯେତେ କ୍ଷତି ହେବ ସେତେ ଜନଅସନ୍ତୋଷ ବଢ଼ିବ ଏବଂ ସରକାର ବାଧ ହୋଇ ସମସ୍ତ ଘରୋଇ କମ୍ପାନୀ ପାଇଁ ନିୟମ କୋହଳ କରିବାକୁ ବାଧ ହେବେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବର୍ତ୍ତମାନ ସମୟରେ ଘରୋଇ କମ୍ପାନୀଗୁଡ଼ିକର ବେନିୟମ କାର୍ଯ୍ୟକୁ ସରକାର ଚାହିଁଲେ ବି ବଦଳାଇ ପାରିବେ ନାହିଁ।

ବିମାନ ଚଳାଚଳର ଅନୁରୂପ ଦୟନୀୟ ପରିସ୍ଥିତି ଦେଇ ଗତି କରୁଛି ଆମ ଶିକ୍ଷା ବ୍ୟବସ୍ଥା। ତଥ୍ୟ ଆଧାରରେ ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ସରକାରୀକରଣ କରିବା ପାଇଁ ଜିଡିପିର ୬% ଆବଶ୍ୟକ ସ୍ଥଳେ ବଜେଟରେ ଶିକ୍ଷା ପାଇଁ ମାତ୍ର ୨ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିକ୍ଷାକୁ ସଂପୂର୍ଣ୍ଣ ଭାବରେ ସରକାରୀ ସ୍ତରରେ ପରିଚାଳନା କରିବାକୁ ବ୍ୟବସ୍ଥାଗତ ପରିବର୍ତ୍ତନ ଆବଶ୍ୟକ। ଯଦି ସରକାର ବର୍ତ୍ତମାନ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମସ୍ତ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସରକାରୀ କରନ୍ତି, ତେବେ ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନେ ବିଦ୍ରୋହ କରିବେ। ତତ୍‌ସହିତ ଅନୁଷ୍ଠାନଗୁଡ଼ିକରେ ଆର୍ଥିକ ସ୍ତରର କ୍ଷମାତାଶାଳୀ ବ୍ୟକ୍ତିମାନଙ୍କର ପିଲାମାନେ ନିଜକୁ ଅସୁରକ୍ଷିତ ମନେ କରି ବିଦ୍ରୋହକୁ ସହାୟତା କରିବେ। ତେଣୁ ଗୋଟିଏ ବୃହତ କ୍ଷମତାଶୀଳ ଗୋଷ୍ଠୀ ସରକାର ବିରୁଦ୍ଧରେ ବିଦ୍ରୋହ କରିବେ, ଯାହାକୁ କୌଣସି ସରକାର ସାମ୍ନା କରିବାକୁ ଅସମର୍ଥ।

ଯେପରି ବିମାନ ଚଳାଚଳର ପରିଚାଳନା ଓ ନିୟନ୍ତ୍ରଣ ଆଦି ସରକାରଙ୍କ ଅଧୀନକୁ ଆସିଲେ ଘରୋଇ କମ୍ପାନୀଙ୍କ ବିଦ୍ରୋହକୁ ସରକାର ମୁକାବିଲା କରିବାକୁ ଅସମର୍ଥ, ସେହିପରି ଶିକ୍ଷା ବିଭାଗରେ କୌଣସି ପରିବର୍ତ୍ତନ କଲେ ସରକାରଙ୍କୁ ଧନିକ ଶ୍ରେଣୀକୁ ସାମ୍ନା କରିବାକୁ ପଡ଼ିବ। ସେଥିପାଇଁ ଶିକ୍ଷା ବ୍ୟବସ୍ଥାରେ ସେବା ପ୍ରଦାନକାରୀ ପରିବର୍ତ୍ତେ ସରକାରଙ୍କ ଭୂମିକା କେବଳ ନିୟାମକ ପ୍ରାଧିକରଣରେ ସୀମିତ ରହିଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଗମନାଗମନ ଭଳି ଆଜି ଏକ ବୃହତ ବେପାର ହୋଇ ସେବାରୁ ବହୁ ଦୂରରେ।

ଏକବିଂଶ ଶତାବ୍ଦୀର ଭାରତରେ ସବୁଠୁ ବଡ଼ ବିଡ଼ମ୍ବନା ହେଉଛି ଏହା ଏପରି ଏକ ଦେଶ, ଯେଉଁଠାରେ 'ଶିକ୍ଷା' କୁ 'ଅଧିକାର' ବଦଳରେ 'ବ୍ୟବସାୟ' ଦୃଷ୍ଟିରେ ଦେଖାଯାଏ। କେବଳ ଶିକ୍ଷା ନୁହେଁ ନାଗରିକ ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଅଧିକାର ଧୀରେ ଧୀରେ ବ୍ୟବସାୟରେ ପରିଣତ ହୋଇଚାଲିଛି। ବିମାନ ସେବାର ଘରୋଇକରଣ ପରେ ଯାତ୍ରୀ ସେବା ଭଳି ଶିକ୍ଷାର ଅତିରିକ୍ତ ଘରୋଇକରଣରୁ ଶିକ୍ଷା ଉପରେ ଜନତା ସେମାନଙ୍କର ଅଧିକାର ହରାଇଛନ୍ତି। ଆମ ଦେଶର ଶିକ୍ଷା ପ୍ରଣାଳୀରେ ଆଜି 'ଶିକ୍ଷା' ଆଉ 'ସଂସ୍କାର' ସୃଷ୍ଟି କରୁନାହିଁ। କେବଳ ଟଙ୍କା ରୋଜଗାରର 'ବଜାର' ସୃଷ୍ଟି କରୁଛି।

ପ୍ରତ୍ୟେକ ଶିଶୁକୁ ଶିକ୍ଷା ବାଧ୍ୟତାମୂଳକ। କିନ୍ତୁ ପ୍ରଶ୍ନ ହେଲା, କେଉଁ ପ୍ରକାର ଶିକ୍ଷା ବାଧ୍ୟତାମୂଳକ? ତା'ର ସଂଜ୍ଞା କ'ଣ? ତାହା ସମସ୍ତଙ୍କୁ ଅଜଣା। ଗ୍ରାମ ଓ ସହର ସବୁଠାରେ ଅନେକ ସରକାରୀ ସ୍କୁଲ୍‌ରେ ଶିକ୍ଷକ କିମ୍ବା ଶ୍ରେଣୀଗୃହର ଅଭାବ ରହିଛି। ଶିକ୍ଷାଦାନର ଗୁଣବତ୍ତା କମି ଚାଲିଛି। ଏଣୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟର ଚାକଚକ୍ୟ ଠାଣିରେ ଆକର୍ଷିତ ହୋଇ ସେଠାରେ ପାଠପଢ଼ା ଭଲ ବା ମନ୍ଦ ହେଉ, ଆଖି ବୁଜି ସେମାନଙ୍କ ପିଲାମାନଙ୍କୁ ନାମ ଲେଖାଉଛନ୍ତି। ପରେ ଘରୋଇ ବିଦ୍ୟାଳୟମାନଙ୍କ ଜାଲରେ ପଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି। ଆଜିର ପରିସ୍ଥିତି ଏପରି ହୋଇଛି ଯଦି ଆମେ ନିଜ ପିଲାକୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ନାହିଁ ତେବେ, ସମସ୍ତ ହିତୈଷୀ ଉପଦେଶ ଦେବା ଆରମ୍ଭ କରିବେ। ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇ ନିଜ ପିଲାର ଭବିଷ୍ୟତ ନଷ୍ଟ କରୁଛ ବୋଲି କହିବେ। 'ତିନି ତୁଣ୍ଡରେ ଛେଳି କୁକୁର ପରି' ବାଧହୋଇ ଦିଗହରା ଅବସ୍ଥାରେ ତା'କୁ ଗ୍ରହଣ କରିବାକୁ ପଡ଼େ।

ଯେଉଁ ଶିକ୍ଷକମାନେ ସରକାରୀ ଅନୁଷ୍ଠାନରେ ଚାକିରି ପାଇ ନଥା'ନ୍ତି ସେମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ବାଧ ହୋଇ କମ ଦରମାରେ ଘରୋଇ ଅନୁଷ୍ଠାନରେ ଚାକିରି କରନ୍ତି ଏବଂ ପିଲାମାନଙ୍କୁ ଘରୋଇ ଟିଉସନ ପାଇଁ ବାଧ କରନ୍ତି। ଯାହା ଫଳରେ ପଥଭ୍ରଷ୍ଟ ଅଭିଭାବକଟି ପ୍ରଥମେ ଅଧିକ ପଢ଼ା ଖର୍ଚ୍ଚରେ ଘରୋଇ ଅନୁଷ୍ଠାନରେ ନାମ ଲେଖାଏ। ତା' ସହିତ ବାର୍ଷିକ ଦେୟ, ବିକାଶ ଦେୟ, ସ୍କୁଲ ୟୁନିଫର୍ମ ଦେୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଦେୟ, ପୁସ୍ତକ ଓ ଖାତା ପାଇଁ ଦେୟ ଆଦି ଦେଇ ଦେଇ ସର୍ବସ୍ୱାନ୍ତ ହୋଇପଡ଼ନ୍ତି। ସୁବିଧା ନାମରେ ଶୋଷଣ ସେଠାରେ ପ୍ରାଥମିକତା ପାଇଥାଏ।

ବିଡ଼ମ୍ବନା ହେଉଛି ଏହି ଚିତ୍ର ସରକାରଙ୍କୁ ଦେଖା ଯାଇ ନ ଥାଏ। ଯଦିବା କେହି କେବେ ଦେଖନ୍ତି ପରମୁହୂର୍ତ୍ତରେ ଘରୋଇ ଅନୁଷ୍ଠାନର ଚାପରେ ନିଜର ଦାୟିତ୍ୱବୋଧତାକୁ ଭୁଲିଯା'ନ୍ତି। ଯଦି ସରକାର ଅଧିକ ଦେୟ ଉପରେ ଅଙ୍କୁଶ ଲଗାଇବେ ଘରୋଇ ବିଦ୍ୟାଳୟଗୁଡିକ ସଫେଇ ଦେବେ ଆମେ ଶିକ୍ଷାରେ ସରକାରଙ୍କଠାରୁ ଅଧିକ ଗୁଣବତ୍ତା ଦେଉଛୁ। ତେଣୁ କଟକଣା ଆମ ପାଇଁ ଅନ୍ୟାୟ। ସେହିପରି ଅଭିଭାବକମାନେ ନିଜର ପିଲାମାନଙ୍କର ଶିକ୍ଷାରେ ବ୍ୟାଘାତ ହେବାକୁ ଭୟ କରନ୍ତି। କାରଣ ସେମାନେ ଭାବନ୍ତି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହେଲେ ସେମାନଙ୍କ ପିଲାମାନେ ଅମଣିଷ ହୋଇଯିବେ। ଏହା ହିଁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ନିର୍ଭରଶୀଳତା।

ଏହି ନିର୍ଭରଶୀଳତାର ପଥ ଗରିବଙ୍କୁ ଶିକ୍ଷା ଗ୍ରହଣରୁ ଦୂରେଇ ନେଇଛି, ମଧ୍ୟବିତ୍ତବର୍ଗଙ୍କୁ ଋଣରେ ବୁଡ଼ିବାକୁ ବାଧ କରିଛି ଏବଂ ଧନିକ ଶ୍ରେଣୀ ପାଇଁ ଶିକ୍ଷାକୁ 'ସୁବିଧା' ଭାବରେ କିଣିବାର ସୁଯୋଗ ଦେଇଛି। ଶିକ୍ଷା ଯଦି ବ୍ୟବସାୟ ହୋଇଯାଏ, ତା' ହେଲେ ଜ୍ଞାନଲାଭ ଶୂନ୍ୟ ହୋଇଯାଏ। ବିଦ୍ୟାର୍ଥୀ ପ୍ରତିଷ୍ଠାନର ଉତ୍ପାଦ ହୋଇଯାଏ ଏବଂ ସମାଜ ଅସନ୍ତୁଳିତ ହୋଇଯାଏ। ଧୀରେ ଧୀରେ ସରକାରୀ ସ୍କୁଲ୍, କଲେଜଗୁଡ଼ିକ ଉତ୍ତମ ମାନର ହୋଇପାରିଲେ ଘରୋଇ ଅନୁଷ୍ଠାନଗୁଡ଼ିକ ଶିକ୍ଷାକୁ ଅତ୍ୟଧିକ ନିୟନ୍ତ୍ରଣକୁ ନେଇପାରିବେ ନାହିଁ। ଶିକ୍ଷାର ଘରୋଇକରଣ ସ୍ୱରୂପ ଯଦି ବଦଳା ନ ଯାଏ ତା'ହେଲେ ଇଣ୍ଡିଗୋ ବିମାନର ବେପରୁଆ କାର୍ଯ୍ୟ ଯୋଗୁଁ ଯାତ୍ରୀ ଦୁର୍ଦ୍ଦଶା ଭୋଗିଲା ପରି ଆଗାମୀ ପିଢ଼ି ଶିକ୍ଷାରେ ମଧ୍ୟ 'ଲାଭ ଜଗତର ଦାସ' ହୋଇଯିବେ। 'ଶିକ୍ଷା ଅଧିକାର'କୁ ସୁନିଶ୍ଚିତ କରିବା ଲାଗି ତେଣୁ ଜନତାଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ପରିଚୟର ଅନୁସନ୍ଧାନ

**ମୋଜାଫର ଖାଁ**

ଜୀବନର ପ୍ରତିଟି ମୁହୂର୍ତ୍ତରେ ମଣିଷ ଖୋଜେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ଏକ ଅସ୍ତିତ୍ୱ, ଯାହା କେବଳ ତା'ର ନାମକୁ ଅନ୍ୟମାନଙ୍କ ନିକଟରେ ସମ୍ମାନର ସହିତ ସୃଷ୍ଟି କରିବ। ଆମ ସଭିଙ୍କ ଭିତରେ ଏମିତି କିଛି ମଣିଷ ଥା'ନ୍ତି ଯେଉଁମାନେ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟର ହୃଦୟରେ ସମ୍ମାନର ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଅହରହ ଲଢ଼େଇ କରୁଥା'ନ୍ତି। ସେମାନେ ଏକ 'ନାମ' ଓ ଏକ 'ପରିଚୟ' ଖୋଜୁଥା'ନ୍ତି, ଯାହାକି ସମାଜର ଭିଡ଼ରେ କେବଳ ସେମାନଙ୍କୁ ନୁହେଁ ବରଂ ସେମାନଙ୍କୁ ଗଢ଼ିଥିବା ପିତାମାତାଙ୍କୁ ମୁଣ୍ଡ ଟେକି ବଞ୍ଚିବାର ଗର୍ବ ଦେଇପାରିବ। ସେମାନଙ୍କ ଭିତରେ ଆମେ ସମସ୍ତେ ଅନ୍ତର୍ଭୁକ୍ତ।

ଏହା ଏକ ବ୍ୟକ୍ତିଗତ ଅଭିଳାଷ ନୁହେଁ। ଏହା ହେଉଛି ହୃଦୟରୁ ଆସୁଥିବା ଏକ ସମ୍ମାନର ଅନୁକ୍ରମ, ଅଲିଭା ଭକ୍ତି ଓ ପ୍ରେମର ଋଣ। କିନ୍ତୁ ଆମ ସଭିଙ୍କ ପାଇଁ ଏହି ଯାତ୍ରାଟି ଏତେ ସହଜସାଧ୍ୟ ହୋଇ ନ ଥାଏ। ପ୍ରତ୍ୟେକ ମଣିଷ ଭିତରେ ଲୁଚି ରହିଥାଏ ଏକ ଅଲିଖିତ କାହାଣୀ। ଯେଉଁମାନେ ସ୍ୱ-ପରିଚୟ ପାଇଁ ସଂଘର୍ଷ କରନ୍ତି, ସେମାନଙ୍କ ପାଇଁ ଜୀବନ ହେଉଛି ଏକ ଅନ୍ଧାର ରାସ୍ତା, ଯେଉଁଠାରେ ସେମାନେ ନିଜ ହାତରେ ନିଜ ଭାଗ୍ୟର ଦୀପ ଆଲୋକମୟ କରିବା ପାଇଁ ଚେଷ୍ଟା କରୁଥା'ନ୍ତି। ସେମାନେ ପ୍ରଶ୍ନ କରନ୍ତି - 'ମୁଁ କିଏ?' କିନ୍ତୁ ସେମାନଙ୍କର ଉତ୍ତର ତାଙ୍କ ସଫଳତାରେ ଲୁଚି ରହିଥାଏ। ତାଙ୍କ କାନ୍ଧରେ ଥାଏ ପିତାମାତାଙ୍କ ଅନେକ ତ୍ୟାଗର ବୋଝ। ଏହି ବୋଝ ଖାଲି ଓଜନ ନୁହେଁ, ଏହା ହେଉଛି ଏକ ପବିତ୍ର ଅଙ୍ଗୀକାର। ଜୀବନରେ ଆମେ ସମସ୍ତେ ଚାହୁଁ କି ଯେତେବେଳେ ସମାଜରେ କେହି ଆମ ପିତାମାତାଙ୍କୁ ପଚାରିବେ, 'ଆପଣ କାହାର ବାପା/ମା'?', ସେତେବେଳେ ସେମାନେ ନିଜ ପୁଅ/ଝିଅର ନାମ କହିବା ବେଳେ ଯେଉଁ ସନ୍ତୋଷ ଓ ଗର୍ବ ଅନୁଭବ କରିବେ, ତାହା ହିଁ ଆମମାନଙ୍କ ସଂଘର୍ଷର ଶ୍ରେଷ୍ଠ ପୁରସ୍କାର। ଅଭିଳାଷୀ ବ୍ୟକ୍ତି ମୁଖରେ ହସ ଥିଲେ ମଧ୍ୟ ଭିତରେ ଥାଏ ନିଜକୁ ପ୍ରମାଣିତ କରିବାର ନିରବ ଯନ୍ତ୍ରଣା। ପ୍ରତ୍ୟେକ ବିଫଳତା ମଣିଷକୁ ଭାଙ୍ଗିଦିଏ। କିନ୍ତୁ ପର ମୁହୂର୍ତ୍ତରେ ପୁଣି ଛିଡ଼ା କରାଇଦିଏ ସେହି ଉତ୍କଣ୍ଠା। କାରଣ ସେମାନଙ୍କ ଆଖିରେ ଥାଏ କେବଳ ଗୋଟିଏ ସ୍ୱପ୍ନ: ଜନକ-ଜନନୀଙ୍କ ମୁହଁରେ ଗର୍ବର ଚମକ।

ଶିକ୍ଷାର୍ଥୀ ପାଇଁ ଶିକ୍ଷାନୁଷ୍ଠାନର ପ୍ରତିଯୋଗିତାପୂର୍ଣ୍ଣ ପରିସର ହେଉ କିମ୍ବା ଲୋକଙ୍କ କର୍ମକ୍ଷେତ୍ରର ନିରସ ପରିବେଶ ଅବା ବୃହତ୍ତର ସମାଜର ଜଟିଳଚକ୍ର, ସବୁଠାରେ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡ଼େ। ଏହା ଏକ ବୃତ୍ତିଗତ ସଂଘର୍ଷ ନୁହେଁ, ବରଂ ଏହା ହେଉଛି ଆତ୍ମ-ସମ୍ମାନ ପାଇଁ ଏକ ହୃଦୟବିଦାରକ ଯୁଦ୍ଧ। ଯେଉଁମାନେ ସବୁବେଳେ ପରିଚୟ ପାଇଁ ଲଢ଼ୁଥା'ନ୍ତି, ସେମାନଙ୍କ ହୃଦୟରେ ଏକ ଗଭୀର ଆଶା ଏବଂ ଆକାଂକ୍ଷା ଥାଏ। ସେମାନେ ଅନୁଭବ କରନ୍ତି ଯେ ଯେପର୍ଯ୍ୟନ୍ତ ସମାଜରେ ସେମାନଙ୍କର ଏକ ବଳିଷ୍ଠ 'ନାମ' ନାହିଁ, ସେପର୍ଯ୍ୟନ୍ତ ସେମାନେ 'ସମ୍ମାନ'ର ଯୋଗ୍ୟ ନୁହନ୍ତି। ସମ୍ମାନ ଏଠାରେ କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଅନ୍ୟମାନଙ୍କ ଦ୍ୱାରା ନିଜର ମୂଲ୍ୟକୁ ସ୍ୱୀକୃତି ଦେବା। ଏହା ହେଉଛି ଅନ୍ୟମାନଙ୍କଠାରୁ ମିଳୁଥିବା ସେହି ମହତ୍ତ୍ୱପୂର୍ଣ୍ଣ ସ୍ଥାନ, ଯାହା ମନୁଷ୍ୟକୁ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ।

ପରିଚୟହୀନତାର କଷ୍ଟ ଏତେ ଯନ୍ତ୍ରଣାଦାୟକ ଯେ, ଏହା ମନୁଷ୍ୟକୁ ଭିତରୁ ଭାଙ୍ଗିଦିଏ। କିନ୍ତୁ ଏହି ପରିଚୟ ସୃଷ୍ଟି କରିବା କ'ଣ ନିହାତି ଜରୁରୀ? କ'ଣ ଯଦି ଆମର ଏକ ବିଖ୍ୟାତ ପରିଚୟ ନାହିଁ ତ କେହି ସମ୍ମାନ କରିବେ ନାହିଁ? ଜୀବନ ଏକ ଯୁଦ୍ଧ। ଏଥିରେ ଅନେକ ସମୟରେ ପରିସ୍ଥିତି ଆଗପଛ ହୋଇ ସଂଘର୍ଷ ଉତ୍ପନ୍ନ କରେ। ଆମର ହୃଦୟକୁ ଭାଙ୍ଗି ଚୁରମାର କରିଦିଏ। କିନ୍ତୁ ସମସ୍ୟାପୂର୍ଣ୍ଣ ଜୀବନରେ ହାର ନ ମାନି ଆମକୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ। ସମାଜର ମାନ୍ୟତାକୁ ଅପେକ୍ଷା କରିବା ପରିବର୍ତ୍ତେ ନିଜର ପରିଚୟକୁ ନିଜେ ସୃଷ୍ଟି କରିବାକୁ ହେବ। ଆମମାନଙ୍କ କାମ, ଚେଷ୍ଟା, ଇଚ୍ଛାଶକ୍ତି, ନିଷ୍ଠା ଓ ଅବଦାନ ହେଉଛି ଆମମାନଙ୍କର ପରିଚୟ ପତ୍ର।

ଏହି ପ୍ରକ୍ରିୟାଟି ଖୁବ୍ ଯନ୍ତ୍ରଣାଦାୟକ ଓ କଷ୍ଟକର ହୋଇପାରେ। କିନ୍ତୁ ଏହାର ଫଳାଫଳ ଅତ୍ୟନ୍ତ ମଧୁର ଓ ଗୌରବମୟ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରତିଭା ଓ ପରିଶ୍ରମ ବଳରେ ସମାଜରେ ନିଜର ସ୍ଥାନ ସୃଷ୍ଟି କରେ, ସେତେବେଳେ ତାଙ୍କୁ ମିଳୁଥିବା ସମ୍ମାନ କେବଳ ଏକ ଉପହାର ନୁହେଁ। ଏହା ହେଉଛି ଆତ୍ମ-ବିଶ୍ୱାସର ଏକ ବିଜୟ ଗାଥା। ଏହି ସଂଘର୍ଷର ସର୍ବୋତ୍ତମ ଉଦାହରଣ ହେଉଛନ୍ତି ଡଃ ଏ.ପି.ଜେ. ଅବଦୁଲ କଲାମ। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମ ପ୍ରାରମ୍ଭିକ ଶିକ୍ଷାନୁଷ୍ଠାନରେ କୌଣସି ବଡ଼ ନାମ କିମ୍ବା ପ୍ରଭାବ ନେଇ ଆସି ନ ଥିଲେ। ସେ ଥିଲେ ଜଣେ ନିରବ ଏବଂ ପରିଶ୍ରମୀ ଛାତ୍ର, ଯିଏ କେବଳ ନିଜ ଜ୍ଞାନ ଓ ସ୍ୱପ୍ନ ଉପରେ ବିଶ୍ୱାସ କରୁଥିଲେ। ତାଙ୍କୁ ଲୋକେ ସହଜରେ ଚିହ୍ନି ନ ଥିଲେ; କିନ୍ତୁ ସେ ନିଜର ସମସ୍ତ ଶକ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସମର୍ପି ଦେଲେ। ତାଙ୍କର ଏହି ନିରନ୍ତର ସାଧନା ଫଳରେ ସେ ଭାରତ ପାଇଁ ଅନେକ ସଫଳତା ଆଣିଲେ। ତାଙ୍କର କାମ ହିଁ ତାଙ୍କର ପରିଚୟ ସୃଷ୍ଟି କଲା। ସେହିଦିନ ଠାରୁ ସେ ଆଉ କେବଳ ଜଣେ ବ୍ୟକ୍ତି ନ ଥିଲେ। ସେ ହୋଇଗଲେ 'ଭାରତର ମିଶାଇଲ୍ ମ୍ୟାନ୍'।

କୌଣସି ଜଣେ ବ୍ୟକ୍ତି 'ନାମ' ଦ୍ୱାରା ସମ୍ମାନ ପାଇ ନାହାନ୍ତି, ବରଂ ନିଜର କର୍ମ ଓ ସିଦ୍ଧି ବଳରେ 'ସମ୍ମାନ' ସୃଷ୍ଟି କରିଛନ୍ତି ଏବଂ ଏକ ମହାନ ପରିଚୟର ଅଧିକାରୀ ହୋଇଛନ୍ତି। ସଂଘର୍ଷ ହେଉଛି ସେହି ନିଆଁ, ଯାହା ସାଧାରଣ ମଣିଷକୁ ସୁନା ପରି ଉଜ୍ଜ୍ୱଳ କରିଥାଏ। ସଂଘର୍ଷ ଜୀବନର ଚଲାପଥରେ ଅନେକ ଉଠାଣି, ଗଡ଼ାଣିକୁ ଅତିକ୍ରମ କରିବାକୁ ପଡ଼ିବ। ଅନେକ ଲୋକଙ୍କ ଅନେକ ଥଟ୍ଟା ପରିହାସକୁ ଶୁଣି ଅଣଦେଖା କରି ଆଖିର ଲୁହକୁ ଓଠେ ପିଇ କେତେକେତେ ରାତି ଅନିଦ୍ରାରେ କାଟି କଠିନ ପରିଶ୍ରମର ଫଳ ନିଶ୍ଚୟ ମିଳିବ। କଠିନ ପରିଶ୍ରମ କେବେହେଲେ ବିଫଳ ହୁଏନି। ବିଳମ୍ବରେ ହେଉ ପଛେ ସଫଳତା ନିଶ୍ଚୟ ମିଳିଥାଏ। ସଂଘର୍ଷ ଓ ସମସ୍ୟାକୁ ଅତିକ୍ରମ କରି ପରିଚୟ ନିଶ୍ଚୟ ସୃଷ୍ଟି ହେବ। ●

ତରିକୁଣ୍ଡ(ଜଗତସିଂହପୁର)
ମୋ: ୬୩୭୦୦୦୧୫୭୦

# ଗୋପାଳ ବଲ୍ଲଭ ମଠ ଓ ବଣଭୋଜି ବେଶ

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଏବଂ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ପୃଷ୍ଠପୋଷକତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଧିକରୁ ଅଧିକ ଗୋପାଳକୃଷ୍ଣ ସ୍ୱରୂପରେ ଉପସ୍ଥାପିତ ହେଲେ। ଶ୍ରୀମନ୍ଦିରରେ ଅନେକ କୃଷ୍ଣକେନ୍ଦ୍ରିକ ବେଶ ପ୍ରଚଳନ ଏବଂ ପର୍ବପର୍ବାଣି ପାଳନ କରି ପୂର୍ଣ୍ଣାବତାର ଶ୍ରୀକୃଷ୍ଣ ନୀଳାଚଳରେ ଦାରୁବ୍ରହ୍ମ ରୂପେ ଆରାଧିତ ହେଉଛନ୍ତି ବୋଲି ପ୍ରଚାର କରାଗଲା। ଏ ବାର୍ତ୍ତା ଭାରତର କୋଣଅନୁକୋଣରେ ପହଞ୍ଚିଲା।

ଦାକ୍ଷିଣାତ୍ୟର ନାଗାର୍ଜୁନ କୋଣ୍ଡାରେ ଗୋପାଳଭଟ୍ଟ ନାମକ ଜଣେ ସିଦ୍ଧ ସନ୍ନ୍ୟାସୀ ବାଳଗୋପାଳଙ୍କୁ ଇଷ୍ଟ ରୂପେ ଆରାଧନା କରୁଥିଲେ। ସେ ଏହା ଶୁଣିବା ପରେ କୃଷ୍ଣ-ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗରୁଡ଼ଙ୍କ ପଛରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଚିନ୍ତା କରିବାକୁ ଲାଗିଲେ- 'ରତ୍ନବେଦୀରେ ବିରାଜିତ ଅଧାଗଢ଼ା ଦାରୁମୂର୍ତ୍ତି କ'ଣ କେବେ ମୋର ସୌମ୍ୟକାନ୍ତ କୋଟିଜନମନଲୋଭା କନ୍ଦର୍ପ ରୂପ ଜିଣା ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣ ହୋଇପାରନ୍ତି? କାହିଁ ଗଲା ତାଙ୍କର ସୁଲଳିତ ପଦଯୁଗଳ ଓ ସୁକୋମଳ କରପଲ୍ଲବ? କାହିଁ ଗଲା ତାଙ୍କର ଶିଖୀପୁଚ୍ଛ ଶୋଭିତ କିରୀଟ ଓ ରଙ୍ଗ ଅଧରର ମୋହନବଂଶୀ? ଚକା ଚକା ଆଖି ଉପରେ ଭ୍ରୂଲତା ନାହିଁ। କାନ ନାହିଁ; କିନ୍ତୁ ସମସ୍ତଙ୍କ ଗୁହାରି ଶୁଣୁଛନ୍ତି ବୋଲି ବିଶ୍ୱାସ କରାଯାଉଛି। ଯେଉଁ ବିଗ୍ରହ ସ୍ୱୟଂଅସମ୍ପୂର୍ଣ୍ଣ ସେ କ'ଣ ପରିପୂର୍ଣ୍ଣତମ ଅବତାର ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରିପାରନ୍ତି! ସିଦ୍ଧସାଧକ ବୈଷ୍ଣବମାନେ ଏପରି ଏକ ମାରାତ୍ମକ ଭ୍ରମର ବଶବର୍ତ୍ତୀ ହେଲେ କିପରି?' ନିରାଶା ତାଙ୍କୁ ବ୍ୟଥିତ କଲା। ସେ କ୍ଷେତ୍ର ତ୍ୟାଗ କରି ଫେରି ଯିବାପାଇଁ ନିଷ୍ପତ୍ତି ନେଇ ସେଦିନ ନରେନ୍ଦ୍ର ସରୋବର ନିକଟରେ ରାତ୍ରିଯାପନ କଲେ।

ତାଙ୍କର ଆଖି ଟିକିଏ ଲାଗି ଯାଇଥିଲା। ହଠାତ୍ ତୁଳସୀ ଓ ଦୟଣାର ସୁଗନ୍ଧରେ ଗୋପାଳ ଆଖି ଖୋଲିଲେ। ତାଙ୍କ ସାମନାରେ ବାଳଗୋପାଳ ସ୍ୱୟଂ ଆବିର୍ଭାବ ହୋଇଥିଲେ। ସତେଯେମିତି ମାଆ ଯଶୋଦା ଯତ୍ନର ସହ ଗେହ୍ଲାକହ୍ନେଇକୁ ଅତ୍ୟନ୍ତ ସୁନ୍ଦରଭାବେ ସଜେଇ ଦେଇଥିଲେ। ବାଳଗୋପାଳ ତାଙ୍କର ଶିଶୁସୁଲଭ କଣ୍ଠରେ କହିଲେ, 'ଗୋପାଳ! ମୋର ପରମଭକ୍ତ ହୋଇ ମଧ୍ୟ ତୁମେ ମୋର ମୂଳ ସ୍ୱରୂପ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କୁ ଚିହ୍ନିପାରିଲ ନାହିଁ। ଜଗନ୍ନାଥ ଅବତାରୀ। ନୃସିଂହ, ବାମନ, ପର୍ଶୁରାମ, ରାମ, ବୁଦ୍ଧ ଓ ମୁଁ ସ୍ୱୟଂ ତାଙ୍କର ଗୋଟିଏ ଗୋଟିଏ ସ୍ୱରୂପ। ତୁମେ ଯେଉଁ ସ୍ୱରୂପରେ ଚାହଁ, ତାଙ୍କୁ ସେହି ସ୍ୱରୂପରେ ଦର୍ଶନ କରିପାରିବ। ତେଣୁ ଶ୍ରୀକ୍ଷେତ୍ର ନିତ୍ୟବୈକୁଣ୍ଠ, ନିତ୍ୟଗୋଲକ, ନିତ୍ୟବୃନ୍ଦାବନ ଓ ନିତ୍ୟଅଯୋଧ୍ୟା ରୂପେ ଖ୍ୟାତି ଲାଭ କରିଛି। ତୁମେ ଆଉ ଥରେ ଯାଅ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତୁମେ ମୋତେ ଦର୍ଶନ କରିବ।'

ବାଳଗୋପାଳ ଅନ୍ତର୍ଦ୍ଧାନ ହୋଇଗଲେ। ଗୋପାଳ ଉଠିପଡ଼ି ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ଆଶ୍ଚର୍ଯ୍ୟର କଥା, ରାତିର ସେ ସମୟରେ ମଧ୍ୟ ମନ୍ଦିରର ସମସ୍ତ ଦ୍ୱାର ଖୋଲାଥିଲା। ବିନା ବାଧାରେ ଗର୍ଭଗୃହରେ ପ୍ରବେଶ କରି ଦେଖିଲେ, କୃଷ୍ଣ ଓ ବଳରାମ ବାଳକରୂପରେ ରତ୍ନବେଦୀ ଉପରେ ଦଣ୍ଡାୟମାନ ହୋଇଥିଲେ। ବଳରାମଙ୍କ ହାତରେ ହଳମୂଷଳ ଏବଂ ଶ୍ରୀକୃଷ୍ଣ ହାତରେ ମୋହନବଂଶୀ ଶୋଭା ପାଉଥିଲା। ଦୁଇଭାଇଙ୍କ କାନ୍ଧରେ ଥିଲା ଦୁଧଲହୁଣୀର ଭାର। ଯମୁନାର ନୀଳ ଜଳରାଶି କୁଳୁକୁଳୁ ଶବ୍ଦ କରି ବହି ଯାଉଥିଲା। ଗାଈପଲ ନଦୀକୂଳର ସବୁଜ ଘାସରେ ଚରୁଥିଲେ। ସେ ଦିନ ଥିଲା ଭାଦ୍ର କୃଷ୍ଣ ଦଶମୀ। ସେହି ଦିନଠାରୁ ମହାପ୍ରଭୁ ଯେଉଁ ସ୍ୱରୂପରେ ଗୋପାଳଙ୍କୁ ଦର୍ଶନ ଦେଇଥିଲେ, ସେହି ତିଥିରେ ମହାପ୍ରଭୁ ସେହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶକୁ ମହାପ୍ରଭୁଙ୍କର 'ବଣଭୋଜି ବେଶ' କୁହାଯାଏ। ଦୁଇଭାଇ ମୁଣ୍ଡରେ ଠେକା ଭିଡ଼ି ବଣର କିଆଫୁଲ ଖୋସିଥା'ନ୍ତି। ହାତରେ ଗାଈଚରା ବାଡ଼ି ଧରି ଥା'ନ୍ତି। ଭୋଜିପାଇଁ ଖୁଆପେଡ଼ାର ମାଳ ପିନ୍ଧି ରୁପା ପିଙ୍ଗଣରେ ଦୁଧସରର ଭାର କାନ୍ଧରେ ବହନ କରିଥା'ନ୍ତି। ଗାଈମାନେ ଯମୁନା କୂଳରେ ଚରୁ ଥା'ନ୍ତି।

ଏହାପରେ ଗୋପାଳ ଭଟ୍ଟ କ୍ଷେତ୍ରବାସୀ ହୋଇ ରହିଗଲେ। ସେ ଯେଉଁସ୍ଥାନରେ ବାଳଗୋପାଳଙ୍କର ସାକ୍ଷାତ୍ ଦର୍ଶନ କରିଥିଲେ, ସେଠାରେ ଏକ ଆଶ୍ରମ ନିର୍ମାଣ କରି ମହାପ୍ରଭୁଙ୍କର ଆରାଧନା କଲେ। କାଳକ୍ରମେ ସେ ଆଶ୍ରମ 'ଗୋପାଳ ବଲ୍ଲଭ ମଠ' ନାମରେ ନାମିତ ହେଲା। ●

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଡ଼ଦିନ ଓ ନୂଆବର୍ଷରେ କେବଳ ସିଂହଦ୍ୱାରରେ ପ୍ରବେଶ

ପୁରୀ, ୧୬।୧୨ (ସମିସ): ବଡ଼ଦିନ ଓ ନୂଆବର୍ଷରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପଞ୍ଚୁକ ସମୟରେ ଏହି ବ୍ୟବସ୍ଥା ଅନୁସାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଶୃଙ୍ଖଳିତ ଥିଲା। ତେଣୁ ସମସ୍ତ ଭକ୍ତଙ୍କ ସୁବିଧା ପାଇଁ ଏହା କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ମଙ୍ଗଳବାର ସର୍କିଟ ହାଉସ୍‌ଠାରେ ବଡ଼ଦିନ ଓ ନୂଆବର୍ଷ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ବର୍ଷ ଶେଷ ସହିତ ଛୁଟିଦିନ ରହୁଥିବାରୁ ବଡଦିନ ଓ ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗହଳି ହୋଇଥାଏ। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିବାରୁ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା ମନ୍ଦିର ଭିତରେ ଓ ବାହାରେ କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା, ସମୁଦ୍ର ନିକଟରେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା, ଲାଇଫଗାର୍ଡ ମୁତୟନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୀତିକାନ୍ତି ନିର୍ଘଣ୍ଟ ସମୟରେ ପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦିଆଯାଇଥିଲା।

ସେହିପରି ପାନୀୟ ଜଳ ଓ ଶୌଚାଳୟ ପାଇଁ ୱାଟକୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମ୍‌ଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ଲାଗି ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ଟିପିସିଓଡିଏଲ, ପାର୍କିଂସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ଲାଗି ଆରଟିଓ, ବ୍ୟାରିକେଡ ନିର୍ମାଣ, ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସାମୂହିକ କାର୍ଯ୍ୟକ୍ରମ। ଏହାକୁ ସମ୍ମିଳିତ ସହଯୋଗରେ ସଫଳ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ ଅନ୍ୟ ଦିନମାନଙ୍କ ଅପେକ୍ଷା ଛୁଟିଦିନ ପଡୁଥିବାରୁ ବଡଦିନ ଓ ନୂଆବର୍ଷରେ ଅଧିକ ଗହଳି ସମ୍ଭାବନା ରହିଛି। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ, ଟ୍ରାଫିକ, ଧାଡିରେ ଥିବା ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ, ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ପୁଲିସ ବିବିଧ ପଦକ୍ଷେପ ନେଇଛନ୍ତି। ଶ୍ରଦ୍ଧାଳୁଙ୍କୁ ସୂଚନା ପ୍ରଦାନ ଓ ସଚେତନତା ପାଇଁ ସାଇନଏଜ ବିଭିନ୍ନ ସ୍ଥାନରେ ଲଗାଯିବ। ତେବେ ନୀତି ଠିକ୍ ସମୟରେ ସମ୍ପାଦନ ପାଇଁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, ସଚିନ ପାଟିଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧିକୁ ଚାଲେଞ୍ଜ
## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୬।୧୨(ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ ଓ ବିଡିଏସ୍ ଆଦି ପାଠ୍ୟକ୍ରମରେ ନାମଲେଖା ଫି' ଅହେତୁକ ତଥା ବେଆଇନ ଭାବେ ବୃଦ୍ଧି ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ ଅଧ୍ୟକ୍ଷ, ଜାତୀୟ ମେଡିକାଲ କମିସନ ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଗତ ୨୦୨୫ ଜୁଲାଇ ୧୧ରେ ସମସ୍ତ ମେଡିକାଲ କଲେଜରେ ନାମଲେଖା ଫି' ଓ ପ୍ରଦାନ କରାଯାଉଥିବା ଷ୍ଟାଇପେଣ୍ଡ ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀମାନେ ୨୦୨୫-୨୬ବର୍ଷ ପାଇଁ ଗତ ମେ' ୪ରେ ନିଟ ପରୀକ୍ଷା ଦେଇଥିବା ବେଳେ ଜୁଲାଇ୩୧ରେ ଓଜେଇଇ ନାମଲେଖା ଓ ଫି' ସମ୍ପର୍କିତ ମାର୍ଗଦର୍ଶିକା ଜାରି କରିଥିଲା। ଏହା ପରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଫି ବୃଦ୍ଧି ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ

ଓଜେଇଇ କର୍ତ୍ତୃପକ୍ଷ ମଧ୍ୟ ଫି' ବୃଦ୍ଧି ନେଇ ଗତ ଅଗଷ୍ଟ୧୬ରେ ଏକ ସଂଶୋଧିତ ବିଜ୍ଞପ୍ତି ଜାରି କରିଥିଲେ। ଏହି ଅନୁସାରେ ହାଇଟେକ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲଥ ସାଇନ୍ସ ଆଣ୍ଡ ହସ୍ପିଟାଲର ୨୦୨୫-୨୬ ଏମବିବିଏସ ଓ ବିଡିଏସ ପାଠ୍ୟକ୍ରମରେ ଫି ଅହେତୁକ ବୃଦ୍ଧି କରାଯାଇଥିଲା। ୨୦୨୫-୨୬ ବର୍ଷ ପାଇଁ ଏମବିବିଏସ୍ ଓ ବିଡିଏସ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ହଠାତ ଅହେତୁକ ଫି' ବୃଦ୍ଧି କରାଯିବା ଦ୍ୱାରା ଆର୍ଥିକ ସ୍ୱଚ୍ଛଳ ହୋଇନଥିବା ଆଶାୟୀ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହେବେ। ଏଭଳି ବିଜ୍ଞପ୍ତି ବେଆଇନ ତଥା ସୁପ୍ରିମକୋର୍ଟଙ୍କ ଆଦେଶର ଉଲ୍ଲଂଘନ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି। ଜାନୁଆରି୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

## ଏମ୍‌ଭି ୨୬ ଓ ରାଖେଲଗୁଡ଼ାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ମାଲକାନଗିରି/କୋରୁକୋଣ୍ଡା, ୧୬।୧୨ (ସମିସ): ବିଜେଡିର ୭ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମାଲକାନଗିରି ଜିଲ୍ଲା ଗସ୍ତ କରି ଏମ୍‌ଭି-୨୬ ଓ ରାଖେଲଗୁଡ଼ା ଗାଁର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେଠାରେ ପହଞ୍ଚି କେଉଁ ପରିସ୍ଥିତିରେ

### ରିପୋର୍ଟ ସଂଗ୍ରହ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦେବେ ତଥ୍ୟ

ଆଦିବାସୀ ମହିଳାଙ୍କ ହତ୍ୟା ହୋଇଥିଲା, ତାହାର ଟିକିନିଖି ତଥ୍ୟ ଗାଁ ଲୋକଙ୍କଠାରୁ ସଂଗ୍ରହ କରିଥିଲେ। ପରେ ଏମ୍‌ଭି ୨୬ ଗାଁ କୁ ଯାଇ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ବଙ୍ଗୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ କାହିଁକି ଏମଭି ୨୬ ଗାଁରେ କ୍ଷୟକ୍ଷତି କରିଥିଲେ, ତାହାର ମଧ୍ୟ ଟିକିନିଖି ତଥ୍ୟ ସଂଗ୍ରହ କରିଛି ବିଜେଡି ଟିମ୍। ଉଭୟ ଆଦିବାସୀ ଓ ବଙ୍ଗାଳି ଲୋକେ ଆଗାମୀ ଦିନରେ କିପରି ଶାନ୍ତି ବଜାୟ ରଖିବେ, ସେନେଇ ବିଜେଡି ଚେଷ୍ଟା କରିବ ବୋଲି ବିଜେଡି ନେତା ପ୍ରଦୀପ ମାଝି କହିଛନ୍ତି।

ଘଟଣା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କହିଛନ୍ତି। ଏହାପରେ ଏହି



ଟିମ୍ ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଛନ୍ତି। ଅନ୍ୟପଟେ, ରାଖେଲଗୁଡ଼ା ଗ୍ରାମର ମୃତ ମହିଳାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସରକାର ଓ ବିଜେଡି ଟିମ୍ ନିକଟରେ ଦାବି ରଖିଛନ୍ତି ଜିଲ୍ଲା କୋୟା ସମାଜ ଓ ଗ୍ରାମବାସୀ। ଏହାସହ ଏମ୍‌ଭି ୨୬ ହିଂସାକାଣ୍ଡରେ ଯେଉଁମାନଙ୍କୁ ଗିରଫ କରାଯାଇଛି, ସେମାନଙ୍କୁ ଜାମିନ ପ୍ରଦାନ ସହ ଛାଡ଼ିବା ପାଇଁ ଦାବି କରିଛନ୍ତି। ଭଙ୍ଗା, ଉଜୁଡା ଘର ବାହାରେ ପ୍ରଶାସନ ଯୋଗାଇଥିବା ଜରି ପାଲ ତଳେ ଏମ୍‌ଭି ୨୬ ଗ୍ରାମବାସୀ ଦିନ କାଟୁଥିବା ଦେଖିବାକୁ ମିଳିଛି। ଆଖିରୁ ଲୁହ ଶୁଖୁ ନଥିବା ବେଳେ ପ୍ରଶାସନ ଓ ଅନ୍ୟମାନଙ୍କଠାରୁ ମିଳୁଥିବା ସହାୟତାରେ ଦୁଇ ଓଳି ଖାଦ୍ୟ ମିଳୁଥିବା ବେଳେ ନିଜ ଭଙ୍ଗା ଘରକୁ କେବେ ସଜାଡ଼ିବେ, ସେଥିପାଇଁ କେବେ ସରକାର ସହାୟତା ଯୋଗାଇବେ, ତାହାକୁ ଅପେକ୍ଷା କରି ଲୋକେ ରହିଥିବା ପ୍ରକାଶ କରିଛନ୍ତି।

ବିଜେଡିର ଏହି ଟିମ୍‌ରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନାରାୟଣ ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠ ବେଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ ଓ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ରହିଛନ୍ତି। ତୃଣମୂଳ ସ୍ତରରୁ ସ୍ଥିତି ଅନୁସନ୍ଧାନ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏହି ଟିମ୍ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ହଙ୍ଗାମା...

ଆର୍‌ଏସପିର ଏନକେ ପ୍ରେମଚନ୍ଦ୍ରନ ସମେତ ବିଭିନ୍ନ ଦଳର ନେତା ସାମିଲ ହୋଇଥିଲେ। 'ଗାନ୍ଧୀଜୀ କୋ ଅପମାନ, ନହିଁ ସହେଗା ହିନ୍ଦୁସ୍ତାନ' ଭଳି ସେମାନେ ସ୍ଲୋଗାନ ଦେଇଥିଲେ। ସରକାରଙ୍କର ନାମ ବଦଳା ନୀତିର ତୀବ୍ର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ବିଭିନ୍ନ ସ୍କିମର ନାମ ବଦଳାଇବା ସରକାରଙ୍କର ନିଶା ହୋଇଗଲାଣି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଏତେ ଅସହିଷ୍ଣୁତା କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କୌଣସି ସ୍କିମର ନାମ ପରିବର୍ତ୍ତନ କଲେ, ଏଥିରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସରକାର କାହିଁକି ଏମିତି କରୁଛନ୍ତି, ତାହା ସେ ବୁଝିପାରୁ ନାହାନ୍ତି। ସେ କହିଲେ ଯେ ମନରେଗାରେ ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ବର୍ଷକୁ ଶହେ ଦିନର ନିଯୁକ୍ତି ପାଇଁ ଗ୍ୟାରେଣ୍ଟି ଦିଆଯାଇଛି। କିନ୍ତୁ ନୂଆ ସ୍କିମରେ ଏହି ଅଧିକାରକୁ ଦୁର୍ବଳ କରି ଦିଆଯାଇଛି। ସେ କହିଲେ ଯେ ନୂଆ ସ୍କିମରେ କାର୍ଯ୍ୟଦିବସକୁ ବୃଦ୍ଧି କରାଯାଇଛି। ତେବେ ମଜୁରି କାହିଁକି ବଢ଼ାଇଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମନରେଗାରେ କାର୍ଯ୍ୟ ସଂପର୍କରେ ପଞ୍ଚାୟତ ନିଷ୍ପତ୍ତି ନେଉଥିଲା, କିନ୍ତୁ ଏବେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏସଂକ୍ରାନ୍ତ ବିଲର ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ବିରୋଧ କରି ଆସୁଛନ୍ତି। ଗାନ୍ଧୀଙ୍କ ନାମରେ ଥିବା ସ୍କିମଗୁଡ଼ିକୁ ଦୁର୍ବଳ କରିବା ଲାଗି ସେ ୨୦୧୪ରୁ ଚକ୍ରାନ୍ତ ଚଳାଇଛନ୍ତି।

ଜି ରାମ ଜି ବିଲ୍ ଗାନ୍ଧୀଙ୍କ ପ୍ରତି ଅପମାନ ଏବଂ କଂଗ୍ରେସ ଏହାର ବିରୋଧ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

### ଅଲୋଡ଼ା ରେକର୍ଡ...

ଦେଖିବା ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟରେ ୧.୬୩% ହ୍ରାସ ଘଟିଥିବାବେଳେ ବାଂଲାଦେଶୀ ଟଙ୍କା ମୂଲ୍ୟରେ ୨.୦୬% ହ୍ରାସ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଟଙ୍କାର ମୂଲ୍ୟ ଚଳିତବର୍ଷ ୫.୩% ହ୍ରାସ ପାଇଛି। ଗତ ମୁଦ୍ରା ନୀତି ସମୀକ୍ଷା(ଏମ୍‌ପିସି) ବୈଠକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ, ଆମେ ଡଲାର ତୁଳନାରେ ଟଙ୍କାର କୌଣସି ସ୍ତର ସ୍ଥିର କରିନାହୁଁ। ଡଲାର ଚାହିଦା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଏହା ପୂର୍ବରୁ, ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ କହିଥିଲେ ଯେ ସେ ଟଙ୍କାର ବର୍ତ୍ତମାନର ହ୍ରାସକୁ ନେଇ ଚିନ୍ତିତ ନୁହଁନ୍ତି। ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହୋଇଛି। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ର ଉପରେ ଅନୁଭୂତ ହେଉଛି। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ିବାର ଯଥେଷ୍ଟ ସମ୍ଭାବନା ଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

### ୧୩ ଜୀବନ୍ତ...

ଛାଇ ରହିଥିଲା। ଅଚାନକ ଏକ ସ୍ଲିପର ବସ୍ ସାମ୍ନାକୁ ଧୂଆଁ ଆସି ଯାଇଥିଲା। ଏହା ଦେଖି ଡ୍ରାଇଭର ବ୍ରେକ ମାରି ବେଗ କମ୍ କରିଥିଲେ। ଏହି ସମୟରେ ପଛରୁ ଆସୁଥିବା ୬ଟି ବସ୍ ଏବଂ ୪ଟି କାର୍ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ଏସି ବସ୍ ଏବଂ କାର୍ ଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସୁଯୋଗ ମିଳି ନ ଥିଲା। ଏହା ଏତେ ଭୟଙ୍କର ଥିଲା ଯେ ବସରୁ କଟି ଯାଇଥିବା ଅଙ୍ଗପ୍ରତ୍ୟଙ୍ଗ ମିଳିଛି। ପୁଲିସ ଏହାକୁ ୧୭ଟି ପଲିଥିନ ବ୍ୟାଗ୍‌ରେ ନେଇ ଯାଇଛି। ଏବେ ଡିଏନଏ ପରୀକ୍ଷା କରି ମୃତକଙ୍କୁ ଚିହ୍ନଟ କରାଯିବ। ଏହି ଦୁର୍ଘଟଣାର ସୂଚନା ପାଇବା ପରେ ଦମକଳ ବାହିନୀ, ୯ଟି ଥାନାର ପୁଲିସ ଏବଂ ଏସ୍‌ଡିଆରଏଫ ଯବାନ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦୀର୍ଘ ୬ ଘଣ୍ଟା ପରିଶ୍ରମ କରିବା ପରେ ଉଦ୍ଧାର ଅଭିଯାନ ଶେଷ ହୋଇଥିଲା। ଦୁର୍ଘଟଣା ଯୋଗୁଁ ୩ କିମି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ପ୍ରଶାସନ ଏହି ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି।

### ଧରାଛୁଆଁ ବାହାରେ...

ଘଟଣାରେ ନିଜର କ୍ଷୋଭ ରୋକି ପାରିନାହାନ୍ତି। ୧୩ ବର୍ଷ ତଳେ ଘଟିଥିବା ଦିଲ୍ଲୀର ନିର୍ଭୟା ଗଣଦୁଷ୍କର୍ମକୁ ଏହି ଘଟଣା ମନେ ପକାଇ ଦେଇଛି ଓ ଏବେବି କିଛି ପରିବର୍ତ୍ତନ ହୋଇ ନାହିଁ ବୋଲି ମହିଳା ଆଇଏଏସ୍ ଆବୋଲି ଏସ୍ ନରୱାଣେ କହିଛନ୍ତି।

ଧଉଳି ଲଜ୍ଜାକୁ ନେଇ ସାରା ରାଜ୍ୟ ସ୍ତବ୍ଧ। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ହେଲେ ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀକୁ ଧରିବାରେ ପୁଲିସ ସକ୍ଷମ ହୋଇନାହିଁ। ଗଣଦୁଷ୍କର୍ମର ମାଷ୍ଟର ମାଇଣ୍ଡ ଶିଶୁପାଳଗଡ଼ ଅଞ୍ଚଳର ଜୋକର ହାପି ୬ଦିନ ଧରି ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛି। ପୂର୍ବରୁ ଅନେକ ମାମଲାରେ ଜୋକର ହାପି ଜେଲ ଯାଇଛି। ତଣ୍ଟିକଟା ଠାରୁ ଆରମ୍ଭ କରି, ଲୁଟ୍, ଛିନ୍‌ତାଇ, ଜମି କବଜା, ଘରେ ପଶି ଆକ୍ରମଣ କରିବା ଭଳି ୨୦ଟି ମାମଲା ସଙ୍ଗିନ ମାମଲା ଧଉଳି ଏବଂ ଲିଙ୍ଗରାଜ ଥାନାରେ ତା ନାମରେ ରୁଜୁ ହୋଇଛି। କିଛିଦିନ ତଳେ ସେ ଜେଲରୁ ମୁକୁଳିଥିଲା ଓ ଏହାପରେ ଏହି ଘଟଣା ଘଟାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କମିସନରେଟ୍ ପୁଲିସ ମୌନବ୍ରତ ଅବଲମ୍ବନ କରିଛି। ପୁଲିସ କମିଶନର, ଡିସିପିଙ୍କ ଠାରୁ ଆରମ୍ଭ କରି ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ମୁହଁ ଖୋଲୁ ନାହାନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ଗିରଫଦାରି ସମ୍ପର୍କରେ ତ ନିରବତା ଅବଲମ୍ବନ କରୁଛନ୍ତି, ଅନ୍ୟପକ୍ଷରେ ଗିରଫ ଦୁଇ ଅଭିଯୁକ୍ତଙ୍କ ନାଆ ମୁହଁରେ ଧରୁନାହାନ୍ତି। ପୂର୍ବରୁ ଏଭଳି ଅନେକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ନାଆ ସହ ପ୍ରେସ୍ ବିବୃତି ଜାରି କରିଛି। ମାତ୍ର ଏହି ଘଟଣାକୁ ନେଇ ଗତକାଲି ପ୍ରେସ ବିଜ୍ଞପ୍ତିରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ନାମ ଲେଖିନାହିଁ ପୁଲିସ। ଅଭିଯୁକ୍ତଙ୍କ ନାମ ସାମ୍ନାକୁ ନ ଆସୁ ବୋଲି ପୁଲିସକୁ କୌଣସି ଆଡୁ ଚାପ ପଡୁଛି ବୋଲି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଆଜି ମହିଳା କମିଶନ ସଦସ୍ୟା ଊର୍ମିଳା ମହାପାତ୍ର ଧଉଳି ଥାନା ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀଙ୍କ ସହ ମାମଲାର ସମ୍ବେଦନଶୀଳତାକୁ ନେଇ ସେ ଆଲୋଚନା କରିଛନ୍ତି। ଏହା ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

### ସୀମା ଟପୁଛି...

ସରକାର ବିଶ୍ୱସନୀୟତା ହରାଉଛି। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ? ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରି ନ ପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି ବୋଲି ନବୀନ କହିଛନ୍ତି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।


**AFFIDAVIT**

I SUCHITRA PANDA, W/o - PANCHANANA DASH, resident of At - Dash Lane, Power House Colony, Po/Ps - Jeypore, Dist- Koraput, Pin - 76400, Odisha declare by this Affidavit No. 5174 Dated - 15/12/2025, that now onwards I shall be known as **SUCHITRA DASH** For all future purpose.

**AFFIDAVIT**

I JAMI SWATHI, W/o - JAMI SRINIVASA RAO, resident of At - Main Road, Po/Ps/Dist - Malkangiri, Pin - 764045, Odisha declare by this Affidavit No.5221, Dated -16/12/2025, that now onwards I shall be known as **JAMI SWATHI RAO** for all future purposes.

**FOR SALE**

1 Number of TRACTOR - MAHINDRA 575 DI YOVO, Registration No.- OD-22-X-0365, Model- 2023, ENGINE NO - ZPB5GKF7408, CHASSIS NO - MBNSFALBPPZB01787, For Details, contact –8895995989, 9437355692, Second floor, Plot No-353/2585, Building No-723/1793, At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703"

**AFFIDAVIT**

I,Roshan Ara Begum, W/o-Mirza Shamim Ali Baig, permanent resident of Jagannath Sahi,Idgha Basti near Masjid, PO - Chandini chouk,Dist- Cuttack, Pin - 753002,Odisha, declare by this affidavit No -12012, dated -10.12.2025, that now onwards I shall be known as **ROUSHAN ARA BEGUM** for all future purposes.

**FOR SALE**

We have 2 nos repossessed Mahindra Tractor for sale : (1). MAHINDRA 405 YUVO TECH + ( OD-15Z-6560), (2). MAHINDRA 585 YUVO TECH + ( Un-Registered) in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days .

**LOST**

**ATTENTION ! ATTENTION ! ATTENTION**

**LOSS OF HOUSE ALLOTMENT LETTER**

**I, Puneet Chhillar, residing at NCC directorate Odisha, Chandrasekharpur. My Home allotment letter cum possession letter for C-702 RKCGHS, Sector-23, Dwarka, Delhi has been lost. If anyone finds, please contact on: 7756976335**

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:* 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**NOTICE**

By virtue of an affidavit sworn before Executive Magistrate, Baripada, Mayurbhanj, dated 12/12/2025, I SK SURAJ , S/o Sekh Azijulla At- Paredpadia Ward No.16, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SEC SURAJ to SK SURAJ. Henceforth, I shall be known as SK SURAJ for all purposes.

Sd/- SK SURAJ

**AFFIDAVIT**

By virtue of an affidavit sworn before notary public Bhubaneswar, dated 09th December – 2025, I Labana Banra residing at-Astakuanr, Po- Astakuanr, Ps-Jashipur, Dist-Mayurbhanja, Odisha, Pin-757034 declare that I have change my name from Masuri Banra Henceforth, I shall be known as **Labana Banra** for all purposes.

Labana Banra

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/93, ତା.12.12.2025ରିଖ

(1) ଟେଣ୍ଡର ସଂ. etenderhqkur-310-2025, ତା.03.12.2025ରିଖ

**ବିବରଣୀ :** ପୁରୀରେ ନୀଳାଚଳ ରେଷ୍ଟ ହାଉସ୍ ଏବଂ କୋଣାର୍କ ରେଷ୍ଟ ହାଉସ୍‌ର ପ୍ରସ୍ତାବିତ ମରାମତି, ଯେପରିକି ଟାଇଲ୍ ଲଗେଇବା, କବାଟ ଓ ଝରକାଗୁଡ଼ିକୁ ବଦଳାଇବା, ୱାଲ୍ ପ୍ୟାନେଲିଙ୍ଗ୍, ଜିପ୍‌ସମ ବୋର୍ଡ଼ ଲଗେଇବା, ପ୍ଲାଷ୍ଟରିଙ୍ଗ୍ ଇତ୍ୟାଦି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 295.53 ଲକ୍ଷ, EMD : ₹ 2,97,800/-

(2) ଟେଣ୍ଡର ସଂ. etenderEastkur-314-2025, ତା.04.12.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ /I/ କଟକ ପରିସୀମା ଅଧିନସ୍ଥ ପଥ ପାର୍ଶ୍ୱ (Way Side) ଷ୍ଟେସନ ଷ୍ଟାଫ କ୍ୱାର୍ଟର ଏବଂ ସେବା ଭବନଗୁଡ଼ିକର ବିବିଧ କାର୍ଯ୍ୟର ପ୍ରସ୍ତାବିତ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 250.58 ଲକ୍ଷ, EMD : ₹ 2,75,300/-

(3) ଟେଣ୍ଡର ସଂ. etenderhqkur-304-2025, ତା.03.12.2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ପୁରୀ ସ୍ଥିତ ସ୍କାଉଟ୍ ଏବଂ ଗାଇଡ୍ ବିଲ୍ଡିଙ୍ଗକୁ ବ୍ୟବହାର ଯୋଗ୍ୟ / ବାସୋପଯୋଗୀ ଅବସ୍ଥାକୁ ଆଣିବା ପାଇଁ ତାହାର ମରାମତି ଏବଂ ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 121.99 ଲକ୍ଷ, EMD : ₹ 2,11,000/-

ଶେଷ ହେବା ଅବଧି : 6 (ଛଅ) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 2 ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକେରିୟରାଫିକ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-908/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide No.124, date-13/10/2025. I, **Mrs. Sabita Das,** Address: At-Lokipur, Salapadiha, Nachuni, Banapur, Gangadharpursasan, Odisha, PIN-752034, declare that I have changed my minor daughter's name from **Ruji Das to Rojalin Das.** Henceforth, she shall be known as **Rojalin Das** for all purposes.

**Sabita Das**

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4475, dated-12/12/2025 I, **Smt. Bharati Nayak,** resident of At-Alipada, Po-Adal, Block-Kanas, Ps-Gadisagoda, Dist-Puri, Odisha, Pin-752019 declare that I have changed the name of my son's from **Chandrakanti Nayak to Chandrakanta Nayak.** Henceforth, he shall be known as **Chandrakanta Nayak** for all purposes.

**Bharati Nayak**

**Form No. NCLT 3A**
**Advertisement Detailing Petition**
**[See Rule 35]**
**Company Petition No. 69/CB/2025**
**Notice of Petition/Application**

A petition/application under Section 131 of the Companies Act, 2013, for revision of financial statements of **SURENDRA ESTCON PRIVATE LIMITED (Petitioner)** for the financial year ended 31st March 2024 was presented by the Petitioner on **19th November 2025,** and the said petition is fixed for hearing before Cuttack Bench of the Hon'ble National Company Law Tribunal on **09th January 2026.**

Any person desirous of supporting or opposing the said petition/application should send to the Petitioner's counsel, notice of his intention, signed by him or his advocate, with his name and address, so as to reach the Petitioner's counsel not later than 2 (Two) days before the date fixed for the hearing of the petition/application. Where he seeks to oppose the petition/application, the grounds of opposition or a copy of his affidavit shall be furnished with such notice.

A copy of the petition/application will be furnished by the undersigned to any person requiring the same on payment of the prescribed charges for the same.

Place: Bhubaneswar
Date: 17.12.2025

Sd/-FCS Gopinath Nayak
Practicing Company Secretary
(Counsel for the Petitioner)
Plot No.-186, First Floor, District Center, Chandrasekharpur
Bhubaneswar-751016, Odisha

**ACRE** MAKING ASSETS WORK

**ଆସେଟ୍ସ କେୟାର୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ ଲିମିଟେଡ୍.**

ୟୁନିଟ୍ ନଂ -୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡିଭେଲପର୍ସ, ପ୍ଲଟ୍ ନମ୍ବର ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ - ୪୦୦୦୫୧

**ସିକ୍ୟୁରିଟାଇଜେସନ୍ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଅଧିନିୟମର ଧାରା ୫ ର ପ୍ରାବଧାନ ଅନୁଯାୟୀ, ACRE-ARC 'ହସ୍ତାନ୍ତରକାରୀ' ଙ୍କଠାରୁ ଋଣଗ୍ରହିତାଙ୍କ ସମସ୍ତ ଆର୍ଥିକ ସମ୍ପତ୍ତି ଏବଂ ଏହା ସହିତ ଜଡ଼ିତ ପ୍ରତିଭୂତିଗୁଡ଼ିକୁ ଅଧିଗ୍ରହଣ କରିଛି। ଉକ୍ତ ଋଣ ଅଧିଗ୍ରହଣ ବଳରେ, ଆର୍ଥିକ ଦଲିଲ ଏବଂ ପ୍ରତିଭୂତିଗୁଡ଼ିକର ହସ୍ତାନ୍ତର ମାଧ୍ୟମରେ, ACRE-ARC ଜଣେ ଟ୍ରଷ୍ଟି ଭାବରେ କାର୍ଯ୍ୟ କରି ଋଣଗ୍ରହିତାଙ୍କ ବକେୟା ଋଣର ସମସ୍ତ ଅଧିକାର, ସତ୍ତ୍ୱ ଏବଂ ସ୍ୱାର୍ଥ ହାସଲ କରିଛି। ACRE-ARC ବର୍ତ୍ତମାନ ହସ୍ତାନ୍ତରକାରୀଙ୍କ ସ୍ଥାନ ନେଇ ଋଣଗ୍ରହିତାଙ୍କ ପାଇଁ ଏକ 'ସୁରକ୍ଷିତ ପାଉଣାଦାର' ସାଜିଛି ଏବଂ ଋଣ ସୁବିଧା ବାବଦରେ ବକେୟା ଅର୍ଥ ଆଦାୟ କରିବା ସହ ଏଥିପାଇଁ ଥିବା ସୁରକ୍ଷା ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା ପାଇଁ ହକଦାର ଅଟେ।

| ଋଣ ଆକାଉଣ୍ଟ ନଂ. | ଏକର ଟ୍ରଷ୍ଟ | ପୋର୍ଟଫୋଲିଓ | ACRE ହସ୍ତାନ୍ତର ତାରିଖ | ଋଣଗ୍ରହୀତା/ ସହ ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଓ ପରିମାଣ ଧାରା ୧୩(୨) ଅନୁଯାୟୀ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|---|---|
| 5900001743 & 5900001407 | Trust 174 | ପିରାମଲ | ୨୮.୦୩.୨୦୨୫ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ (ଋଣଗ୍ରହୀତା), ଦୁଃଶାସନ ପ୍ରଧାନ (ସହ ଋଣଗ୍ରହୀତା) | ୦୪ ନଭେମ୍ବର ୨୦୨୫ ଏବଂ ୦୪ ନଭେମ୍ବର ୨୦୨୫ ସୁଦ୍ଧା ଟ. ୨୧,୯୪,୯୧୦ | ଜିଲ୍ଲା-ପୁରୀ, ତହସିଲ-ଗୋପ , ଗୋପ ରେଜିଷ୍ଟ୍ରେସନ ଅଫିସ ଏବଂ ଥାନା-ଗୋପ(ଥାନା ନଂ. ୧୨୭), ମୌଜା-ତରାହଣା, ସ୍ଥିତିବାନ, ଖାତା ନଂ. ୨୫୪, ପ୍ଲଟ ନଂ. ୧୭୨ ଏବଂ ମୋଟ କ୍ଷେତ୍ର ଏକର ୦.୧୬୦ ଡିସିମିଲି, କିସମ 'ଘରବାରି', ଏହାର ଚତୁଃପାର୍ଶ୍ୱସୀମା : ଉତ୍ତର-ବୁଲା ପ୍ରଧାନ, ଦକ୍ଷିଣ-ସୁକାନ୍ତ ପ୍ରଧାନ, ପଶ୍ଚିମ-ଗ୍ରାମ୍ୟରାସ୍ତା, ପୂର୍ବ-ସୁକାନ୍ତ ପ୍ରଧାନ ଓ ଟହଲି ପ୍ରଧାନ |

ନୋଟିସ୍‌ର 'ବିକଳ୍ପ ସେବା' (Substituted service) ବା ବିକଳ୍ପ ଜାରି ପାଇଁ ପଦକ୍ଷେପ ନିଆଯାଉଛି। ଉପରୋକ୍ତ ଋଣଗ୍ରହିତା, ସହ-ଋଣଗ୍ରହିତା ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟରମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ପୈଠ କରିବାକୁ ପରାମର୍ଶ ଦିଆଯାଉଛି। ଏଥିରେ ବିଫଳ ହେଲେ, 'ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ, ୨୦୦୨' (SARFAESI Act) ର ପ୍ରାବଧାନ ଅନୁଯାୟୀ ଏହି ନୋଟିସ୍ର ୬୦ ଦିନ ଅତିକ୍ରମ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଆପଣଙ୍କୁ ଅବଗତ କରାଯାଉଛି କି, ଉକ୍ତ ନୋଟିସ୍ଟି ଧାରା ୧୩(୧୩) ଅନ୍ତର୍ଗତ ମଧ୍ୟ ଅଟେ, ଯାହା ମାଧ୍ୟମରେ ଋଣଗ୍ରହିତା/ଗ୍ୟାରେଣ୍ଟର/ବନ୍ଧକକାରୀଙ୍କୁ ସୂଚନା ଦିଆଯାଉଛି ଯେ, ଉକ୍ତ ବନ୍ଧକ ରଖାଯାଇଥିବା ସମ୍ପତ୍ତିକୁ ବିକ୍ରୟ, ଲିଜ୍ (ପଟ୍ଟା) କିମ୍ବା ହସ୍ତାନ୍ତର କରାଯାଇପାରିବ ନାହିଁ।

**ତାରିଖ: ୧୭.୧୨.୨୦୨୫**
**ସ୍ଥାନ: ପୁରୀ**

**କ୍ଷମତାପ୍ରାପ୍ତ ଅଧିକାରୀ**
**ଆସେଟ୍ସ କେୟାର୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍.ଲି.**

**GANJAM CLUB LTD.**

**BERHAMPUR - 760004, Ph.: 0680 - 2203377**

**TENDER CALL / BID NOTICE**

The Secretary, Ganjam Club Limited, Berhampur invites proposals for technical bid and Financial Bid separately in sealed covers from prospective bidders for Lease-cum/Development /Up gradation, Operation and Maintenance of Ganjam Club Limited, Berhampur for Accommodation of Ganjam Club / and Construction of other properties and advised to carefully study the RFP document.

Before submitting the proposal, in response to the RFP time schedule visit the properties offered in this RFP. Submission of proposal in response to this RFP shall be deemed to have been done after careful study and examination of this document and visiting of the property as per the time schedule given in RFP conditions. The Club- authorities reserve the right to accept or reject any bid without assigning any reason thereof.

The REF document will be available at a Non-Refundable amount of Rs. 10,000/- (Rupees Ten Thousand) only from 20.12.2025 to 27.12.2025.

The bids are to be submitted to the undersigned by Speed Post only on or before 31 .12.2025.

**Secretary Ganjam Club Ltd.**
**Berhampur**

## ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ



ନୂଆପଡ଼ା,୧୬ ।୧୨(ସମିସ):ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସମଗ୍ର ଜିଲ୍ଲାରେ ପଞ୍ଚାୟତସ୍ତରରୁ ଜିଲ୍ଲାସଦର ମହକୁମା ପର୍ଯ୍ୟନ୍ତ ବ୍ୟାପକ ସଚେନନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନିଷ୍ପତ୍ତି ଗୃହୀତ ହୋଇଛି । ସବୁ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଶିଶୁ ଶ୍ରମିକ ନିରାକରଣ ଉପରେ ସଚେନନତା ଶିବିରର ଆୟୋଜିତ ହେବ । ଉକ୍ତ ସଚେତନତା ନିମନ୍ତେ ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସମସ୍ତ ପ୍ରକାରର ପଦକ୍ଷେପ ଯଥା ଶୀଘ୍ର ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ୨୪ତାରିଖ ଦିନ ନୂଆପଡ଼ା ସଦରମହକୁମା ଠାରେ ଏଥିପାଇଁ ଏକ ରାହାଗିରି ଆୟୋଜନ କରିଯିବ । ଏହା ମାଧମରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ । ରାହାଗିରି କାର୍ଯ୍ୟକ୍ରମରେ ଶିଶୁଶ୍ରମିକ ନିରାକରଣ ଉପରେ ନୃତ୍ୟ, ସଙ୍ଗୀତ, କଳା ଓ ଯୋଗ ଆୟୋଜିତ ହେବ । ଜିଲ୍ଲାର ସମସ୍ତ ଜନ ।ଧାରଣଙ୍କୁ ଉକ୍ତ ଉତ୍ସବରେ ଭାଗ ନେବା ନିମନ୍ତେ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ, ସହ ନିର୍ଦ୍ଦେଶକ ଶ୍ରମ ବିଭାଗ, ଜିଲ୍ଲା କ୍ରିଡା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ୧୯୮୨ଗ୍ରାଜୁଏଟ ବ୍ୟାଚ୍‌ର ବନ୍ଧୁମିଳନ



କୋକସରା,୧୬ ।୧୨(ସମିସ): ଭବାନୀପାଟଣା ସରକାରୀ ମହାବିଦ୍ୟାଳୟରୁ ୧୯୮୨ ମସିହାରେ ଗ୍ରାଜୁଏସନ ଡିଗ୍ରୀପ୍ରାପ୍ତ ପୁରାତନ ଛାତ୍ର ସମୂହଙ୍କ ବାର୍ଷିକ ସମ୍ମିଳନୀ ପର୍ଯ୍ୟଟନସ୍ଥଳୀ ଡୋକରି ଚଞ୍ଚରା ଠାରେ ଅନୁଷ୍ଠିତ ହୋଇଯାଇଛି ।ପୂର୍ବତନ ବିଧାୟକ ମୌଷଧି ବାଗ,ଗୋବର୍ଦ୍ଧନ ବାଗ, ପ୍ରେମଲାଲ ନାଏକ, ସନ୍ତୋଷ ମେହେର, ମହମ୍ମଦ ବୁରହାନ୍, ରଫିଉଦ୍ଦିନ ଖାନ୍, ଲୋକନାଥ ବେହେରାଙ୍କ ନେତୃତ୍ୱରେ ୪୮ ଜଣ ସହପାଠୀଙ୍କୁ ନେଇ କାର୍ଯ୍ୟକ୍ରମ ହେଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାଞ୍ଚ ଜଣ ଦିବଂଗତ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ନବକିଶୋର ସାହୁ, ଅଜିତ ବେହେରା, ଜୟପ୍ରକାଶ ପଣ୍ଡା, ଟୁନା ପ୍ରହରାଜ, ସନ୍ତୋଷ ଠାକୁର, ଚିତ୍ରସେନ ଜାଲ, ଗଣେଶ ରାଉତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭବାନୀପାଟଣାର ଶୁଭ୍ରାଂଶୁ ଶେଖର ସାହୁ, ରାମଚନ୍ଦ୍ର ମୁଣ୍ଡ, ସୁଧୀର କୁମାର ମହାନ୍ତି, ସୁରେଶ ପାତ୍ର, ସତ୍ୟନାରାୟଣ ଆଚାରି, ଭୁବନେଶ୍ୱରରୁ ପବିତ୍ର ମୋହନ ପାଢ଼ୀ, ପଞ୍ଚାନନ ପଣ୍ଡା, ଜୟପାଟଣାରୁ ରଜନୀକାନ୍ତ ଠାକୁର, ହେମନ୍ତ ପଣ୍ଡା, ଲଡୁଗାଁରୁ ଶିବ କୁମାର ଅଗ୍ରୱାଲ,ମଦନପୁର ରାମପୁରରୁ ପଦ୍ମଲୋଚନ ମିଶ୍ର, ନୂଆପଡ଼ା ଜିଲ୍ଲାରୁ ଶ୍ରବଣ କୁମାର ନିଆଲ, ଅବଦୁଲ ବାରି ଯୋଗ ଦେଇଥିଲେ ।

## ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ମାସିକ ସମୀକ୍ଷା



ନୂଆପଡା,୧୬ ।୧୨(ସମିସ):ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏଲଡିଏମ ହରିଶଙ୍କର ନିଆଲ,ଡିପିସି ତଥା ଡିପିଏମ ମିଶନ ଶକ୍ତି ସୁନୀଲ ମଲ୍ଲିକ ଏବଂ ବ୍ଲକ୍‌ସ୍ତରୀୟ ସମସ୍ତ ମିଶନ ଶକ୍ତି କର୍ମଚାରୀ ଉପସ୍ଥିତ ଥିଲେ । ଡିପିସି ମଲ୍ଲିକ ମାସିକ ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ ।ଓଡିଶା ଜୀବିକା ମିଶନର ଯାହା ସବୁ ଅନଲାଇନଏଣ୍ଟ୍ରି ୭ ଦିନ ମଧ୍ୟରେ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ବ୍ୟାଙ୍କ ଲିଙ୍କେଜ ସ୍ୱନସର ୧୨୦% ଡିସେମ୍ବର ଶେଷ ସୁଦ୍ଧା କରିବାକୁ ଆଦେଶ ଦେଇଥିଲେ ।ନୂଆପଡ଼ା ଜିଲ୍ଲାରେ ଗୋଟିଏ ମିଶନ ଶକ୍ତି ବଜାର ପାଇଁ ନୂଆପଡା ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ପ୍ରବାସୀ ଶ୍ରମିକ ସମସ୍ୟାକୁ କିପରି ରୋକି ହେବ ସେଥିପାଇଁ ବହୁଳ ମାତ୍ରରେ ସଚେତନତା କରିବା ଏବଂ ଆବଶ୍ୟକ ମୁତାବକ ସରକାରୀ ଯୋଜନାରେ ସହାୟତା ପ୍ରଦାନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ ।

### ଟୋକନ ସମସ୍ୟାକୁ ନେଇ ହନ୍ତସନ୍ତ ଅନ୍ନଦାତା

# ଧାନ୍ ଘିନରେ ଧାନ୍ ଘିନ, ସରକାର୍ ନାଇଁ ଘିନ୍‌ବାର୍ ଧାନ୍ ଘିନ

ସମ୍ବଲପୁର, ୧୬।୧୨ (ସମିସ)

ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ ବିକ୍ରୟ କରିବାକୁ ନେଇ ହନ୍ତସନ୍ତ ହେଉଛି ଚାଷୀ । ପୁଣି ରବି ଫସଲ ପାଇଁ ପହ୍ଲା ପକା, ରୁଆ ଆଦିର ସମୟ ହୋଇଯାଇଛି । ଧାନନେଇ ଜଗି ବସିଛି ଚାଷୀ, ସରକାର ଦେଉନାହାନ୍ତି ଟୋକନ ।ଟୋକନ ଦାବିକରି୧୨ ତାରିଖରେ ଚାଷୀମାନେ ରାସ୍ତାରୋକ କରିଥିଲେ । ସରକାର ସମାଧାନ କରିବା ବଦଳରେ ଚାଷୀଙ୍କୁ ଗିରଫ କରିଥିଲା । ଏବେ ଟୋକନ ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନମୁହାଁ । ଆସନ୍ତା ୧୯ ତାରିଖ ଚାଷୀ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି । ପୁଣି ଆଜି ପୂର୍ବାହ୍ଣରେ ଚାଷୀମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ । ରାଜରାସ୍ତାରେ ଧାନବସ୍ତା ନେଇ ଖେଜା (ପୁଡ଼ିଆ), ତାମ୍ବି, ତରାଜୁ ସହ ଧାନ ବିକ୍ରୟ କରିଥିଲେ । ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ସମ୍ବଲପୁର ବିଧାୟକ ଆସି ଟୋକନ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଚାଷୀମାନେ ତାହାକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଚାଷୀମାନେ ଆସନ୍ତା ୧୮ ତାରିଖରେ ବାଇକ୍ ରାଲି ଏବଂ ୧୯ ତାରିଖରେ ସମ୍ବଲପୁର ବନ୍ଦ କରିବେ ବୋଲି ସୂଚନା ଦେଇଛନ୍ତି ।

ଆଜି ଚାଷୀର ଅସନ୍ତୋଷ ଏବଂ ଚାଷୀର ରୋଶ ପଦାକୁ ପଡ଼ିଥିଲା । ପ୍ରଥମଥର ପାଇଁ ରାଜରାସ୍ତାକୁ ଓହ୍ଲାଇଥିଲା ଚାଷୀ । ରାସ୍ତାରେ ବସି ଧାନ ବିକ୍ରୟ କରିଥିଲା । ଧାନ ବିକ୍ରୟ କରିବାସହ ସେମାନେ ଅନ୍ନଦାତା କିଭଳି ସରକାରଙ୍କ ଅବହେଳାର ଶିକାର ହେଉଛି ସେନେଇ ସାଧାରଣ ଜନତାଙ୍କୁ ଅବଗତ କରିଥିଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଆସି ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତା ଏବଂ କଚେରୀ ଛକରେ ଧାନ ବସ୍ତା ଧରି ବସି ରହିଥିଲେ । ଏହାସହ ସେମାନେ ଧାନ ପୁଡ଼ିଆ, ମାଣ ଏବଂ ଓଜନ ପାଇଁ ତରାଜୁ ରଖିଥିଲେ । ଚାଷୀମାନେ ସ୍ଲୋଗାନ ଦେଇଥିଲେ - ସରକାର ନାଇଁ ଘିନ୍‌ବାର୍‌ଧାନ ଘିନ ଧାନ ଘିନ, ମୋହନ ମାଝି ସରକାର୍ ହାଏ ହାଏ, କୃଷ୍ଣ ପାତ୍ର ହାଏ ହାଏ, ଧାନ ନାଇଁ ଘିନ୍‌ବାର କୃଷ୍ଣ ପାତ୍ର ଗାଦି ଛାଡ଼, ଶସ୍ତା ହେଲାରେ ଧାନ ଘିନ, ଧାନ ଘିନରେ ଧାନ ଘିନ, ଆମର୍ ଦାବି ନ୍ୟାର୍ଯ୍ୟ ଦାବି - ସରକାର ତୁମେ ମାନିନିଅ, ଲଢ଼େଙ୍ଗେ-ଜିତେଙ୍ଗେ ଆଦି ସ୍ଲୋଗାନ ଦେଇଥିଲେ । ଚାଷୀମାନଙ୍କ ଏହି ପ୍ରତିବାଦସ୍ଥଳକୁ ପ୍ରଶାସନିକ ଅଧିକାରୀ କେହି ଆସିନଥିଲେ । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଅନ୍ୟ ବିଜେଡି କର୍ମକର୍ତ୍ତା ଓ କର୍ମୀମାନଙ୍କ ସହ ଆନ୍ଦୋଳନସ୍ଥଳକୁ ଆସି ଚାଷୀମାନଙ୍କ ଟୋକନ ବିରୋଧି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆସି ଆଜି ସମସ୍ତ ଚାଷୀଙ୍କ ଟୋକନ ଆସିଯିବ ବୋଲି କହିବାସହ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଦୁଇଦିନ ମଧ୍ୟରେ ଏବଂ ବଳକା ଟୋକନ ତା'ପରେ ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ, ଚାଷୀମାନେ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ । ବିଧାୟକ ଉପସ୍ଥିତ ଥିବା ସମୟରେ ମଧ୍ୟ ଚାଷୀମାନେ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା । ଏହାପରେ ବିଧାୟକ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବାକୁ ଯାଉଛି ବୋଲି ସେଠାରୁ ଚାଲି ଯାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଚାଷୀମାନଙ୍କ ଧାନକିଣା ପ୍ରସଙ୍ଗ ମଧ୍ୟରେ ଭୁବନେଶ୍ୱରରେ ସମସ୍ତ ନିଷ୍ପତ୍ତି ନନେଇ ସ୍ଥାଣୁ ହୋଇଯାଇଥିବା ଜିଲ୍ଲାସ୍ତରୀୟ ଧାନସଂଗ୍ରହ ସମିତି (ଡିଏଲପିସି)କୁ ଧାନକିଣା ଓ ଟୋକନ ଆଦିର କ୍ଷମତା ଦେବା ଦାବି ରହିଛି । ଅପରାହ୍ଣ ପ୍ରାୟ ୧ଟାବେଳେ ଚାଷୀମାନେ ପରିବା ଓ ଅନ୍ୟ ବିକାଳି ଭଳି ସେମାନଙ୍କ ଧାନବସ୍ତା ନେଇ ଘରକୁ ଫେରି ଯାଇଥିଲେ ।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଜିଲ୍ଲାର ୬୫ ହଜାରରୁ ପ୍ରାୟ ୨ ହଜାର ଆସିନାହିଁ । ଏହାସହ ପ୍ରାୟ ୩୦ରୁ ୪୦ ହଜାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ଟୋକନ ଆସିନାହିଁ । ବିଧାୟକ ଆସି କହିଲେ, ବଳକା ଟୋକନ ଆସିଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଦୁଇଦିନ ମଧ୍ୟରେ ଆସିବ ଏବଂ ବଳକା ଟୋକନ ପରେ ଆସିବ । ପୂର୍ବରୁ ଫୁଡ୍ ପୋର୍ଟାଲରେ ଚାଷୀର ସମସ୍ତ ପର୍ଯ୍ୟାୟ ଟୋକନ ଅନ୍‌ଲାଇନରେ ଦେଖାଯାଉଥିଲା । ଏବେ ତାହାକୁ ବନ୍ଦ କରିଦିଆଯାଇଛି । ପୂର୍ବଭଳି ଚାଷୀ ସମସ୍ତ ଟୋକନ ଏକସମୟରେ ଦେଖିପାରିବା ଭଳି ବ୍ୟବସ୍ଥା ତୁରନ୍ତ କରାଯାଉ । କେବଳ ଦ୍ୱିତୀୟ ଟୋକନ ଆସିଗଲେ ସମସ୍ୟାର ସମାଧାନ ହେବନାହିଁ । ଆଜି ରାସ୍ତାରେ ପ୍ରତିବାଦ ଆନ୍ଦୋଳନ କରାଯାଇଛି, ୧୮ରେ ବାଇକ୍ ରାଲି କରି ସମସ୍ତ ଜନସାଧାରଣ ତଥା ସମସ୍ତ ସଂଘଙ୍କୁ ଅନ୍ନଦାତା ମାନଙ୍କ ସହ ୧୯ ତାରିଖ ବନ୍ଦରେ ସହଯୋଗ ପାଇଁ ଅନୁରୋଧ କରାଯିବ । ଯୋଗାଣ ମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ବିରୋଧ କରି ଶ୍ରୀ ଠାକୁର କହିଲେ ଯେ, ଯୋଗାଣ ମନ୍ତ୍ରୀ ପ୍ରଥମେ କୃଷି ବିଭାଗକୁ ବନ୍ଦ କରନ୍ତୁ ଯେଉଁମାନେ ଧାନ ଉତ୍ପାଦ ବଢ଼ାଇବା ପାଇଁ ହାଇବ୍ରିଡ ବିହନ, ଭିଟାମିନ ଆଦି ବତାଇବା ସହ ଚାଷୀକୁ ତାଲିମ ଦେଉଛନ୍ତି । ଯେତେବେଳେ ଉତ୍ପାଦନ ହେବ ସେତେବେଳେ ତାଲିମ ଦେବ ଏବଂ ଚାଷୀ ଉତ୍ପାଦନ କରିବାପରେ କହିବ ରାସ୍ତାରେ ଫିଙ୍ଗିଦିଅ, ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ । ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଛନ୍ତି, ଚାଷୀମାନଙ୍କ ସ୍ୱାର୍ଥ ପୂରଣ ହେଉ ଏହା ଆମର ଏକମାତ୍ର ଲକ୍ଷ୍ୟ । ତାଙ୍କ ପ୍ରତି ଯେଉଁ ଅନ୍ୟାୟ ହେଉଛି ମୋହନ ସରକାରଙ୍କ ଦ୍ୱାରା ତାହାର ନ୍ୟାୟ ମିଳୁ । ଚାଷୀମାନଙ୍କୁ ଟୋକନ ମିଳୁ ଏବଂ ସେମାନଙ୍କ ଧାନ ବିକ୍ରୟ ହେଉ । ବିଜେପିର ନେତାମାନେ ବିଗତ ଦିନରେ ଆସି ଚାଷୀ ଆନ୍ଦୋଳନରେ ସାମିଲ ହେଉଥିଲେ କିନ୍ତୁ ଏବେ ସେମାନଙ୍କର ଦେଖାନାହିଁ । ଆମେ ସରକାରରେ ଥିବାବେଳେ ଚାଷୀମାନଙ୍କ ସମସ୍ତ ଆନ୍ଦୋଳନରେ ଆସି ଛିଡ଼ା ହୋଇଛୁ, ଆଜି ବି ଅଛୁ ଏବଂ ଆଗକୁ ମଧ୍ୟ ସମର୍ଥନ ରହିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ବିଷୟରେ ଜଣାଇଲେ, ସେମାନେ ସହମତ ହେଉନାହାନ୍ତି, ମୁଁ ପୁଣି ସରକାରଙ୍କ ସହ କଥାବାର୍ତ୍ତା ହେବି । ସମାଧାନର ସୂତ୍ର ଶୀଘ୍ର ବାହାର କରାଯିବ । ସରକାର ୭୫ କ୍ୱିଣ୍ଟାଲର ଟୋକନ ଦେଇ ସାରିଛନ୍ତି, ଆଜି କିମ୍ବା କାଲି ସୁଦ୍ଧା ଆଉ ୭୫ କ୍ୱିଣ୍ଟାଲର ଟୋକନ ଦିଆଯିବ, ପରେ ବଳକା ଧାନର ଟୋକନ ଦିଆଯିବ । ସାତଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ତାଙ୍କ ଧାନ ଉଠାଇ ଦିଆଯିବ । ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ବିଷୟରେ ବିଧାୟକ ଶ୍ରୀ ମିଶ୍ର କହିଲେ ଯେ, ତାହାକୁ ଭୁଲ ଇଣ୍ଟରପ୍ରିଟ୍ କରାଯାଇଛି ।




### ୧୯ରେ ସମ୍ବଲପୁର ବନ୍ଦ

ସମ୍ବଲପୁର ଜିଲ୍ଲାରେ ଗତ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବା ସତ୍ତ୍ୱେ ଧାନ କିଣାବିକା ଆରମ୍ଭ ହୋଇନଥିଲା । ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଜାତୀୟ ରାଜପଥଠାରେ ଅର୍ଥନୈତିକ ଅବରୋଧ କରିବାପରେ ହିଁ ଧାନ ଉଠିଥିଲା । ତେବେ, ଟୋକନ ନ ମିଳିବାରୁ ପୁଣି ଚାଷୀମାନେ ଗତ ୧୨ ତାରିଖ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମା ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଚାଷୀମାନଙ୍କୁ ପୁଲିସ ଗିରଫ କରିଥିଲା । ଏଥିରେ ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା ସତ୍ତ୍ୱେ ମଣ୍ଡି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି । ଗତ ରବିବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବରେଇପାଲି ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଟୋକନ ପାଇଁ ଆସନ୍ତା ୧୯ ତାରିଖରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି । ୧୮ ତାରିଖରେ ଚାଷୀମାନେ ସମ୍ବଲପୁରରେ ବିଶାଳ ବାଇକ୍ ରାଲି କରିବେ । ସମ୍ବଲପୁର ବନ୍ଦରେ ସହରବାସୀ, ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନଙ୍କୁ ଯୋଡ଼ିବାକୁ ଚାଷୀମାନେ ଉଦ୍ୟମ କରୁଛନ୍ତି ।

## ଟିକ୍ରାପଡ଼ାବାସୀଙ୍କୁ ଝରଣା ପାଣି ଭରସା

ଥୁଆମୂଳରାମପୁର,୧୬ ।୧୨(ସମିସ):ଖରା ହେଉ କି ବର୍ଷା ସବୁବେଳେ ପାଣି ପାଇଁ ବିଭିନ୍ନ ଅସୁବିଧା ଭୋଗୁଛନ୍ତି କାଳଦୁଦା ଗ୍ରାମର ଟିକ୍ରାପଡାବାସୀ । କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ବଡଛତ୍ରଙ୍ଗ ପଞ୍ଚାୟତ ଅଧିନ ଟିକ୍ରାପଡାରେ ବର୍ଷ ବର୍ଷ ଧରି ପାନୀୟଜଳ ସମସ୍ୟା ଲାଗିରହିଛି ।ପ୍ରାୟ ୧୬ ଆଦିବାସୀ ପରିବାର ବସବାସ କରୁଥିବା ପଡାରେ ଗତ ୩ ବର୍ଷ ତଳେ ମାତ୍ର ଗୋଟିଏ ନଳକୂପ ସ୍ଥାପନ କରାଯାଇଥିଲା । ହେଲେ ପଡାର ପ୍ରତ୍ୟେକ ପରିବାର ପାଇଁ ଆବଶ୍ୟକୀୟ ପାଣି ଯୋଗାଇବାରେ ବିଫଳ ହେଇଛି । ମାତ୍ର ଗୋଟିଏ ଦିଇଟା ପରିବାର ପାଇଁ ପାଣି ବାହାରୁ ଥିବା ବେଳେ ପୁଣି ପାଣି ପାଇବାକୁ ହେଲେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ । ଏଣୁ ବାଧ ହୋଇ ନିକଟସ୍ଥ ବିଲ ତଳର ଝରଣା ପାଣି ବ୍ୟବହାର କରିବାକୁ ପଡୁଛି ବୋଲି ପଡାବାସୀ ଅଭିଯୋଗ ଆଣିଛନ୍ତି । ଗ୍ରୀଷ୍ମ ଋତୁରେ ଝରଣା ମଧ୍ୟ ଶୁଷ୍କ ହୋଇପଡିଥାଏ । ଆଗକୁ ଗ୍ରୀଷ୍ମ ଋତୁ ରହିଛି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପାନୀୟଜଳର ସ୍ଥାୟୀ ସମାଧାନ କରନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ଟିକ୍ରାପଡାବାସୀ ଗୁହାରୀ କରିଛନ୍ତି ।



## କାନ୍ଧୁଲଝରେ କ୍ରିକେଟ ମହୋତ୍ସବ ଉଦ୍‌ଘାଟିତ



ଭବାନୀପାଟଣା,୧୬ ।୧୨(ସମିସ): ଭବାନୀପାଟଣା ବ୍ଲକ୍ କାନ୍ଧୁଲଝର ଫରେଷ୍ଟ ହିଲ ପ୍ଲେ ଗ୍ରାଉଣ୍ଡ ଠାରେ ମଙ୍ଗଳବାର କାନ୍ଧୁଲଝର କ୍ରିକେଟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ୍ ତୁକଲା ଓ ଗୁଡ଼ତୁଲା ମଧ୍ୟରେ ହୋଇଥିଲା ।ତୁକଲା ଦଳ ପ୍ରଥମ ଟସ୍ ଜିଣି ବ୍ୟାଟିଂର ନିଷ୍ପତ୍ତି ନେଇଁ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା । ଜବାବରେ ଗୁଡ଼ତୁଲା ଦଳ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ରନ କରି ପରାଜୟ ବରଣ କରିଥିଲେ ।ଫଳରେ ତୁକଲା ଦଳ ୯ ରନରେ ବିଜୟୀ ଘୋଷିତ ହୋଇଥିଲା ।ମ୍ୟାନ ଅଫ ଦ ମ୍ୟାଚ୍ ଭାବେ ତୁକଲା ଦଳର ବୁଲାନ ମନୋନୀତ ହୋଇଥିଲେ । ଖେଳକୁ ଝିଙ୍କୁ ଜୁଆଡ଼ ଓ ଟଙ୍କ ବନ୍ଧିଛୋର ପରିଚାଳନା କରିଥିଲେ । ମ୍ୟାଚ୍ ରେଫରି ଭାବେ ଦେବିଲାଲ ଜୁଆଡ଼ ଦାୟିତ୍ୱ ତୁଲାଇଥିଲେ ।ସେହିପରି କମେଣ୍ଟେଟର ଭାବରେ ଥବୀର ଦୀପ,ସାରାଂଶ ଦୁରିଆ ଓ ସ୍କୋରର ଦାୟିତ୍ୱ ମୁକେଶ ବନ୍ଧିଛୋର, ବିଗ୍ନୁ ଖର୍ସେଲ ଦାୟିତ୍ୱ ନିଭାଇ ଥିଲେ । କାନ୍ଧୁଲଝର କେପିସିସି ପକ୍ଷରୁ ଆୟୋଜିତ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅର୍ତ୍ତଳ ସରପଞ୍ଚ ଦଶମତି ବେମାଲ,ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଜନନୀ ବେମାଲ, ଆଲୋକ ପଟେଲ, ଲକ୍ଷ୍ମୀ ପଟେଲ, ଜିତୁ ଜୁଆଡ଼,ଖିରାବଧି ଜୁଆଡ଼,ଲଳିତ ଗହୀର,ହରିଶ ଜୁଆଡ଼,ଦୁର୍ଯ୍ୟ ବଛା,ବାସ ବଛା ଓ ନିଖିଲ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ୩୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

# କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି





ଜୁନାଗଡ,୧୬ ।୧୨(ସମିସ)

ଜୁନାଗଡ ବ୍ଲକ୍ ସଭା ଗୃହରେ ଜୁନାଗଡ ବ୍ଲକ୍ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜୁନାଗଡ ଏନ୍‌ଏସି ଓ ବ୍ଲକ୍ ମିଳିତ ଭାବେ କଳାହାଣ୍ଡି ଉତ୍ସବ ଆୟୋଜନ କରଯାଉଥିଲା । ହେଲେ ଗତ ବର୍ଷ କୌଣସି କାରଣ ପାଇଁ ୨୦ ବର୍ଷର ପରମ୍ପରା ଭାଙ୍ଗି ବ୍ଲକ୍ ଓ ଏନ୍‌ଏସି ପୃଥକ ଭାବେ କଳାହାଣ୍ଡି ଉତ୍ସବ ପାଳନ କରିଥିଲା । ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।ପୁଣି ଥରେ ବ୍ଲକ୍ ଓ ଏନ୍‌ଏସି ମିଳିତ ଭାବେ ଆୟୋଜନ କରିବା ପାଇଁ ବୈଠକରେ ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର,ସଂସାଦ ପ୍ରତିନିଧି ମୁକେଶ୍ ଅଗ୍ରୱାଲ,ବ୍ଲକ୍ ଉପାଧ୍ୟକ୍ଷ ପ୍ରୋମୋଦ ବେହେରା, ବିଡିଓ ଦେବାଶିସ୍ କର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ, ତୁଷାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜୁନାଗଡ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ମିଳିତ ଭାବେ ଉତ୍ସବ ପାଳନ ପାଇଁ ନିଜ ନିଜ ମତ ପ୍ରକାଶ କରିଥିଲେ ।

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ୍ ଅଧ୍ୟକ୍ଷ୍ୟା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ଜାନୁୟାରୀ ମାସରେ ହେବାକୁ ଥିବା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଯୋଜନା ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା । ବିଡିଓ ସୁଚରିତା ମୁଗ୍ରୀ,ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ,ତହସିଲଦାର ଅରୁଣ ବର୍ଗେ,କର୍ଲାମୁଣ୍ଡା ଖ' ଯୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରୀଆ, ବ୍ଲକ୍ କଳା ଓ ସଂସ୍କୃତି ସଂଘ ଉପ ସଭାପତି ଭାଗିରଥି ଷଡଙ୍ଗୀ,ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ମାଝୀ,ବ୍ଲକ୍ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଅବସର ପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପବିତ୍ର ମୋହନ ପଶା, ସେକ୍ସନ ଅଫିସର ଶିବା ନନ୍ଦ ପାତ୍ର, ଫାଣ୍ଡି ଅଧିକାରୀ ଥବିର ବରିହା, ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ,ବିଧାୟକ ପ୍ରତିନିଧି କାନହୁ ଚରଣ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ,ସମିତି ସଭ୍ୟ,ସାମ୍ବାଦିକ,ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଉତ୍ସବ ପାଳନର ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ ସହ ଯୋଜନା ପ୍ରସ୍ତୁତ କରିଥିଲେ ।

**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକରେ ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ୨୦୨୬ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଧ୍ରୁବ ଚରଣ ମୁଦୁଲି, ଅତିରିକ୍ତ ତହସିଲଦାର ସନାତନ ମହାରଣା ,ସାଂସଦ ପ୍ରତିନିଧି ପବିତ୍ର ନାଏକ, ବିଜେପି ନେତା ବିଷ୍ଣୁ ନାଏକ, ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ ଏବଂ ବିଜେପି ମଣ୍ଡଳ ସଭାପତି ପୁଷ୍ପ ନାଏକଙ୍କ ଉପସ୍ଥିତ ଥିଲେ ।ବୈଠକରେ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ, ବିଭିନ୍ନ ଯୁବ ଅନୁଷ୍ଠାନର ସଭ୍ୟ, ବିଭିନ୍ନ ରାଜନୈତିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ । ଆସନ୍ତା ୬ ଏବଂ ୭ ତାରିଖ ଦିନ ଦୁଇ ଦିନିଆ ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ କରାଯିବା ନେଇ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସ୍ୱତନ୍ତ୍ର ବିଭାଗମାନ ଗଠନ କରାଯାଇଛି ।ବିଏସ୍‌ଏସ୍‌ଓ ସୁନାରାମ ହେମ୍ବ୍ରମ ବୈଠକ ପରିଚାଳନା କରିଥିଲେ ।

# ରିଷିଗାଁରେ ପ୍ରବାସୀ ଶ୍ରମିକ ସଚେତନତା

### ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟିତ



ନୂଆପଡା,୧୬ ।୧୨(ସମିସ): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ରିଷିଗାଁ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମଓ ଡ. ଧନେଶ୍ୱର ସେଠୀ,ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲାପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ବିଡ଼ିଓ ମିଲନ କୁମାର ଝାଙ୍କର,ସରପଞ୍ଚ ସୁବାସ ନାଗ, ଜିପିଇଓ ଦେବୀ ପ୍ରସାଦ ମେହେର ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ହସିନା ଛାତ୍ରିଆକୁ କୋଳରେ ଧରି ଆଶିର୍ବାଦ ପ୍ରଦାନ କରିଥିଲେ । କନ୍ୟାର ପିତାମାତାଙ୍କୁ ଉପହାର ସହିତ ଚାରାରୋପଣ ପାଇଁ ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ । ପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ନୂଆପଡ଼ା ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା ।ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି ଦନା ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଏକ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକଙ୍କୁ ଖାଦ୍ୟ ,ଉତ୍ତମ ଶିକ୍ଷା,ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିବିରକୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ସିଡିପିଓ,ସ୍ଥାନୀୟ ସରପଞ୍ଚ,ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

# ଦେବଗଡ଼ ବନ୍ଦ ଡାକରାରେ ଛାନିଆ ବିଜେପି

## ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

ଦେବଗଡ଼, ୧୬।୧୨(ସମିସ)



ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ଅଧିକାର ପାଇଁ ଦେବଗଡ଼ ଜିଲ୍ଲାବାସୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଆଜି ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ଡାକରାରେ ଦେବଗଡ଼ ବନ୍ଦ ପାଳନ କରାଯିବ। ତେବେ ବନ୍ଦ ଡାକରାରେ ଜିଲ୍ଲା ବିଜେପି ଛାନିଆ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘମାସଧରି ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ଜିଲ୍ଲାବାସୀଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଦାବି ହୋଇ ଆସୁଛି। ମାତ୍ର ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଗୁରୁତ୍ୱ ନଦେଇ ମାସ ପରେ ମାସ ଗଡ଼ାଇ ଚାଲିଛନ୍ତି। ପ୍ରତିବାଦରେ ଯୁବ ଏକତା ମଞ୍ଚ ପକ୍ଷରୁ ପୂର୍ବରୁ ମଧ ଦେବଗଡ଼ ବନ୍ଦ ହୋଇଥିଲା। ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ବନ୍ଦ ହୋଇଥିଲା। କିନ୍ତୁ ପ୍ରତିଶ୍ରୁତି ପାଳନ ନ ହେବାରୁ ମଞ୍ଚ ପକ୍ଷରୁ ଦୀର୍ଘ ଦିନ ଧରି ଶାନ୍ତି ପୂର୍ଣ୍ଣ ଭାବେ ରିଲେ ଧାରଣା କରାଯିବା ସହ ବାରମ୍ବାର ଜିଲ୍ଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଛି। ଏହି ପ୍ରସଙ୍ଗକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାନସଭାରେ ଏକାଧିକ ବାର ଉପସ୍ଥାପନ କରିଥିଲେ। ହେଲେ ବିଧାନସଭା ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ୟା ନେଇ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଏନେଇ ଜିଲ୍ଲାବାସୀ ହତଚକିତ ହେବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଥ୍ୟା ବିବୃତିକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଅଣଦେଖା କରିବା ପ୍ରତିବାଦରେ ବୁଧବାର ପୁଣିଥରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ଡାକରାରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଛି। ମଞ୍ଚର ବନ୍ଦ ଡାକରାକୁ ଏକାଧିକ ରାଜନୈତିକ ଦଳ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଏହା ଜିଲ୍ଲା ବିଜେପି ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ସଭାପତି ତଥା ସମ୍ବଲପୁର ଲୋକସଭା ଆସନ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଜରୁରୀ ଭାବେ ଡକାଯାଇ ଦଳ ପକ୍ଷରୁ ସଫେଇ ଦିଆଯାଇଛି। ଏଥିରେ ଶ୍ରୀ ସାହୁ ଜିଲ୍ଲାବାସୀଙ୍କ ଦାବିକୁ ସମର୍ଥନ କରୁଥିବା କହିଥିବା ବେଳେ ଦେବଗଡ଼ ବନ୍ଦ ଡାକରାକୁ ଦଳ ବିରୋଧ କରୁଥିବା ପ୍ରକାଶ କରିଥିଲେ। ବନ୍ଦ ହେଲେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ ଏବଂ ଆସନ୍ତାକାଲି କାର୍ଯ୍ୟକ୍ଷମ ହେବାକୁ ଥିବା ନୂତନ ବସଷ୍ଟାଣ୍ଡର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ବନ୍ଦ ଡାକରା ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତିକୁ ପ୍ରଭାବିତ କରିବା ନେଇ ଆଶଙ୍କା ରହିଛି। ପୁଣି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଥ୍ୟା ତଥ୍ୟ ପ୍ରଦାନ ସମ୍ପର୍କିତ ସାମ୍ବାଦିକଙ୍କ ପ୍ରଶ୍ନରେ ଏକ ପ୍ରତିନିଧି ଦଳ ଯାଇ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିବ ବୋଲି ପ୍ରକାଶ କରିଥିଲେ। ତେବେ ଆଉ କେତେଦିନ ଆନ୍ଦୋଳନ ପରେ ଜିଲ୍ଲା ବିଜେପି ପ୍ରତିନିଧି ମଣ୍ଡଳୀ ଯାଇ ଏ ସମ୍ପର୍କରେ ଆଲୋଚନା କରିବ ବୋଲି ମଞ୍ଚ ପକ୍ଷରୁ ପାଲଟା ପ୍ରଶ୍ନ କରାଯାଇଛି। ବିଜେପି ସରକାରକୁ ଆସିବାର କିଛି ମାସ ମଧ୍ୟରେ ନବନିର୍ମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାର ରଙ୍ଗ ପରିବର୍ତ୍ତନ କରି ନାଁ ନେବାକୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଫିତାକାଟି ନିଜ ଦାୟିତ୍ୱ ସାରି ଦେଇଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବାସ୍ତବିକ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ରହିଥିବା ଜିଲ୍ଲାବାସୀଙ୍କ ପାଇଁ ଘୋର କ୍ଷୋଭର ବିଷୟ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଅରୁଣ ସାହୁଙ୍କ ଅଧ୍ୟକ୍ଷତା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ନାଗରିକ କମିଟି ସମ୍ପାଦକ ସୁଧୀର କପର୍ଦାର ଓ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ମଞ୍ଚାସୀନ ରହିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଦଳର ସ୍ପଷ୍ଟୀକରଣ ଦେବା ଜିଲ୍ଲା ବିଜେପି ନେତୃ ମଣ୍ଡଳୀଙ୍କ ନିମ୍ନ ମାନସିକତାକୁ ପଦାରେ ପକାଇଛି।

- ସାମ୍ବାଦିକ ସମ୍ମିଳନୀରେ ଦାବିକୁ ବିଜେପିର ସମର୍ଥନ କିନ୍ତୁ ବନ୍ଦକୁ ବିରୋଧ
- ନାଁ ନେବାକୁ ନୂତନ କୋଠା ରଙ୍ଗ ବଦଳାଇ ଫିତା କାଟିଥିଲେ ମୁଖ୍ୟମନ୍ତ୍ରୀ
- ବିଧାନସଭାରେ ଭୁଲ ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ

## ଆଜି ଦେବଗଡ଼ ବନ୍ଦ

**ଦେବଗଡ଼, ୧୬।୧୨(ସମିସ):** ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦୀର୍ଘ ମାସ ଧରି ଜାରି ରଖିଛି। ଯୁବ ଏକତା ମଞ୍ଚ ସପକ୍ଷରେ ଜିଲ୍ଲା ମହିଳା ଏକତା ମଞ୍ଚ ଯୁଦ୍ଧଂଦେହି ଡାକରା ଦେଇ ଆଗକୁ ଆସିଛି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ମଞ୍ଚର ଡାକରାରେ ଶତାଧିକ ମହିଳାଙ୍କ ସମେତ ଯୁବ ଏକତା ମଞ୍ଚର ଶତାଧିକ ସଦସ୍ୟ ଏକତ୍ରିତ ହୋଇଥିଲେ। ଏକତା ମଞ୍ଚର ଦାବିକୁ ପୂରଣ କରିବାରେ ସରକାର ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା। ଦେବଗଡ଼ ବାସୀଙ୍କ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ଅଧିକାର ପାଇଁ ଦୀର୍ଘ ଦିନ ଧରି ମଞ୍ଚ ଆନ୍ଦୋଳନ ଜାରି ରଖିଛି। ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ ଦେବଗଡ଼ ବିଧାନସଭା ମଣ୍ଡଳୀ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ବାସୀଙ୍କ ସମସ୍ୟାର ସମାଧାନ ପାଇଁ ଆଦୌ ଦୃଷ୍ଟି ଦେଉ ନାହାନ୍ତି ବୋଲି ମଧ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ସାଂସଦ ଶ୍ରୀ ପ୍ରଧାନଙ୍କ ପାଇଁ ଏହି ସାମାନ୍ୟ ଦାବି ପୂରଣ ଅତି ସାଧାରଣ। ଏହାସତ୍ତ୍ୱେ ସେ ଜାଣି ଜାଣି ଜନସାଧାରଣଙ୍କୁ ସେମାନଙ୍କ ମୌଳିକ ସୁବିଧା ପାଇବାରୁ ରୋକିବା ସହ ସେମାନଙ୍କ ବିଶ୍ୱାସ ଭାଙ୍ଗୁଛନ୍ତି ବୋଲି ମଞ୍ଚ କହିଥିଲା। ବାରମ୍ବାର ଦାବି ପ୍ରଦର୍ଶନ ପରେ ଡିସେମ୍ବର ୧୫ ସୁଦ୍ଧା ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏକତା ମଞ୍ଚ ପକ୍ଷରୁ ମହଲତ ଦିଆ ହୋଇଥିଲା। ଦାବି କାର୍ଯ୍ୟକାରୀ ନ ହେବା ଯୋଗୁଁ ମଞ୍ଚ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଦେବଗଡ଼ ବନ୍ଦ ଡାକରା ଦିଆଯାଇଛି। ହେଲେ ପ୍ରଥମ ଥର ପାଇଁ ମହିଳା ଏକତା ମଞ୍ଚ ଏହି କାର୍ଯ୍ୟ ନିଜ ହାତକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଦେବଗଡ଼ ବନ୍ଦ ପାଳନ ବେଳେ ଜରୁରୀକାଳୀନ ସେବା ଗୁଡିକୁ ବନ୍ଦରୁ ବାଦ ଦିଆଯାଇଥିବା ବେଳେ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପତିଷ୍ଠାନ ସହ ଯାତ୍ରୀବାହୀ ଯାନବାହାନ ଚଳାଚଳ ବନ୍ଦ ରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି।

## ୧୯ ଗ୍ରାମ ବ୍ରାଉନସୁଗର ଜବତ, ୩ ଗିରଫ

**ଝାରସୁଗୁଡ଼ା, ୧୬।୧୨(ସମିସ):** ଝାରସୁଗୁଡ଼ାର ବୁରୋମାଲ ଅଞ୍ଚଳରେ ଚଢ଼ଉ କରି ବ୍ରାଉନ ସୁଗର ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ବୁରୋମାଲ ଅଞ୍ଚଳରେ ଅଭିଯୁକ୍ତମାନଙ୍କ ଦ୍ୱାରା ବ୍ରାଉନ୍ ସୁଗାର ବିକ୍ରୟ ଏବଂ ରଖିବା ନେଇ ସୂଚନା ପାଇ ସଦଳ ବଳେ ପୁଲିସ ଟିମ ଆଜି ଚଢ଼ଉ କରିଥିଲା। ସେଠାରୁ ୧୯ ଗ୍ରାମ ବ୍ରାଉନ ସୁଗର ସହ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ସୁଶାନ୍ତ କୁମ୍ଭାର, ରାକେଶ ସିନ୍ଧି, ନବୀ ଖାନ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଏକ ମୋଟର ସାଇକଲ, ୩ଟି ମୋବାଇଲ ଏବଂ ୨୭୩୦ ନଗଦ ଟଙ୍କା ଜବତ ହୋଇଛି।

## କୋଇଲି ଘୁଘୋରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପ୍ରୟାସ

**ଝାରସୁଗୁଡ଼ା, ୧୬।୧୨(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟ ଝାରସୁଗୁଡ଼ା ଏବଂ ବେଦାନ୍ତ ଲିମିଟେଡ ଝାରସୁଗୁଡ଼ା ସହଯୋଗରେ ପରିବେଶ ସଚେତନତା ତଥା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା ହୋଇଯାଇଛି। ଏଥିରେ କୋଇଲି ଘୁଘୋର ଜଳପ୍ରପାତକୁ ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ଥଳରେ ପରିଣତ କରିବାକୁ ଆଲୋଚନା କରାଯାଇଥିଲା। ଆଲୋଚନାରେ ଝାରସୁଗୁଡ଼ାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁନାଲ ମୋତିରାମ ଚହ୍ୱାଣଙ୍କ ସହ ବିଭାଗୀୟ ବନ ଅଧିକାରୀ ମନୁ ଭଟ (ଡିଏଫଓ), ଏସପିସିବିର ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ ଏବଂ ବେଦାନ୍ତ ଲିମିଟେଡର ପରିବେଶ ମୁଖ୍ୟ ଅମିତ ତାଗି ଉପସ୍ଥିତ ଥିଲେ। ପରିବେଶ ସଚେତନତା କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସ୍ଥାନ ଗୁଡ଼ିକରେ ପଡ଼ିଥିବା ଖାଲି ପାଣି ବୋତଲ, ପ୍ଲାଷ୍ଟିକ ପ୍ଲେଟ ଓ ବିଭିନ୍ନ ପ୍ରକାର ଜରିକୁ ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ୧୦୦ରୁ ଉର୍ଦ୍ଧ୍ୱ ବାଳକ ବାଳିକା ମାନଙ୍କ ସହିତ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟଟନ ସ୍ଥଳର ପବିତ୍ରତା ବଜାୟ ରଖିବା ହେଉଛି ଏକ ସାମୂହିକ କର୍ତ୍ତବ୍ୟ ବୋଲି ବର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଇକୋ ଡେଭେଲପମେଣ୍ଟ କମିଟିର ସଦସ୍ୟ, ବେଲପାହାଡ଼ର ଓ ସ୍ଥାନୀୟ ସେଲ୍ଫ ହେଲ୍ ଗ୍ରୁପଙ୍କ ସମେତ ସ୍ଥାନୀୟ ୫ଟି ସ୍କୁଲର ଛାତ୍ରଛାତ୍ରୀ ଓ ବେଦାନ୍ତ ଲିମିଟେଡର କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ପ୍ରଦୂଷଣର କ୍ଷତି ଉପରେ ନୃତ୍ୟ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଦୂଷଣ ଜନିତ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

## ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡା/କିର୍ମିରା, ୧୬।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଲଇକେରା ଥାନା କ୍ଷେତ୍ରର ବାଗଡ଼ିହି ଆଉଟ୍‌ପୋଷ୍ଟ ପୁଲିସ ଦ୍ୱାରା ସୁଲେହୀ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଲଇକେରା ଥାନା ପ୍ରଭାରୀ ଦିଲୀପ କୁମାର ବେହେରା ଓ ବାଗଡ଼ିହୀ ଆଉଟ୍‌ପୋଷ୍ଟ ପୋଲିସ ଅଧିକାରୀ ଦଶରଥ ଟୁଡୁ ସାଇବର ଅପରାଧ, ଫେସବୁକ, ମୋବାଇଲ ଓ ଇଣ୍ଟରନେଟ ମାଧ୍ୟମରେ ଆସୁଥିବା ଭୁଲ ସନ୍ଦେଶ ଓ ଠକେଇରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ସଡକରେ ଚାଲିବା ସମୟରେ ସତର୍କତା ଅବଲମ୍ବନ କରିବା ଦ୍ୱାରା ଦୁର୍ଘଟଣାରୁ ବଞ୍ଚିହେବା ସମ୍ଭବ, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଓ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଚିତା ପଟେଲ, ଅଜୟ କୁମାର ଶର୍ମା, କାର୍ତ୍ତିକ ଧୁରୁଆ, ଦୁଃଖବନ୍ଧୁ ଖର୍ସେଲ, କନ୍ଦର୍ପ ପଟେଲ, ସନାତନ ପଟେଲ, ନେତ୍ରମଣି ସେଠ, ରମେଶ ଚନ୍ଦ୍ର ପଟେଲ, ସମୀର ପଟେଲ, ଉଦିତ କୁମାର ନାଏକ, ମୋହିତ ପଟେଲ ସହ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ବ୍ରଜରାଜନଗର ଗସ୍ତ

● ଛତୁଆ ପ୍ରସ୍ତୁତି କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

**ଝାରସୁଗୁଡ଼ା, ୧୬।୧୨(ସମିସ):** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଝାରସୁଗୁଡ଼ା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ସମେତ ଅନ୍ୟାନ୍ୟ ସ୍ଥାନକୁ ମଧ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଆକସ୍ମିକ ପରିଦର୍ଶନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ଆସିଥିବା ଆୟୋଗ ଆଜି ମଙ୍ଗଳବାର ବ୍ରଜରାଜନଗରକୁ ଆକସ୍ମିକ ଗସ୍ତରେ ଆସିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର, ଛତୁଆ ପ୍ରସ୍ତୁତି କେନ୍ଦ୍ର ଆଦି ଗସ୍ତ କରିଥିଲେ। ଏହା ଏହିତ ଅନୁଷ୍ଠିତ ଏକ ବାଳ ସଭାରେ ଯୋଗଦାନ କରି ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନକୁ ନେଇ ସଚେତନତା କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ସେହିପରି ବ୍ରଜରାଜନଗର ଖଳିଆକାନିରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ କେଉଁ ପରିବେଶରେ ଛତୁଆ ତିଆରି ହେଉଛି ଏବଂ ସରକାରଙ୍କ ସମସ୍ତ ଗାଇଡଲାଇନକୁ ପାଳନ କରାଯାଉଛି ନା ନାହିଁ ତାକୁ ନିରୀକ୍ଷଣ କରିବା ସହିତ ଆଲୋଚନା କରିଥିଲେ। କୌଣସି ସ୍ଥାନରେ ତ୍ରୁଟିବିଚ୍ୟୁତି ଦେଖାଦେଲେ ଆୟୋଗ ପକ୍ଷରୁ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଅଧକ୍ଷା ସୂଚନା ଦେଇଛନ୍ତି। ଶିଶୁ ଏବଂ ଗର୍ଭବତୀ ମହିଳା ମାନେ କିପରି ପୌଷ୍ଟିକ ଖାଦ୍ୟ ପାଇବେ ଏବଂ ସେମାନଙ୍କର ସଠିକ ବିକାଶ ହେବ ତାକୁ ନେଇ ଆୟୋଗ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଉଥିବା ଅଧକ୍ଷା କହିଥିଲେ। ଏହା ସହିତ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଶିଶୁ ଅଧିକାର ସୁରକ୍ଷାକୁ ନେଇ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ।




## ପ୍ରାପ୍ୟ ନ ମିଳିବାରୁ ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଧାରଣା



**ଦେବଗଡ଼, ୧୬।୧୨(ସମିସ):** ଅବସରକାଳୀନ ପ୍ରାପ୍ୟ ନ ମିଳିବାରୁ ମଙ୍ଗଳବାର ଅବସରପ୍ରାପ୍ତ ପୌର କର୍ମଚାରୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଦେବଗଡ଼ ପୌର ପରିଷଦରେ କାର୍ଯ୍ୟ କରି ଦୀର୍ଘ ଦିନରୁ ଅବସର ଗ୍ରହଣ କରିଥିଲେ ମଧ ଅବସରପ୍ରାପ୍ତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର ଗ୍ରାଚ୍ୟୁଇଟି, ଛୁଟି ଦରମା, ସପ୍ତମ ବେତନ କମିଶନର ବକେୟା ରାଶି ଓ ବକେୟା ପାଉଣା ପ୍ରଦାନ କରାଯାଇନାହିଁ। ଫଳରେ ଅବସରପ୍ରାପ୍ତ ପୌର କର୍ମଚାରୀମାନେ ପ୍ରାଥମିକ ସାମଗ୍ରୀ ଏବଂ ଔଷଧର ମୂଲ୍ୟ ବୃଦ୍ଧି ହେତୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବକେୟା ପାଉଣା ପ୍ରଦାନ ପାଇଁ ଅବସରପ୍ରାପ୍ତ କର୍ମଚାରୀମାନେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ କର୍ତ୍ତୁପକ୍ଷଙ୍କ ମଧ ସେମାନଙ୍କର ବକେୟା ପାଉଣା ପ୍ରଦାନ ଦିଗରେ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନଥିବାରୁ ସେମାନଙ୍କର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଝାରସୁଗୁଡ଼ା, ୧୬।୧୨(ସମିସ):** ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଠାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଏମ୍‌ସିଏଲ୍ ପଡ଼ିଆରେ ଉତ୍ସବ ଆୟୋଜିତ ହୋଇଥିଲା। ପାରମ୍ପରିକ ଡିଏଭି ଗାନ କରାଯାଇ ଅତିଥିଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ଏନ୍‌ସିସି ତଥା ପୃଥିବୀ, ଅଗ୍ନି, ବ୍ରହ୍ମସ୍ ଓ ଆକାଶ୍ ହାଉସର ଛାତ୍ରଛାତ୍ରୀଙ୍କ ଦ୍ୱାରା ମିଳିତ ପ୍ୟାରେଡ୍ ହୋଇଥିଲା। ମୁଖ୍ୟ ଅତିଥି ପାଣ୍ଡେ ଓ ଅଧ୍ୟକ୍ଷ ହୋତା ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ବାଳକ ଓ ବାଳିକା ଉଭୟ ବିଭାଗର ବିଭିନ୍ନ ବର୍ଗକୁ ନେଇ ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍ ପୁଟ୍, ଡିସ୍କସ ଥ୍ରୋ, ରିଲେରେସ୍ ଓ ଯଥାକ୍ରମେ- ୫୦, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




## ଉଚ୍ଚ ବିଦ୍ୟାଳୟରେ 'ଉନ୍ମେଷ' କାର୍ଯ୍ୟକ୍ରମ


**କୋଲାବିରା, ୧୬।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ବେଦାନ୍ତ ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ କୋଲାବିରା ବ୍ଲକ କେଜି ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହାଠାରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ତୃତୀୟ ତ୍ରିଦିବସୀୟ ସହାୟକ ଶିକ୍ଷଣ କର୍ମଶାଳା 'ଉନ୍ମେଷ' ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍କର୍ଷତା ସହ ଜିଲ୍ଲାରେ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଏହାର ଉଦ୍ଦେଶ୍ୟ ରହିଥିଲା। ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୋଲାବିରା ବିଇଓ ପ୍ରକାଶ ସାହୁ, ଲଇକେରା ବିଇଓ ହିମାଂଶୁ ବାଗ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ମୁରଲିପାଲି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ଶିବଶଙ୍କର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ମାର୍ଗଦର୍ଶନରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କର ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ଶିବଶଙ୍କର ମେହେର, ଜୟଶଙ୍କର ନାଗ, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ନିତ୍ୟାନନ୍ଦ ନାୟକ, ଟୁନା ରଣା, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖ ସାଧନକର୍ମୀ ଭାବେ ନିଯୁକ୍ତ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚାଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

**ଝାରସୁଗୁଡ଼ା, ୧୬।୧୨(ସମିସ):** ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦାମୋଦର ଧୃଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଲଖନପୁର ପଞ୍ଚାୟତର ନାଏବ ସରପଞ୍ଚ ଈଶ୍ୱର ବନଛୋର, ବିଭାଗୀୟ ଅଧିକାରୀ ସଦାନନ୍ଦ ପଧାନ, ସୁନାରୀ କ୍ଲଷ୍ଟରର ସିଆରସିସି ଗଣେଶରାମ କଣ୍ଟା ଯୋଗ ଦେଇଥିଲେ। ଗଦାଧର ପଧାନ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର କ୍ଲଷ୍ଟରର ସିଆରସିସି ଘନଶ୍ୟାମ ଗଡ଼ତିଆ ଶିକ୍ଷା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟାରେ ଡ୍ରପଆଉଟ ଛାତ୍ରୀ ଅଙ୍କିତା ବେହେରା, ଡ୍ରପଆଉଟ ଛାତ୍ରୀ ଜୟନ୍ତୀ ଭୋଇ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବାରୁ ମୁଖ୍ୟାତିଥି ଉଭୟଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଏନଆଇଓଏସ, ଏସଆଇଓଏସ ଷ୍ଟଲ, ଏଫଏଲଏନ ଆଦି ଷ୍ଟଲ, ବିଦ୍ୟାଳୟରେ ମିଳୁଥିବା ସୁବିଧା ଷ୍ଟଲ ଇତ୍ୟାଦି ରହିଥିଲା। ଶେଷରେ ସ୍ଥାନୀୟ ସିଆରସିସି ଘନଶ୍ୟାମ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଭଅଁରଖୋଲ ସିଆରସିସି ସନତ ସାହୁ, ଶିକ୍ଷକ କ୍ଷୀରୋଦ୍ର ଭୋଇ, ସୁରଥ ବିଶ୍ୱାଳ, ଜଗଦୀଶ ତନ୍ତୀ, ଉମାକାନ୍ତ ନେଟୀ, ଶିକ୍ଷୟିତ୍ରୀ ସବିତା ତାଣ୍ଡିଆ, ନିରୂପମା ସା, ସାଗରିକା ସେଠଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାସ୍ତାକଡ଼ ଆମିଷ ଦୋକାନ ସ୍ଥାନାନ୍ତର ସହିତ ଏକତ୍ରିତ ବିକ୍ରି ବ୍ୟବସ୍ଥା ଦାବି

**ଝାରସୁଗୁଡ଼ା, ୧୬।୧୨(ସମିସ):** ବ୍ରଜରାଜନଗର ପୌର ପରିଷଦର ରାସ୍ତାକଡ଼ ମାଂସ ଦୋକାନ ସ୍ଥାନାନ୍ତର ସହିତ ସେମାନଙ୍କର ବିକ୍ରି ପାଇଁ ଏକତ୍ରିତ ବଜାର ବ୍ୟବସ୍ଥା କରିବା ନେଇ ବ୍ରଜରାଜନଗର ପୌର ପରିଷଦକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ବ୍ରଜରାଜନଗର ସଚେତନ ନାଗରିକ, ଭଦ୍ର ବ୍ୟକ୍ତି ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ରାସ୍ତା ପାର୍ଶ୍ୱରେ ଖୋଲାଖୋଲି ଭାବେ ମାଂସ ଦୋକାନର ବିକ୍ରି ଯୋଗୁଁ ସମାଜରେ ଖରାପ ପ୍ରଭାବ ପଡୁଛି। ବିଭିନ୍ନ ସ୍କୁଲ, ମନ୍ଦିର, ସହିତ ସମାଜିକସ୍ଥଳୀ ନିକଟରେ ମାଂସ ଦୋକାନ ଗୁଡିକ ରହିଥିବା ଫଳରେ ବିଦ୍ୟାଳୟକୁ ଯାଉଥିବା ଶିଶୁ ଏବଂ ଜନସାଧାରଣଙ୍କ ଉପରେ ମଧ ଖରାପ ପ୍ରଭାବ ପଡୁଛି। ଏହା ସହିତ ଲୋକଙ୍କର ଧର୍ମୀୟ ଭାବନା ଏବଂ ସାମାଜିକ ଓ ଆଧ୍ୟାତ୍ମିକ ଚେତନା ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ଏସବୁ ସମସ୍ୟାକୁ ଦୃଷ୍ଟି ଦେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଙ୍କ ବିକ୍ରି ପାଇଁ ଏକତ୍ରିତ ଗୋଟିଏ ସ୍ଥାନରେ ବଜାର ବ୍ୟବସ୍ଥା ପାଇଁ ବ୍ରଜରାଜନଗର ପୌରପରିଷଦ ନିକଟରେ ଅନୁରୋଧ କରାଯାଇଛି। ବ୍ରଜରାଜନଗର ପୌର ପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ କୃଷ୍ଣ ଗୋପାଲ ସିତାନି ସୂଚନା ଦେଇଛନ୍ତି।



## ନାବାଳିକା ଝିଅକୁ ଦୁଷ୍କର୍ମ; ବାପାକୁ ଆଜୀବନ ଜେଲ୍

ଝାରସୁଗୁଡ଼ା, ୧୬।୧୨(ସମିସ)

ନିଜ ନାବାଳିକା ଝିଅ ସହ ଦୁଷ୍କର୍ମ ଭଳି ଜଘନ୍ୟ ଘଟଣାରେ ଦୋଷୀ ବାପାକୁ ମଙ୍ଗଳବାର ଝାରସୁଗୁଡ଼ା ସ୍ପେସିଆଲ ପକ୍ସୋ ଏବଂ ଅତିରିକ୍ତ ଜିଲ୍ଲା ଦୌରା ଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ରୋହିତ ରାଜାକ (୩୯) ପେସାରେ ଜଣେ ଡ୍ରାଇଭର। ଝାରଖଣ୍ଡ ରାଜ୍ୟ ଗରୱା ଜିଲ୍ଲା କାନ୍ଦେ ଥାନା ଅଞ୍ଚଳର ସେ ମୂଳ ନିବାସୀ। ଝାରଖଣ୍ଡ ଜିଲ୍ଲାରୁ ଆସି ଝାରସୁଗୁଡ଼ା ସଦର ଥାନା ଅଞ୍ଚଳରେ ଭଡାରେ ରହୁଥିଲା। ଝାରଖଣ୍ଡରେ ତାଙ୍କର ସ୍ତ୍ରୀ, ଦୁଇ ଝିଅ ପୁଅ ରହୁଥିଲେ। ହେଲେ ଝିଅକୁ ଝାରସୁଗୁଡ଼ାରେ ରୋଷେଇ କରିବା ସହିତ ଘର କାର୍ଯ୍ୟରେ ସହଯୋଗ କରିବା ପାଇଁ ଆଣିଥିଲେ। ଗତ ଜୁଲାଇ ୮ରେ ଯୌନପିପାସୁ ବାପା ନିଜ ନାବାଳିକା ଝିଅକୁ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ନିଜ ପଡୋଶୀଙ୍କୁ ଏହି ଘଟଣା ଜଣାଇବା ପରେ ପଡୋଶୀ ସାଙ୍ଗରେ ମିଶି ସଦର ଥାନାରେ ଜୁଲାଇ ୯ରେ ଅଭିଯୋଗ କରିଥିଲେ। ଘଟଣାଟି ସମାଜରେ ବାପା ଝିଅର ସମ୍ପର୍କକୁ ଦୋହଲାଇ ଦେଇଥିଲା। ଅଭିଯୋଗ ପରେ ପୁଲିସ ଘଟଣାକୁ ଅତି ଗୁରୁତର ସହିତ ଗ୍ରହଣ କରିଥିଲା। ଅଭିଯୁକ୍ତ ବାପାକୁ ଗିରଫ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ୨୧ଟି ଦସ୍ତାବିଜ ସହିତ ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ପୁଲିସ ପ୍ରସ୍ତୁତ କରିଥିଲା। ପ୍ରମାଣ ଆଧାରରେ ଅଭିଯୁକ୍ତ ବାପ ବିରୋଧରେ ଆଜି ଅତିରିକ୍ତ ଜିଲ୍ଲା ଏବଂ ସ୍ପେସିଆଲ ପକ୍ସୋ ଜଜ ପୂଜା ଷଡ଼ଙ୍ଗୀ ରାୟ ଦେଇଛନ୍ତି। ଦୋଷୀ ବାପା ରୋହିତକୁ ଆଜୀବନ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅଧିକ ଗୋଟିଏ ବର୍ଷ କାରାଦଣ୍ଡ ବଢ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ ଦଶ ଲକ୍ଷ ପଚାଶ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଛାୟତ, ଏଏସପି ମଧୁସିକ୍ତା ମିଶ୍ର ତଦନ୍ତ କରୁଥିବା ବେଳେ ମାମଲାକୁ ସରକାରଙ୍କ ତରଫରୁ ସ୍ପେସିଆଲ ପବ୍ଲିକ ପ୍ରସିକ୍ୟୁଟର ପିଆର. ସିଂହଦେଓ ପରିଚାଳାନା କରୁଥିଲେ।






ଏଏସପି ମଧୁସିକ୍ତା ମିଶ୍ର



ପବ୍ଲିକ ପ୍ରସିକ୍ୟୁଟର ପିଆର. ସିଂହଦେଓ

● ବାଂଲାଦେଶ ନେତାଙ୍କ ଧମକ

## ଭାରତକୁ ଭାଗ ଭାଗ କରିଦେବୁ

ଢାକା, ୧୬।୧୨ (ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ୧୯୭୧ରେ ଯୁଦ୍ଧ ହୋଇଥିଲା। ଭାରତ ଏହି ଯୁଦ୍ଧରେ ବିଜୟୀ ହୋଇ ବାଂଲାଦେଶ ଗଠନ କରିଥିଲା। ଆଜି ସେହି ବାଂଲାଦେଶ ଭାରତକୁ ଧମକ ଦେଉଛି। ବାଂଲାଦେଶର ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି) ନେତା ହସନତ ଅବଦୁଲ୍ଲାହ ୭ ଭଉଣୀ ଭାବେ ପରିଚିତ ରାଜ୍ୟଗୁଡ଼ିକୁ ଭାରତଠାରୁ ଅଲଗା କରିଦେବେ ବୋଲି ଧମକ ଦେଇଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲା ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ସାମିଲ ରହିଛି। ହସନତ ସୋମବାର ଏକ ରାଲିରେ ଭାରତ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ସେ କହିଥିଲେ ଯେ ବାଂଲାଦେଶରେ ଅରାଜକତା, ନିର୍ବାଚନ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ଏବଂ ଉସମାନ ହାଦି ଉପରେ ଆକ୍ରମଣ ପଛରେ ଭାରତର ଭୂମିକା ରହିଛି। ଯଦି ଭାରତ ଅଶାନ୍ତି ସୃଷ୍ଟି କରେ ତେବେ ଆମେ ଭାରତର ଶତ୍ରୁ ବିଚ୍ଛିନ୍ନତାବାଦୀ, ଭାରତ ବିରୋଧୀ ଶକ୍ତିକୁ ଶରଣ ଦେବୁ। ସେମାନେ ଉତ୍ତର-ପୂର୍ବ ୭ ରାଜ୍ୟକୁ ଭାରତରୁ ଅଲଗା କରିଦେବେ।

## ଭାଇ କହିବାରୁ ଚିକିତ୍ସା କଲେନି

ମିରଟ, ୧୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟର ପ୍ୟାରେଲାଲ ଶର୍ମା ଜିଲ୍ଲା ହସ୍ପିଟାଲରେ ଅଜବ ଘଟଣା ଘଟିଛି। ଜଣେ ରୋଗୀ ଭାଇ ବୋଲି ଡାକି ଦେବାରୁ ଡାକ୍ତର ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ଏହାକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ମେଡିକାଲ ଦାୟିତ୍ୱରେ ଥିବା ଅଧିକାରୀ ହାତ ଯୋଡ଼ି କ୍ଷମା ମାଗିବା ପରେ ମାମଲା ଶାନ୍ତ ହୋଇଛି। ଗତ ସୋମବାର ଏହି ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ଜିଲ୍ଲା ସମ୍ପାଦକ ବିଟ୍ଟୁ ଜଙ୍ଗେଠି ନିଜ ୬ ବର୍ଷୀୟ ଝିଅ ଶିବାଂଶୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ମୁଣ୍ଡବିନ୍ଧୁ ଥିବାରୁ ଝିଅକୁ ଶିଶୁ ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖାଇ ଥିଲେ। ମାତ୍ର ଏତିକି ବେଳେ ଝିଅ ତାଙ୍କୁ ଭାଇ ବୋଲି ଡାକି ଦେଇଥିଲେ। ଏହା ଶୁଣି ଡାକ୍ତର ରାଗିଯାଇ ବିଟ୍ଟୁଙ୍କୁ ଅପମାନିତ କରିଥିଲେ। ଅଶାଳୀନ ବ୍ୟବହାର କରି ଚିକିତ୍ସା କରିବାକୁ ମନା କରିଦେଇଥିଲେ। ପ୍ରେସ୍‌କ୍ରିପସନ ଫୋପାଡ଼ି ଦେଇଥିଲେ। ହସ୍ପିଟାଲ ଗାର୍ଡଙ୍କୁ ଡାକି ପୁଲିସ ହେଲ୍‌ପଲାଇନକୁ ଫୋନ କରିଥିଲେ।

## ମେସି ବିବାଦ; ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା

କୋଲକାତା, ୧୬।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଲିୟୋନେଲ ମେସି ଝଡ଼ ଆସିଥିଲା। ଏହି ଝଡ଼ ପାଇଁ ସଲ୍ଟ ଲେକ୍ ଷ୍ଟାଡିୟମରେ ଲଙ୍କା କାଣ୍ଡ ଘଟିଥିଲା। ଏହି ଲଙ୍କା କାଣ୍ଡରେ ବଳି ପଡ଼ିଛନ୍ତି ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ। ସେ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏବେ ଏହି ମନ୍ତ୍ରାଳୟକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପାଖରେ ରଖିଛନ୍ତି। ଅନ୍ୟପକ୍ଷରେ ଗତ ୧୩ ତାରିଖରେ ଷ୍ଟାଡିୟମ ଘଟଣାକୁ ନେଇ ମମତା ବିଧାନନଗର ପୁଲିସ କମିଶନର, ଡିଜିପି ଏବଂ ଖେଳ ବିଭାଗର ପ୍ରମୁଖ ସଚିବ ରାଜେଶ କୁମାର ସିହ୍ନାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମାମଲାର ତଦନ୍ତ ପାଇଁ ୪ ଜଣିଆ ଏସଆଇଟି ଗଠନ କରାଯାଇଛି। ସେହିପରି ଷ୍ଟାଡିୟମର ସିଇଓ ଡିକେ. ନନ୍ଦନଙ୍କୁ ପଦରୁ ହଟାଇ ଦେଇଛନ୍ତି।

## ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣ: ଆକ୍ରମଣକାରୀ ସାଜିଦ ଭାରତୀୟ

ସିଡ୍‌ନୀ, ୧୬।୧୨ (ଏଜେନ୍ସି): ଗତ ୧୪ ତାରିଖରେ ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍‌ରେ ଇହୁଦୀ ଲୋକଙ୍କ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ସାଜିଦ ଆକ୍ରମ ଭାରତୀୟ ନାଗରିକ ଥିଲେ। ୫୦ ବର୍ଷୀୟ ସାଜିଦ ମୂଳତଃ ତେଲେଙ୍ଗାନା ହାଇଦରାବାଦର ବାସିନ୍ଦା ଥିଲା। ସେ ହାଇଦରାବାଦରୁ ବି.କମ୍ ଡିଗ୍ରୀ ହାସଲ କରିଥିଲା ଏବଂ ଚାକିରି ଖୋଜିବା ପାଇଁ ନଭେମ୍ବର ୧୯୯୮ରେ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଯାଇଥିଲା। ପରେ ସେ ୟୁରୋପୀୟ ବଂଶୋଦ୍ଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରି ସେଠାରେ ସ୍ଥାୟୀ ଭାବେ ରହିଥିଲା। ସାଜିଦ ପାଖର ଏବେ ବି ଭାରତୀୟ ପାସପୋର୍ଟ ଥିଲା। ତାର ପରିବାର ସଦସ୍ୟ କହିଛନ୍ତି ଯେ ସେମାନେ କିଛି ବର୍ଷ ପୂର୍ବରୁ ତାଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ। କାରଣ ସେ ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ବିବାହ କରିଥିଲେ। ସାଜିଦର ପୁଅ ନାଭିଦ ଆକ୍ରମ (୨୪) ଜଣେ ଅଷ୍ଟ୍ରେଲୀୟ ନାଗରିକ। ସାଜିଦର ମଧ୍ୟ ଏକ ଝିଅ ଅଛି। ତେଲଙ୍ଗାନା ପୁଲିସ ଅନୁଯାୟୀ, ଭାରତରେ ପୂର୍ବରୁ ସାଜିଦର କୌଣସି ଅପରାଧିକ ରେକର୍ଡ ନାହିଁ।

## କବାଡ଼ି ଖେଳାଳିଙ୍କୁ ହତ୍ୟା

ମୋହାଲି, ୧୬।୧୨ (ଏଜେନ୍ସି): ପଞ୍ଜାବ ମୋହାଲିର ସୋହାନାରେ ସୋମବାର କବାଡ଼ି ମ୍ୟାଚ୍ ଚାଲିଥିବାବେଳେ ଗୁଳିମାଡ଼ ହୋଇଛି। ବୋଲେରୋରେ ଆସିଥିବା ଲୋକେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ କବାଡ଼ିକୁ ପ୍ରୋତ୍ସାହନ ଦେଉଥିବା ଖେଳାଳି ରାଣା ବଲାଚୌରିଆଙ୍କ ଦେହରେ ଗୁଳି ବାଜି ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ୧୧ ଦିନ ତଳେ ବିବାହ କରିଥିଲେ। ଏବେ ତାଙ୍କ ଘରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁଯାୟୀ, ଆକ୍ରମଣକାରୀ ଫ୍ୟାନ୍ ଭାବେ ସେଲ୍‌ଫି ନେବାକୁ ରାଣାଙ୍କ ପାଖକୁ ଆସିଥିଲେ। ପରେ ଗୁଳି ମାରିଥିଲେ। ଏହି ଆକ୍ରମଣ ପାଇଁ ବମ୍ବିହା ଗ୍ୟାଙ୍ଗ ନିଜକୁ ଦାୟୀ କରିଛି।

## ଲୁଥ୍ରା ଭ୍ରାତାଙ୍କୁ ଦିଲ୍ଲୀ ଅଣାଗଲା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗୋଆ ନାଇଟ୍ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରାଙ୍କୁ ଥାଇଲାଣ୍ଡରୁ ପ୍ରତ୍ୟର୍ପଣ କରି ଦିଲ୍ଲୀ ଅଣାଯାଇଛି। ଭାରତୀୟ ସୁରକ୍ଷା ଅଧିକାରୀମାନେ ମଙ୍ଗଳବାର ଅପରାହ୍ନ ୨ଟାରେ ଉଭୟଙ୍କୁ ଧରି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ଏଠାରେ ଗୋଆ ପୁଲିସ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ଦିଲ୍ଲୀରେ ଡାକ୍ତରୀ ପରୀକ୍ଷା କରାଯାଇ ପଟିଆଲା ହାଉସ୍ କୋର୍ଟରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍ ଟ୍ୱିଙ୍କଲ୍ ଚାୱଲା ସେମାନଙ୍କୁ ଦୁଇ ଦିନର ଟ୍ରାଞ୍ଜିଟ୍ ରିମାଣ୍ଡ ମଞ୍ଜୁର କରିଛନ୍ତି।

### ଋଣ ପରିଶୋଧ ପାଇଁ ଋଣଦାତାଙ୍କ ଚାପ

# କାମ୍ବୋଡ଼ିଆ ଯାଇ କିଡ୍‌ନୀ ବିକିଲେ ଚାଷୀ



## ଲକ୍ଷେ ଟଙ୍କାର ଋଣ ହୋଇଗଲା ୭୪ ଲକ୍ଷ

ମୁମ୍ବଇ, ୧୬।୧୨ (ଏଜେନ୍ସି): ଭାରତରେ ବ୍ୟବସାୟୀଙ୍କୁ ସହଜରେ କୋଟି କୋଟି ଟଙ୍କା ଋଣ ମିଳିଯାଉଛି। ଆଉ କିଛି ବ୍ୟବସାୟୀ ଅନେକ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଧରି ବିଦେଶ ପଳାଉ ଥିବା ନଜିର ରହିଛି। ମାତ୍ର ଦେଶରେ ଗରିବ ଚାଷୀଙ୍କୁ ଲକ୍ଷେ ଟଙ୍କା ଋଣ ମିଳିବା ବି କଷ୍ଟ ହେଇଯାଉଛି। ଆଉ ଚାଷ ପାଇଁ ହାତ ଉଧାରି କରି ସାହୁକାରଙ୍କଠୁ ଟଙ୍କା ଆଣିଲେ ତାର ସୁଧ ଦେଇ ଦେଇ ଚାଷୀର ଆର୍ଥିକ ସ୍ଥିତି ବିଗିଡ଼ି ଯାଉଛି। ଶେଷରେ ଚାଷୀ ନିଜ ଭିଟାମାଟି ସହିତ ଅଙ୍ଗପ୍ରତ୍ୟଙ୍ଗ ବିକିଲେ ବି ଏହି ଋଣ ପରିଶୋଧ କରିପାରୁନି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଚାଷୀ ରୋଶନ ସଦାଶିବ କୁଡେଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। କିଛି ବର୍ଷ ହେଲା ଚାଷରେ କ୍ଷତି ହେବାରୁ ସେ ଗୋପାଳନ କରି ଡାଏରୀ ବେପାର କରିବାକୁ ଚାହୁଁଥିଲେ। ମାତ୍ର ବ୍ୟାଙ୍କ ଋଣ ନ ଦେବାରୁ ସେ ଅନେକ ସାହୁକାରଙ୍କଠାରୁ ଲକ୍ଷେ ଟଙ୍କା ଆଣିଥିଲେ। କିନ୍ତୁ ଏ ବାବଦ ସୁଧ ତାଙ୍କ ଉପରେ ଦାଉ ସାଧିଥିଲା। ଦିନକୁ ୧୦ ହଜାର ଟଙ୍କାର ସୁଧ ପାଇଁ ଋଣ ରାଶି ୭୪ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ଏଥିପାଇଁ ସେ କିଡ୍‌ନୀ ବିକିବାକୁ ବାଧ ହୋଇଥିଲେ। ସଦାଶିବ କୋଲକାତାରୁ କାମ୍ବୋଡିଆ ଯାଇ ନିଜ କିଡନୀ ବିକ୍ରି କରିଥିଲେ।

■ ଚଢ଼ା ସୁଧ ପାଇଁ ଶୋଷଣ କରୁଛନ୍ତି ଋଣଦାତା
■ ଅଭିଯୋଗ ସତ୍ତ୍ୱେ ପୁଲିସ ନେଉନି କାର୍ଯ୍ୟାନୁଷ୍ଠାନ
■ ପରିବାର ସହ ଆତ୍ମାହୁତି ଧମକ ଦେଲେ ଚାଷୀ

ସୂଚନା ଅନୁଯାୟୀ, ବର୍ଷା ନ ହେବାରୁ ଡାଏରୀ ବ୍ୟବସାୟୀ ପାଇଁ ସଦାଶିବ ଅଣ୍ଟା ଭିଡ଼ିଥିଲେ। ମାତ୍ର ବ୍ୟବସାୟ ଆରମ୍ଭ ହେଉ ହେଉ ସେ କିଣିଥିବା ଗାଈ ମରି ଯାଇଥିଲା। ଯେଉଁ ଫସଲ କରିଥିଲେ ତାହା ନଷ୍ଟ ହୋଇ ଯାଇଥିଲା। ଋଣ ଭାର ବଢ଼ିବାରେ ଲାଗିଥିଲା ଏବଂ ଋଣଦାତା ଚାପ ପକାଇବାରେ ଲାଗିଥିଲେ। ଜମି, ଟ୍ରାକ୍ଟର ଏବଂ ଘରବାଡ଼ି ବିକିବା ସତ୍ତ୍ୱେ ଟଙ୍କା ସୁଝି ପାରି ନ ଥିଲେ। ଏହି ସମୟରେ ଜଣେ ଋଣଦାତା ତାଙ୍କୁ କିଡନୀ ବିକିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କୋଲକାତାରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି କାମ୍ବୋଡିଆ ଯାଇ କିଡ୍‌ନୀ ଦେଇଥିଲେ। ଏହି କିଡ୍‌ନୀକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ଋଣ ପରିମାଣ ସୁଝିବା ସତ୍ତ୍ୱେ ଚଢ଼ା ସୁଧ ନେବା ପାଇଁ ବ୍ରହ୍ମପୁର ସହରର କିଶୋର ବାୱାନକୁଲେ, ମନୀଷ କଲବାନ୍ଦେ, ଲକ୍ଷ୍ମଣ ଉରୁକୁଡେ, ପ୍ରଦୀପ ବାୱାନକୁଲେ, ସଞ୍ଜୟ ବାଲାପୁରେ ଏବଂ ଲକ୍ଷ୍ମଣ ବୋର୍କାର ତାଙ୍କ ଉପରେ ଚାପ ପକାଇ ଥିଲେ।

କୁଡେ ଦାବି କରିଛନ୍ତି ଯେ ଅଭିଯୋଗ ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହା ତାଙ୍କ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଛି। ଯଦି ନ୍ୟାୟ ନ ମିଳେ ତେବେ ସେ ଏବଂ ତାଙ୍କ ପରିବାର ରାଜ୍ୟ ସରକାରଙ୍କ ମୁଖ୍ୟାଳୟ ମୁମ୍ବଇର ମନ୍ତ୍ରଣାଳୟ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ସଦାଶିବ ଧମକ ଦେଇଛନ୍ତି।

## ନେସନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତ ମିଳିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ଆରୋପପତ୍ର ଉପରେ ଶୁଣାଣି କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମନା କରିଦେଇଛନ୍ତି। ତେବେ ଇଡି ଏହି ରାୟ ବିରୋଧରେ ଆବେଦନ କରିବ ବୋଲି କୁହିଛି। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ ନିର୍ଦ୍ଦେସ ଦେଇ କହିଛନ୍ତି ଯେ ଏହି ମାମଲାର ଆରୋପପତ୍ର ବ୍ୟକ୍ତିଗତ ଅଭିଯୋଗ ସମ୍ବନ୍ଧିତ। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଅନୁଯାୟୀ ଏତଲା ରୁଜୁ ହୋଇ ନାହିଁ। ତେଣୁ ଏହା ଉପରେ ଶୁଣାଣି କରିବା ସମ୍ଭବ ନୁହେଁ। ଏହି ମାମଲା ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀଙ୍କ ଅଭିଯୋଗ ସହ ସମ୍ବନ୍ଧିତ। ସେ ସୋନିଆ, ରାହୁଲ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ) କମ୍ପାନୀର ୨ ହଜାର କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ଲଗାଇ ଥିଲେ। ଏହି ମାମଲାରେ ସୁମନ ଦୁବେ, ସାମ୍ ପିତ୍ରୋଦା, ୟଙ୍ଗ ଇଣ୍ଡିଆନ, ଡୋଟେକ୍ସ ମର୍ଚେଣ୍ଡାଇଜ ଏବଂ ସୁନୀଲ ଭଣ୍ଡାରୀ ମଧ୍ୟ ଅଭିଯୁକ୍ତ ଅଛନ୍ତି।



■ ଶୁଣାଣି କରିବାକୁ ମନା କଲେ କୋର୍ଟ
■ ମାମଲାରେ ଏତଲା ନାହିଁ, ଅଭିଯୋଗ ବ୍ୟକ୍ତିଗତ

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଦିଲ୍ଲୀ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ଏତଲା ରୁଜୁ କରି ସାରିଛି। ତେଣୁ ଇଡି ଆରୋପପତ୍ର ଉପରେ ନିଷ୍ପତ୍ତି ଦେବା ଅନୁଚିତ ହେବ। ଇଡି ଚାହିଁଲେ ତଦନ୍ତ ଜାରି ରଖି ଆଗକୁ ତଥ୍ୟ ଉପସ୍ଥାପନ କରିପାରିବ। ସେହିପରି ଦିଲ୍ଲୀ ପୁଲିସର ଏକ ନିବେଦନକୁ ସ୍ୱୀକାର କରି ରାହୁଲ ଏବଂ ସୋନିଆଙ୍କୁ ଏତଲାର ନକଲ ଦେବା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏତଲାର ନକଲ ପାଇବା ଅଭିଯୁକ୍ତଙ୍କ ଅଧିକାରୀ ନୁହେଁ ବୋଲି ପୁଲିସ କହିଥିଲା। ଇଡି ଅଭିଯୋଗ ଉପରେ ଶୁଣାଣି ସମୟରେ କଂଗ୍ରେସ ଦଳ ଯୁକ୍ତି ଦେଇଥିଲା ଯେ ଇଡିର ତଦନ୍ତ ରାଜନୈତିକ ପ୍ରତିଶୋଧ ଉପରେ ଆଧାରିତ ଥିଲା। ମାତ୍ର ଏହା ଏକ ଗମ୍ଭୀର ଅର୍ଥନୈତିକ ଅପରାଧ ଥିଲା ଏବଂ ଠକେଇ ଓ ଅର୍ଥ ହେରଫେର ପ୍ରମାଣ ମିଳିଥିବା ଇଡି ପକ୍ଷରୁ କୁହାଯାଇଥିଲା।

ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନ ମାଧ୍ୟମରେ ଏଜିଏଲର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସୋନିଆ ଏବଂ ରାହୁଲଙ୍କ ପାକରେ ଏହି କମ୍ପାନିର ୭୬% ଅଂଶଧନ ରହିଛି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଇଥିଲା। ଏବେ ଏହି ସମ୍ପତ୍ତିର ବଜାର ମୂଲ୍ୟ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି।

● ସୁପ୍ରିମକୋର୍ଟରେ ଡିଜିଟାଲ ଆରେଷ୍ଟ ମାମଲା

## ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଡିଜିଟାଲ ଆରେଷ୍ଟକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସ୍କାମକୁ ରୋକିବା ପାଇଁ ତୁରନ୍ତ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏହାର ମୁକାବିଲା ପାଇଁ ତୁରନ୍ତ ପ୍ରତିରୋଧୀ ବ୍ୟବସ୍ଥା ଏବଂ ପୀଡ଼ିତ କେନ୍ଦ୍ରିକ ପୁନରୁଦ୍ଧାର ବ୍ୟବସ୍ଥା ଆଣିବାକୁ ବ୍ୟାଙ୍କ, ଆରବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏଭଳି ମାମଲାର ବୃଦ୍ଧି ପାଉଥିବା ହସ୍ତକ୍ଷେପ ଆବେଦନକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଯେଉଁ ମାନେ କୋର୍ଟଙ୍କୁ ସହାୟତା କରିବାକୁ ଚାହୁଁଛନ୍ତି ସେମାନେ କରିପାରନ୍ତି। ମାତ୍ର ମାମଲା ଦାଏର କରି ବୋଝ ବଢ଼ାନ୍ତୁ ନାହିଁ ବୋଲି କହିଛନ୍ତି। ଶୁଣାଣି ସମୟରେ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣୀ କହିଥିଲେ ଯେ ନ୍ୟାୟମିତ୍ରଙ୍କ ସୁପାରିସରେ ସିବିଆଇ ପଦକ୍ଷେପ ନେବା ଆରମ୍ଭ କରିଦେଇଛି। ଏଥିପାଇଁ ବିଭାଗୀୟ ବୈଠକ ଡକାଇବାକୁ ନିଷ୍ପତ୍ତି ନିଆଯାଇଛି। ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ପାଇଁ ଅଂଶଧାରକଙ୍କ ସହ ବୈଠକ କରିବାକୁ ମଧ୍ୟ କେନ୍ଦ୍ର ରାଜି ହୋଇଛି। ସିଜେଆଇ ଏହାକୁ ଗ୍ରହଣ କରି ୪ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ।

## ମହିଳା ଡାକ୍ତରଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ

ପାଟନା, ୧୬।୧୨ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୂଆ ବିବାଦରେ ଫସିଛନ୍ତି। ସେ ପାଟନାର ଏକ କାର୍ଯ୍ୟକ୍ରମରେ ଜଣେ ମହିଳା ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ସମୟରେ ତାଙ୍କ ହିଜାବକୁ ଟାଣି ଦେଇଛନ୍ତି। ଏହା ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ନୀତୀଶଙ୍କୁ କଂଗ୍ରେସ ଏବଂ ଆରେଜଡି ନିନ୍ଦା କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। କିଛି ସେଲିବ୍ରିଟି ମଧ୍ୟ ୭୫ ବର୍ଷୀୟ ନୀତୀଶଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସଚିବାଳୟ 'ସମ୍ବାଦ'ରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ନୀତୀଶ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନୁସରତ ପରବୀନଙ୍କ ପାଳି ପଡ଼ିବା ପରେ ସେ ମଞ୍ଚ ଉପରକୁ ଆସିଥିଲେ। ସେ ହିଜାବ ପିନ୍ଧିଥିବା ଦେଖି 'ଏହା କ'ଣ' ବୋଲି ନୀତୀଶ ପଚାରିଥିଲେ। ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରୁଥିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ତାଙ୍କ ହାତକୁ ଟାଣି ଆଣିଥିଲେ। ଆରଜେଡି ଓ କଂଗ୍ରେସ ଏହି ଭିଡିଓକୁ ସେୟାର କରି ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ନୀତୀଶଙ୍କ କ'ଣ ହୋଇଛି? ତାଙ୍କର ମାନସିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ପହଞ୍ଚି ଯାଇଛି କି? ନୀତିଶ ବାବୁ ଏବେ ଆରଏସଏସ ସଦସ୍ୟ ହୋଇଯାଇଛନ୍ତି କି ବୋଲି ପଚରା ଯାଇଛି। ସେହିପରି କଂଗ୍ରେସ ଏହାକୁ ଘୃଣ୍ୟ କାର୍ଯ୍ୟ କହିଛି ଏବଂ ନୀତୀଶଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏ ହେଉଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ତାଙ୍କ ନିର୍ଲଜ୍ଜତାକୁ ଦେଖନ୍ତୁ। ଜଣେ ମହିଳା ଡାକ୍ତର ତାଙ୍କର ନିଯୁକ୍ତି ପତ୍ର ନେବାକୁ ଆସିଥିବାବେଳେ ନୀତୀଶ ତାଙ୍କ ହିଜାବ ଟାଣି ଦେଇଥିଲେ। ବିହାରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଖୋଲାଖୋଲି ଭାବରେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି।



ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ରହିବେ ଚିନ୍ତି କରନ୍ତୁ। ଏହି ଘୃଣ୍ୟ କାର୍ଯ୍ୟ ପାଇଁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ଏହି ଅଶ୍ଳୀଳତା ଅକ୍ଷମଣୀୟ ବୋଲି କଂଗ୍ରେସ କହିଛି।

## ପ୍ରଦୂଷଣ ରୋକିବାକୁ ତନ୍ଦୁର ଭାଟି ଉପରେ କଟକଣା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ପ୍ରଦୂଷଣରେ ଦିଲ୍ଲୀବାସୀ ନୟାନ୍ତ ହେଉଛନ୍ତି। ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦୦ ନିକଟତର ହୋଇଛି। ଏହା ଅତି ଭୟଙ୍କର ସ୍ତରରେ ପହଞ୍ଚି ଯାଇଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ବାଧ୍ୟ ହେଉଛନ୍ତି। ମାତ୍ର ପ୍ରତି ବର୍ଷ ସୃଷ୍ଟି ହେଉଥିବା ଏହି ସମସ୍ୟାରୁ ଲୋକଙ୍କୁ ମୁକ୍ତିଦେବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣରେ ସଫଳତା ମିଳି ନ ଥିବାରୁ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ହତାଶ ହୋଇଯାଇଛି। ଆଉ ଏହି ଗ୍ଲାନିରେ ଏଭଳି ନିଷ୍ପତ୍ତି ନେଇଛି ଯାହା ସମସ୍ତଙ୍କୁ ବିସ୍ମିତ କରିଛି। ହୋଟେଲ, ରେସ୍ତୋରାଁ ଏବଂ ଖୋଲା ସ୍ଥାନରେ ଚାଲିଥିବା ଦୋକାନରେ ତନ୍ଦୁର ଭାଟିକୁ ନିଷିଦ୍ଧ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଗତ ସପ୍ତାହରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ବାୟୁ ପ୍ରଦୂଷଣ ନିୟମ-୧୯୮୧ର ଧାରା ୩୧ (ଏ) ଅଧିନରେ ଏହି ପଦକ୍ଷେପ ନିଆଯାଇଛି। କାଠ ଏବଂ କୋଇଲା ଉପରେ ନିର୍ଭରଶୀଳ ତନ୍ଦୁରକୁ ତୁରନ୍ତ ବନ୍ଦ କରି ଇଲେକ୍‌ଟ୍ରିକ ଏବଂ ଗ୍ୟାସ ଚାଳିତ ବ୍ୟବହାର କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଗ୍ରାପ-୪ କଟକଣା ଜାରି କରାଯାଇଛି। ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ନ ଥିବା ଗାଡ଼ିକୁ ୧୮ ତାରିଖରୁ ପେଟ୍ରୋଲ-ଡିଜେଲ ମିଳିବ ନାହିଁ ବୋଲି ପରିବେଶ ମନ୍ତ୍ରୀ ମନଜିନ୍ଦର ସିର୍ସା କହିଛନ୍ତି। ଦିଲ୍ଲୀକୁ କେବଳ ବିଏସ-୬ ଗାଡ଼ି ପ୍ରବେଶ କରିବ। ନିର୍ମାଣକାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ଦିଆଯାଇଛି।



ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ମିଳିବା ମାମଲା

## ସଂସଦରେ ଏସବୁ କ'ଣ ଚାଲିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୋବନ୍ତ ବର୍ମାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ବାଚସ୍ପତି ଓମ୍ ବିର୍ଲାଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଆବେଦନରେ ଦୁର୍ନୀତି ଅଭିଯୋଗର ଯାଞ୍ଚ ପାଇଁ ଲୋକସଭା ଦ୍ୱାରା ଏକାକୀ ଗଠିତ ତିନି ସଦସ୍ୟ ବିଶିଷ୍ଟ କମିଟିର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି। ଏହାକୁନେଇ ସୁପ୍ରିମକୋର୍ଟ ବାଚସ୍ପତି ଏବଂ ଉଭୟ ଗୃହର ମହାସଚିବଙ୍କୁ ଜବାବ ମାଗିଛନ୍ତି। ଲୋକସବାରେ କ'ଣ ସବୁ ଚାଲିଛି ବୋଲି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି।

ଆବେଦନରେ କୁହାଯାଇଛି ଯେ ଉଭୟ ସଦନରେ ମହାଭିଯୋଗ ପ୍ରସ୍ତାବ ଅଣା ଯାଇଥିଲା। ମାତ୍ର ରାଜ୍ୟସଭାରେ ଏହାକୁ ମଞ୍ଜୁରି ମିଳି ନ ଥିଲା। ଏହା ସତ୍ତ୍ୱେ ଏକାକୀ ଯାଞ୍ଚ କମିଟି ଗଠନ କରି ଲୋକସଭା ଭୁଲ୍ କରିଛି। ଏ ନେଇ ଉଭୟ ଗୃହର ମିଳିତ କମିଟି ଗଠନ କରିବାର ଥିଲା। ଏହା ଉପରେ ଜଷ୍ଟିସ ଦତ୍ତା କହିଥିଲେ ଯେ ସଂସଦରେ ଏତେ ସାଂସଦ ଏବଂ ଆଇନ ବିଶେଷଜ୍ଞ ଉପସ୍ଥିତ ଥିଲେ। କିନ୍ତୁ କେହି କେମିତି କମିଟି ଗଠନ ପ୍ରତି ଧ୍ୟାନ ଦେଇ ନ ଥିଲେ। ଏତେ ଆଇନ ବିଶେଷଜ୍ଞ ଥିବା ସତ୍ତ୍ୱେ ଏ ସବୁ କେମିତି ହୋଇଗଲା? ଜାନୁଆରୀ ୭ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

■ ବାଚସ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ
■ ରାଜ୍ୟସଭାରେ ମହାଭିଯୋଗକୁ ମଞ୍ଜୁରି ନ ମିଳିବା ପରେ ଯାଞ୍ଚ କମିଟି ଗଢ଼ିଲେ କେମିତି

ସୂଚନାଯୋଗ୍ୟ ଯେ ମାର୍ଚ୍ଚ ୧୪ରେ ଦିଲ୍ଲୀର ସ୍ଥିତ ଯଶୋବନ୍ତ ବର୍ମାଙ୍କ ବାସଭବନରେ ନିଆଁ ଲାଗିବା ପରେ ଷ୍ଟୋର ରୁମ୍‌ରୁ ଟଙ୍କା ବିଡ଼ା ମିଳିଥିଲା। ଏହି ମାମଲାରେ ତିନି ହାଇକୋର୍ଟ ବିଚାରପତିଙ୍କ ତଦନ୍ତ କମିଟି ଜଷ୍ଟିସ ବର୍ମାଙ୍କୁ ଦୋଷୀ କହିଥିଲେ। ତାଙ୍କୁ ହଟାଇବା ପାଇଁ ସୁପାରିସ କରିଥିଲେ। ଏହା ପରେ ସରକାର ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିଥିଲେ। ଏହାକୁ ବାଚସ୍ପତି ମଞ୍ଜୁର କରିଥିଲେ।

## ଏସ୍‌ଆଇଆର: ପଶ୍ଚିମବଙ୍ଗରେ ୫୮ ଲକ୍ଷ, ରାଜସ୍ଥାନରେ କଟିଲେ ୪୨ ଲକ୍ଷ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଦୁଇ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ପଶ୍ଚିମବଙ୍ଗରେ ୫୮ ଲକ୍ଷ ୨୦ ହଜାର ୮୯୮ ଭୋଟରଙ୍କ ନାମ ହଟାଇବା ପାଇଁ ଚିହ୍ନଟ କରାଯାଇଛି। ସେହିପରି ରାଜସ୍ଥାନରେ ୪୧.୮୫ ଲକ୍ଷ ଏବଂ ପୁଡୁଚେରୀରେ ୮୫ ହଜାର ଭୋଟରଙ୍କ ନାମ କଟା ଯାଇଛି। ଏହା ସହିତ ଘର ଘର ବୁଲି ସୂଚନା ସଂଗ୍ରହ କରିବା କାମ ଶେଷ ହୋଇଛି। ଏବେ ଦାବି, ଆପତ୍ତି ଏବଂ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଶେଷ ଭୋଟର ତାଲିକା ଫେବୃଆରୀ ୧୪ରେ ଜାରି କରାଯିବ।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ୨୪, ୧୬, ୮୫୨ ଭୋଟର ପ୍ରାଣ ହରାଇଛନ୍ତି। ୧୯ ଲକ୍ଷ ୮୮ ହଜାର ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ଏବେ ୧୨ ଲକ୍ଷ ୨୦ ହଜାର ୩୮ ଜଣ ନିଖୋଜ ଅଛନ୍ତି। ସେହିପରି ଲକ୍ଷେ ୩୮ ହଜାର ୩୨୮ ଜଣ ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ୫୭,୬୦୪ ଜଣଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୨୦୦୨ ଏସଆଇଆରରେ ତିନି ନିୟୁତ ଭୋଟର ସାମିଲ ହୋଇ ନ ଥିଲେ। ଫର୍ମରେ ତ୍ରୁଟି ଥିବାରୁ ଆଉ ୧୬.୭ ନିୟୁତ ଭୋଟର ଇସିଙ୍କ ସ୍କାନରରେ ଅଛନ୍ତି। ରାଜସ୍ଥାନରେ ୨୯. ୬ ଲକ୍ଷ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୮.୭୫ ଲକ୍ଷ ପ୍ରାଣ ହରାଇଥିବାବେଳେ ୩.୪୪ ଲକ୍ଷ ନକଲି ଭୋଟର ଥିବା ଜଣାପଡ଼ିଛି। ପୁଡୁଚେରୀର ଚିଠା ଭୋଟର ତାଲିକାରେ ବଡ଼ ପରିବର୍ତ୍ତନ କରାଯାଇଛି। ଏଠାରେ ୧୧୦ ନୂଆ ମତଦାନ କେନ୍ଦ୍ର ସାମିଲ କରାଯାଇଛି। ପ୍ରାୟ ୮୫ ହଜାର ଭୋଟରଙ୍କୁ ହଟାଇ ଦିଆଯାଇଛି। ପୁଡୁଚେରୀର ମୋଟ ଭୋଟର ସଂଖ୍ୟା ୭.୬୪ ଲକ୍ଷ ରହିଛି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖାଦେବ। ଦୂରଯାତ୍ରାକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

## ଆଜିର ଇତିହାସ

- ୧୬୪୫- ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁଙ୍କ ଦେହାନ୍ତ।
- ୧୯୦୨- ମାର୍କୋନି ପ୍ରଥମ ଥର ରେଡିଓ ଷ୍ଟେସନ୍ ନିର୍ମାଣ କଲେ।
- ୧୯୭୧- ଭାରତ-ପାକ୍ ଯୁଦ୍ଧ ସମାପ୍ତ।
- ୧୯୯୬- ନ୍ୟାସନାଲ୍ ଫୁଟବଲ ଲିଗ୍‌ର ଶୁଭାରମ୍ଭ।
- ୨୦୦୨- ତୁର୍କୀ କାଶ୍ମୀର ପ୍ରସଙ୍ଗରେ ଭାରତର ସମର୍ଥନ କଲା।
- ୨୦୦୮ - ଶୀଳା ଦୀକ୍ଷିତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।

## ଆଜି ଆମିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୮୭୦ ମସିହା ଆଜିର ଦିନରେ ମୟୂରଭଞ୍ଜ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଭଞ୍ଜ। ୧୮୯୨ ଅଗଷ୍ଟରେ ସେ ରାଜସିଂହାସନ ଆରୋହଣ କରିଥିଲେ ଏବଂ କ୍ରମେ ଜଣେ ପ୍ରଜାବତ୍ସଳ ରାଜା ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଜନ୍ମମାଟି ମୟୂରଭଞ୍ଜ ଓ ଉତ୍କଳମାତାର ସର୍ବାଙ୍ଗୀନ ଉନ୍ନତି ହିଁ ଥିଲା ତାଙ୍କ ଜୀବନର ମହାମନ୍ତ୍ର। ଶ୍ରୀରାମଚନ୍ଦ୍ର ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଶିକ୍ଷା, କୃଷି, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିଥିଲେ। ତାଙ୍କର ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା। ମୟୂରଭଞ୍ଜରୁ ଶ୍ରୀରାମଚନ୍ଦ୍ର ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ପରେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଛୋଟ ଲାଟସାହେବଙ୍କ ସହାୟତାରେ ସେ ବିଦ୍ୟା ଅଧ୍ୟୟନ କରିଥିଲେ। ଏହାପରେ ସେ କଟକ ଯାଇ ବ୍ରେଟାମ୍ କିଡେଲ୍ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବି.ଏ. ପଢୁଥିବା ସମୟରେ ସେ ସାବାଳକ ହୋଇ ରାଜଗାଦିରେ ବସିବାରୁ ପରୀକ୍ଷା ଦେଇ ପାରି ନ ଥିଲେ। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ତାଙ୍କ ଶାସନ କାଳରେ ମୟୂରଭଞ୍ଜର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୟୂରଭଞ୍ଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜର ଶ୍ରମ, ସମୟ ଓ ଅଜସ୍ର ଅର୍ଥରାଶିକୁ ବିନିଯୋଗ କରିଥିଲେ। ଏହି ସମୟରେ ରାଜ୍ୟର ପ୍ରଥମ ରେଳରାସ୍ତା ରୁପ୍ସାଠାରୁ ତାଳବନ୍ଧ ପର୍ଯ୍ୟନ୍ତ ନିର୍ମାଣ, ହଳଦିଆ ଓ ହଳଡିହଠାରେ ଦୁଇଟି ଜଳଭଣ୍ଡାର ନିର୍ମାଣ, ସ୍ୱଚ୍ଛ ଶାସନ ପାଇଁ ମୟୂରଭଞ୍ଜ ଷ୍ଟେଟ୍ କାଉନସିଲ୍ ଗଠନ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ପଦକ୍ଷେପ ସହ ପୋଲିସ୍ ବିଭାଗ ସୃଷ୍ଟି ତା'ର ଜ୍ୱଳନ୍ତ ଉଦାହରଣ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କଟକର ଇଦ୍‌ଗା ମୈଦାନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ରାଜକୋଷର ଅର୍ଥକୁ ସେ ନିଜର ବୋଲି ଭାବୁ ନ ଥିଲେ। ପିତା ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି କଟକ ମେଡିକାଲ ସ୍କୁଲ ଓ ରେଭେନ୍ସା କଲେଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ପାଇଁ ସେ ବିପୁଳ ଅର୍ଥ ରାଶି ଦାନ କରିଥିଲେ। ଶ୍ରୀରାମଚନ୍ଦ୍ରଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ଏବେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ରେଭେନ୍ସା କଲେଜରେ ବିଜ୍ଞାନ ବିଭାଗ ଖୋଲିବାରେ ସେ ସାହାଯ୍ୟ କରିଥିଲେ। ମହାରାଜାଙ୍କ ଶାସନକାଳ ୧୮୯୨ରୁ ୧୯୧୨ ଥିଲା ଭଞ୍ଜବଂଶ ଶାସନର ସୁବର୍ଣ୍ଣଯୁଗ। ଶାସନ ବ୍ୟବସ୍ଥା ପାଇଁ ତତ୍କାଳୀନ ବ୍ରିଟିଶ୍ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ। ୧୯୧୨ ମସିହା ଫେବ୍ରୁଆରୀ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଜନହିତୈଷୀ ରାଜା ଇତିହାସରେ ବିରଳ। ବାସ୍ତବିକ ସେ ଥିଲେ ମାନବିକତା, ପ୍ରଜାବତ୍ସଳତା, ଉଦାରତା ସର୍ବୋପରି ଆଦର୍ଶ ଓ ପାଣ୍ଡିତ୍ୟର ଅନନ୍ୟ ଉଦାହରଣ।

# ଫେସ୍‌ମାସ୍କରେ ଉପସ୍ଥିତି



ଟେକ୍ନୋଲୋଜି କ୍ଷେତ୍ରରେ ଚୀନ୍ ସର୍ବଦା ଆଗରେ ରହିଥାଏ। ଚୀନ୍‌ରେ ପ୍ରତିଦିନ ନୂଆ ନୂଆ କଥା ଦେଖିବାକୁ ମିଳିଥାଏ। ଚୀନ୍‌ରେ ୱେନ୍‌ଝୋଉରେ ଥିବା ଏକ ସମିତିରେ କାମ କରୁଥିବା ଜଣେ କର୍ମଚାରୀ ଅଫିସ୍‌ରେ ଅନୁପସ୍ଥିତ ଥିବା ସହକର୍ମୀଙ୍କ ଚେହେରାର ରଙ୍ଗୀନ ପ୍ରିଣ୍ଟ କାଢ଼ି ତାକୁ ମାସ୍କ ଭଳି ବ୍ୟବହାର କରି 'ଫେସ୍ ରିକଗିନିସନ୍' ପଦ୍ଧତିକୁ ଚକ୍‌ମା ଦେଉଥିବା କଥା ସାମ୍ନାକୁ ଆସିବା ପରେ ଏହା ସମସ୍ତଙ୍କୁ ଚକିତ କରିଛି। କେବଳ ସେତିକି ନୁହେଁ, ଏଭଳି ମାସ୍କ ପିନ୍ଧି ଅନୁପସ୍ଥିତ ଥିବା କର୍ମଚାରୀ ଜଣକ ଅଫିସ୍‌ରେ ଉପସ୍ଥିତ ଥିବା ଦର୍ଶାଯାଉଥିଲା। ତେବେ ଲି ନାମକ ଜଣେ ବ୍ୟକ୍ତି ଏନେଇ ଅଭିଯୋଗ କରିବା ପରେ ଏହି ତମାମ୍ ମାମଲା ଲୋକଲୋଚନକୁ ଆସିଥିଲା। ଏହି ପୂରା ଘଟଣା ଚେକ୍‌ଇନ୍ ମେସିନ୍ ଉପରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଲିଙ୍କ କହିବା କଥା, ସମିତି ସଚିବାଳୟର ଜଣେ ସଦସ୍ୟ ଅନେକ କର୍ମଚାରୀମାନଙ୍କର ଫେସ୍‌ମାସ୍କରେ ଏମିତି ଫର୍ଜି ଉପସ୍ଥିତି ଦର୍ଶାଉଥିଲେ। ଏଥିରେ ସମିତିର ସେକ୍ରେଟାରୀ ମଧ୍ୟ ସାମିଲ ଥିଲେ। ଏହି ସମିତି ଚୀନ୍‌ର ସବୁଠୁ ନିମ୍ନ ସ୍ତରର ଏକ ପ୍ରଶାସନିକ ସଂସ୍ଥା। ଏମାନେ ସରକାରୀ କର୍ମଚାରୀ ଭାବେ ପରିଗଣିତ ହୋଇ ନଥାନ୍ତି। ସେମାନଙ୍କୁ ଦରମା ବଦଳରେ ଭତ୍ତା ମିଳିଥାଏ। ତେବେ ଏହି ମାମଲାରେ କେତେଜଣ କର୍ମଚାରୀ ସାମିଲ ଅଛନ୍ତି ତାହା ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। ଏହି ମାମଲା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସିକ୍ୟୁରିଟି ଓ ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନେଇ ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଡିସେମ୍ବର ଶେଷ ସୁଦ୍ଧା ଏନେଇ ବରିଷ୍ଠ ଅଧିକାରୀମାନେ କିଛି ନିଷ୍ପତ୍ତି ନେଇ ପାରନ୍ତି ବୋଲି ଜଣାପଡ଼ିଛି।

## 'ଟକ୍ସିକ୍', 'ଧୁରନ୍ଧର ୨'କୁ ଡରିଲେ ଅଜୟ

# ଘୁଞ୍ଚିଲା 'ଧମାଲ୍ ୪'



୨୦୨୬ ବର୍ଷ ସିନେପ୍ରେମୀଙ୍କ ପାଇଁ ବେଶ୍ ଖାସ୍ ହେବାକୁ ଯାଉଛି। ଆସନ୍ତା ବର୍ଷ ଆରମ୍ଭରେ ଅନେକ ବଡ଼ ତାରକାଙ୍କ ଦୀର୍ଘଦିନରୁ ବନ୍ଦ ହୋଇ ପଡ଼ି ରହିଥିବା ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ମାର୍ଚ୍ଚ ମାସରେ ମହାଲଢ଼େଇ ହେବାକୁ ଯାଉଛି। 'କେଜିଏଫ୍' ଫେମ୍ ଯଶ୍‌ଙ୍କ 'ଟକ୍ସିକ୍' ଇଦ୍ ଅବସରରେ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ଏହି ଦିନ ରଣବୀର ସିଂହଙ୍କ 'ଧୁରନ୍ଧର ପାର୍ଟ ୨' ମଧ୍ୟ ରିଲିଜ୍ ହେବ। ତେବେ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କରକୁ ଦେଖି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ତାଙ୍କ କମେଡି ଫିଲ୍ମ 'ଧମାଲ୍ ୪'ର ରିଲିଜ୍‌କୁ ଆଗକୁ ଘୁଞ୍ଚାଇ ଦେଇଛନ୍ତି। ଏହା ମାର୍ଚ୍ଚ ୨୦ରେ ରିଲିଜ୍ ହେବାର ଥିଲା। ଅଜୟ ହିଁ ପ୍ରଥମ ବ୍ୟକ୍ତି ଯିଏ ତାଙ୍କ ଫିଲ୍ମକୁ ଇଦ୍ ଅବସରରେ ଘୋଷଣା କରିଥିଲେ। ଏବେ ଅଜୟ ଓ ତାଙ୍କ ଟିମ୍ ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବା ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ମେ ମାସରେ ସେମାନେ ଏହି ଫିଲ୍ମକୁ ରିଲିଜ୍ କରିବା ପାଇଁ ଚିନ୍ତା କରୁଛନ୍ତି। ଏଠାରେ ପ୍ରକାଶ ଥାଉ କି, ଇଦ୍ ଅବସରରେ ଯଶ୍‌ଙ୍କ 'ଟକ୍ସିକ୍', ଅଦିବି ଶେଷଙ୍କ 'ଡକୈତ' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବ। ଏଥିରେ ଯଶ୍‌ଙ୍କ ଫିଲ୍ମ ଭଲ ପ୍ରଦର୍ଶନ କରିବ ବୋଲି ଚର୍ଚ୍ଚା ହେଉଛି। କାରଣ ଏହା ହିନ୍ଦୀ, କନ୍ନଡ଼, ମଲାୟଲମ୍, ତାମିଲ, ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ସୂର୍ଯ୍ୟ ସେନା

**ଲକ୍ଷ୍ନୌ, ୧୬ ।୧୨ (ଏଜେନ୍ସି)**

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମୁକାବିଲା ବୁଧବାର ଖେଳାଯିବ। ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏଠାରେ ବିଜୟୀ ହୋଇ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କିନ୍ତୁ ଏହି ମୁକାବିଲାକୁ ଜିତି ସିରିଜକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିବ। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଭାରତ ଯଥାକ୍ରମେ ୧୦୧ ରନ ଓ ୭ ୱିକେଟ୍‌ରେ ଜିତିଥିଲା। ଦ୍ୱିତୀୟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୫୧ ରନରେ ବିଜୟୀ ହୋଇଥିଲା।

### ସଞ୍ଜୁଙ୍କୁ ମିଳିପାରେ ସୁଯୋଗ



ଘରୋଇ ଭାରତୀୟ ଦଳ ୨-୧ରେ ସିରିଜ ଅଗ୍ରଣୀ ରହିଥିଲେ ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ଚିନ୍ତାର କାରଣ ରହିଛି। ଗିଲ୍ ୩ଟି ଯାକ ମ୍ୟାଚରେ ଯଥାକ୍ରମେ ୪, ୦, ୨୮ ରନ କରିଛନ୍ତି। ସେହିଭଳି ସୂର୍ଯ୍ୟକୁମାର କଟକରେ ୧୨, ଚଣ୍ଡିଗଡ଼ରେ ୫ ଓ ତୃତୀୟ ଟି-୨୦ରେ ୧୨ ରନ କରିଥିଲେ। ତେଣୁ ଚତୁର୍ଥ ମୁକାବିଲାରେ ଗିଲ୍‌ଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଯଦି ଗିଲ୍‌ଙ୍କୁ ବିଶ୍ରାମ ଦିଆଯାଏ ତେବେ ଇନଫର୍ମ ୱିକେଟ୍‌କିପର ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। ସଞ୍ଜୁ ଗତବର୍ଷ ଟି-୨୦ରେ ୩ଟି ଶତକ ମାରିଥିଲେ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

## ଜାତୀୟ ସିନିଅର ହ୍ୟାଣ୍ଡବଲ୍

# ଓଡ଼ିଶା ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୧୬ ।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ମଙ୍ଗଳବାର ୨୮-୨୦ ସ୍କୋରରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତା ଲାଗି ଆଲୋକ କୁମାର ଭୋଇ ୧୮ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ସମ୍ବଲପୁରକୁ ହରାଇ ଫାଇନାଲ୍‌ରେ ସାଇ ଇଲେଭେନ





ଭାପୁର ତା୧୬ ।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭୁବନେଶ୍ୱରର ସାଇ ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସାଇ ଇଲେଭେନ ୫୮ ରନରେ ଏମଏମସିସି ସମ୍ବଲପୁର ଦଳକୁ ହରାଇଥିଲା। ଟସ ଜିତି ସାଇ ଇଲେଭେନ ୨୦ ଓଭରରେ ୬ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଆଦିତ୍ୟ ରାଉତ ୧୦୨ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ୫୫ ବଲର ଏହି ପାଳିରେ ସେ ୮ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ୨୩୦ ରନର ଲକ୍ଷ୍ୟକୁ ପିଛା କରିଥିବା ସମ୍ବଲପୁର ଦଳ ୧୭୧ ରନରେ ସିମୀତ ରହିଥିଲା। ଆଦିତ୍ୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜି ଖେଳିରେ ଦୁଇ ଆଇପିଏଲ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସର ଦୀପକ ପୁନିଆ ଓ ଓଡିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦର୍ଶକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ। ଅଧ୍ୟାପକ ପ୍ରସନ୍ନ ମହାରଣା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ-ବି'ର ପ୍ରଥମ କ୍ୱାର୍ଟର କଳାହାଣ୍ଡି କ୍ରିକେଟ ଏକାଡେମୀ ସହ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## କୁଚ୍‌ବିହାର ଟ୍ରଫି

# ପ୍ରିୟାଂଶୁଙ୍କୁ ୭ ୱିକେଟ୍; ହିମାଚଳ ୧୮୧ରେ ସୀମିତ

ଭୁବନେଶ୍ୱର/ବଲାଙ୍ଗିର, ୧୬ ।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ହିମାଚଳ ପ୍ରଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଭଲସ୍ଥିତିରେ ରହିଛି। ମ୍ୟାଚରେ ଭ୍ରମଣକାରୀ ହିମାଚଳ ପ୍ରଦେଶ ଟସ୍ ଜିତି ବ୍ୟାଟିଂ କରିଥିଲା। ତେବେ ଘରୋଇ ଦଳର ଦ୍ରୁତ ବୋଲର ପ୍ରିୟାଂଶୁ ମହାନ୍ତିଙ୍କ ବୋଲିଂକୁ ସାମ୍ନା କରି ନ ପାରି ଦଳ ପ୍ରଥମ ପାଳିରେ ୭୨.୩ ଓଭର ଖେଳି ୧୮୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ କଟରିୟା ସର୍ବାଧିକ ୫୭ ରନ କରିଥିଲେ। ବୋଲିଂରେ ପ୍ରିୟାଂଶୁ ୨୭.୩ ଓଭର ବୋଲିଂ କରି ୨ ମେଡେନ ସହ ୬୦ ରନ ବ୍ୟୟରେ ୭ଟି ୱିକେଟ୍ ନେଇ ହିମାଚଳ ପ୍ରଦେଶର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଷ୍ଟମ୍ପ ସୁଦ୍ଧା ୧୫ ଓଭରରେ କୌଣସି ୱିକେଟ୍ ନ ହରାଇ ୪୪ ରନ ସଂଗ୍ରହ କରିଛି। ସମ୍ବିତ ବେଜ ୨୫ ଓ ଅଭିରୂପ ଦାସ ୧୮ ରନ କରି ଖେଳୁଛନ୍ତି। ଇନିଂସ ଅଗ୍ରଣୀ ଲାଗି ଓଡ଼ିଶା ଆହୁରି ୧୩୮ ରନ ଆବଶ୍ୟକ କରୁଛି।



## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ଦିଆଗଲା ପ୍ରୋତ୍ସାହନ





**ଭୁବନେଶ୍ୱର, ୧୬ ।୧୨ (ସମିସ)**

ରାଜସ୍ଥାନରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଦମ୍‌ଦାର ପ୍ରଦର୍ଶନ କରି ୨୧ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଥିଲା। ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଟପ୍-୭ରେ ରହି ପୂର୍ବାଞ୍ଚଳର ଶ୍ରେଷ୍ଠ ପଦକ ବିଜେତା ଭାବେ ଅଭିଯାନ ଶେଷ କରିଥିଲା। ଏହି ଅବସରରେ ମଙ୍ଗଳବାର ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଓ ଦଳଗତ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଟଙ୍କା ଓ କାଂସ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। 'ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶଶ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ପଦକ ହାସଲ କରିବେ' ବୋଲି ଶ୍ରୀ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫେନ୍‌ସିଙ୍ଗ୍ ପ୍ରଶିକ୍ଷଣ ଶିବିରରେ ୩୦ ଖେଳାଳି



ଭୁବନେଶ୍ୱର,୧୬ ।୧୨ (ସମିସ): ୩୩ତମ ଜାତୀୟ କନିଷ୍ଠ ଫେନସିଙ୍ଗ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୫-୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା କଟକ ରେ ଅନୁଷ୍ଠିତ ହେବ ଏନେଇ ଆଜି ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନ୍‌ସିଙ୍ଗ୍ ହଲ୍‌ଠାରେ ଓଡିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ମୋଟ ୩୦ ଜଣ ଖେଳାଳି ପ୍ରଶିକ୍ଷଣ ଶିବିର ରେ ରହିବେ ଏବଂ ତାଙ୍କୁ ସାତ ଜଣ କୋଚ ତାଲିମ ପ୍ରଦାନ କରିବେ । ଏଥିରୁ କନିଷ୍ଠ ବର୍ଗରୁ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ବଛାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ବଲାଙ୍ଗିର ଅତିରିକ୍ତ ଏସ.ପି ଶ୍ରୀଯୁକ୍ତ ଗୁଣନିଧି ମଲ୍ଲିକ ,ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅସିଚାଳନା କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁକାନ୍ତ ସେଠ, କରିଶ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ,ସସ୍ମିତା ଗଡତିଆ, ଜିତେନ୍ଦ୍ର ନାଏକ, କରୁଣା କର ନାଏକ, ବିଭୁତି ସ୍ୱାଇଁ ଉପସ୍ଥିତ ଥିଲେ।

## ଆଇପିଏଲ୍-୧୯ ମିନି ନିଲାମୀ: ସବୁଠୁ ଦାମି ବିଦେଶୀ ଖେଳାଳି ରେକର୍ଡ ଭାଙ୍ଗିଲା

# ୨୬ ବର୍ଷୀୟ ଗ୍ରୀନ୍ ୨୫.୨୦ କୋଟିରେ ବିକ୍ରି

ଆବୁଧାବି, ୧୬ ।୧୨ (ଏଜେନ୍ସି)

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବୁଧାବିରେ ଅନୁଷ୍ଠିତ ଏହି ଦିନିକିଆ ଖେଳାଳି କ୍ରୟ ପ୍ରକ୍ରିୟାରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କ୍ରିସ୍ ଗ୍ରୀନ ଏଥର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ୨୬ ବର୍ଷୀୟ ଗ୍ରୀନଙ୍କୁ ୨୫.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସରେ ସବୁଠୁ ମହଙ୍ଗା ବିଦେଶୀ ଖେଳାଳି ହୋଇଛନ୍ତି। ପୂର୍ବରୁ ଦାମି ବିଦେଶୀ ଖେଳାଳି ଟ୍ୟାଗ୍ ସମାନ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କଠାରେ ଲାଗିଥିଲା। ୨୦୨୪ ନିଲାମୀରେ କେକେଆର୍ ଫ୍ରାଞ୍ଚାଇଜ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥର ନିଲାମୀରେ ମୋଟ୍ ୩୬୯ଜଣ ଖେଳାଳିଙ୍କ ମଧ୍ୟରୁ ୭୭ଜଣ କ୍ରୟ ହୋଇଛନ୍ତି। ଏଥିଲାଗି ୧୦ଟି ଯାକ ଫ୍ରାଞ୍ଚାଇଜ ମୋଟ୍ ୨୧୫.୪୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କ୍ରୟ ହୋଇଥିବା ୭୭ଜଣ ଖେଳାଳିଙ୍କ ମଧ୍ୟରେ ୨୯ଜଣ ବିଦେଶୀ ଓ ୪୮ଜଣ ଭାରତୀୟ ଖେଳାଳି ରହିଛନ୍ତି। ଆଇପିଏଲ୍‌ର ୧୯ତମ ସଂସ୍କରଣ ମାର୍ଚ୍ଚ ୨୬ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଅଫିସିଆଲ୍ ଘୋଷଣା ଏପର୍ଯ୍ୟନ୍ତ ହୋଇଛି।



କ୍ରିସ୍ ଗ୍ରୀନ



କାର୍ତ୍ତିକ ଶର୍ମା



ପ୍ରଶାନ୍ତ ବୀର

### କାହିଁକି ୧୮ କୋଟି ପାଇବେ ଗ୍ରୀନ

ଅଷ୍ଟ୍ରେଲିଆର ଗ୍ରୀନଙ୍କୁ କୋଲକାତା ୨୫.୨୦ କୋଟି ଟଙ୍କାରେ ଏଥର ନିଲାମୀରେ କ୍ରୟ କରିଛି। ନିଲାମୀ ସମୟରେ ଗ୍ରୀନଙ୍କୁ ନେବା ପାଇଁ କୋଲକାତା ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ସିଏସ୍‌କେ ୨୫ କୋଟି ପର୍ଯ୍ୟନ୍ତ ବାଜି ଲଗାଇଥିଲା। କିନ୍ତୁ ଶେଷରେ କୋଲକାତା ୨୫.୨୦ କୋଟି ସହ ବାଜିମାତ୍ କରିନେଇଥିଲା। ଗ୍ରୀନଙ୍କ ମୂଳ ଦର ୨ କୋଟି ରହିଥିବାବେଳେ ସେ ପାଖାପାଖି ୧୩ ଗୁଣା ମୂଲ୍ୟରେ ବିକ୍ରି ହୋଇଥିଲେ। ଗ୍ରୀନ ୨୫.୨୦ କୋଟି ଟଙ୍କାରେ କ୍ରୟ ହୋଇଥିଲେ ମଧ୍ୟ ପ୍ରାପ୍ୟ ବାବଦକୁ ସେ ୧୮ କୋଟି ଟଙ୍କା ପାଇବେ। ଆଇପିଏଲ୍‌ର ମିନି ନିଲାମୀରେ ବିଦେଶୀ ଖେଳାଳିଙ୍କ ଲାଗି ରହିଥିବା 'ମ୍ୟାକ୍ସିମମ୍ ଫି' ନିୟମ ଅନୁଯାୟୀ ବଳକା ୭.୨୦ କୋଟି ଟଙ୍କା ବିସିସିଆଇର ଖେଳାଳି କଲ୍ୟାଣ କାର୍ଯ୍ୟକ୍ରମକୁ ଯିବ।

### ଦୁଇ ଖେଳାଳିଙ୍କ ପାଇଁ ୪୩.୨୦ କୋଟି ଖର୍ଚ୍ଚ କଲା କେକେଆର

ମଙ୍ଗଳବାର ନିଲାମୀରେ ସବୁଠୁ ମହଙ୍ଗା ଖେଳାଳି ଦ୍ୱୟ ରହିଥିଲେ କାମେରନ ଗ୍ରୀନ ଓ ମଥିଶା ପତିରାଣା। ଏହି ଦୁଇ ଖେଳାଳିଙ୍କୁ କୋଲକାତା ଫ୍ରାଞ୍ଚାଇଜ ଯଥାକ୍ରମେ ୨୫.୨୦ କୋଟି ଓ ୧୮ କୋଟି ଟଙ୍କାରେ କ୍ରୟ କରିଥିଲେ। ଫଳରେ ଏହି ଦୁଇଜଣ ଖେଳାଳିଙ୍କୁ କ୍ରୟ କରିବା ଲାଗି ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ୪୩.୨୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

### ମହଙ୍ଗା ଅନକ୍ୟାପଡ୍ ଖେଳାଳି ପ୍ରଶାନ୍ତ, କାର୍ତ୍ତିକ

ସେହିଭଳି ଏଥର ମିନି ନିଲାମୀରେ ସବୁଠୁ ଚର୍ଚ୍ଚାରେ ରହିଥିଲା ସର୍ବାଧିକଥରର ଟାଇଟଲ୍ ବିଜେତା ଚେନ୍ନାଇ ସୁପର କିଙ୍ଗ୍‌ସ। ଚେନ୍ନାଇ ଦୁଇଜଣ ଅପରିଚିତ ଖେଳାଳିଙ୍କୁ କ୍ରୟ କରିବା ଲାଗି ୨୮.୪୦ କୋଟି ଟଙ୍କା ବ୍ୟୟ କରିଥିଲା। ସେହି ଦୁଇଜଣ ଖେଳାଳି ହେଲେ ଉତ୍ତର ପ୍ରଦେଶ ଅଲ୍‌ରାଉଣ୍ଡର ପ୍ରଶାନ୍ତ ବୀର ଓ ରାଜସ୍ଥାନର ୱିକେଟକିପର କାର୍ତ୍ତିକ ଶର୍ମା। ଉଭୟଙ୍କୁ ଚେନ୍ନାଇ ୧୪.୨୦ କୋଟି ଲେଖାଏରେ କିଣି ଦଳରେ ସାମିଲ କରିଛି। ଉଭୟଙ୍କ ମୂଳ ଦଳ ୩୦ ଲକ୍ଷ ଟଙ୍କା ରହିଥିଲା। ଅର୍ଥାତ୍ ଏମାନେ ମୂଳଦରରୁ ୪୯ ଗୁଣା ଅଧିକ ମୂଲ୍ୟରେ ନିଲାମୀରେ କ୍ରୟ ହୋଇଥିଲେ। ସେହିଭଳି ଆଇପିଏଲ୍ ଇତିହାସରେ ଅନକ୍ୟାପଡ୍ ଅର୍ଥାତ୍ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଉଭୟ ସର୍ବାଧିକ ମୂଲ୍ୟରେ ବିକ୍ରି ହେବାର ନୂଆ ରେକର୍ଡ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଆଭେସ ଖାନଙ୍କ ନାମରେ ରହିଥିଲା। ୨୦୨୨ ନିଲାମୀରେ ଲକ୍ଷ୍ନୌ ଆଭେସଙ୍କୁ ୧୦ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା।

### ଚର୍ଚ୍ଚିତ କ୍ରୟ

| ଖେଳାଳି | ଟିମ୍ | ମୂଳଦର | କ୍ରୟମୂଲ୍ୟ (କୋଟି) |
|---|---|---|---|
| କାମେରନ ଗ୍ରୀନ | କୋଲକାତା | ୨ କୋଟି | ୨୫.୨୦ |
| ମଥିଶା ପତିରାଣା | କୋଲକାତା | ୨ କୋଟି | ୧୮.୦୦ |
| ପ୍ରଶାନ୍ତ ବୀର | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| କାର୍ତ୍ତିକ ଶର୍ମା | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| ଲିଆମ ଲିଭିଂଷ୍ଟୋନ | ହାଇଦରାବାଦ୍ | ୨ କୋଟି | ୧୩.୦୦ |
| ମୁସ୍ତାଫିଜୁର ରେହମାନ | କୋଲକାତା | ୨ କୋଟି | ୯.୨୦ |
| ଜୋଶ୍ ଇଂଲିଶ | ଲକ୍ଷ୍ନୌ | ୨ କୋଟି | ୮.୬୦ |
| ଆକିବ ଦାର | ଦିଲ୍ଲୀ | ୩୦ ଲକ୍ଷ | ୮.୪୦ |
| ରବି ବିଷ୍ଣୋଇ | ରାଜସ୍ଥାନ | ୨ କୋଟି | ୭.୨୦ |
| ଜାସନ ହୋଲ୍ଡର | ଗୁଜରାଟ | ୨ କୋଟି | ୭.୦୦ |
| ଭେଙ୍କଟେଶ ଆୟର | ବେଙ୍ଗାଲୁରୁ | ୨ କୋଟି | ୭.୦୦ |
| ରାହୁଲ ଚହର | ଚେନ୍ନାଇ | ୧ କୋଟି | ୫.୨୦ |
| ମଙ୍ଗେଶ ଯାଦବ | ବେଙ୍ଗାଲୁରୁ | ୩୦ ଲକ୍ଷ | ୫.୨୦ |
| ବେନ୍ ଡାରୱିସ | ପଞ୍ଜାବ | ୧ କୋଟି | ୪.୪୦ |
| ପାଥୁମ ନିଶାଙ୍କ | ଦିଲ୍ଲୀ | ୭୫ ଲକ୍ଷ | ୪.୦୦ |

### ହୋପ୍, କନୱେ ଅଲୋଡ଼ା ରହିଲେ

ଏହି ମିନି ନିଲାମୀରେ ଅନେକ ତାରକା ଖେଳାଳି ଅଲୋଡ଼ା ରହିଛନ୍ତି। ଅର୍ଥାତ୍ ସେମାନଙ୍କୁ ନେବାକୁ ଅଂଶଗ୍ରହଣକାରୀ ୧୦ଟି ଯାକ ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ। ଏହି ତାରକା ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ଜନ୍ନୀ ବେୟରଷ୍ଟୋ, ସାଇ ହୋପ୍, ଡେଭନ କନୱେ, ଜେକ ଫ୍ରେଜର-ମ୍ୟାକଗର୍କ, ଜେମି ସ୍ମିଥ, ଗସ୍ ଆଟକିନସନ, ମହୀଷ ଥିକସାନା, ଷ୍ଟିଭ ସ୍ମିଥ୍, ଟମ୍ କୁରାନ, ଉମେଶ ଯାଦବ, ରୋଷ୍ଟନ ଚେଜ, ଝେ ରିଚାର୍ଡସନ, ରିଜା ହେଣ୍ଡ୍ରିକ୍ସ, କୁଶଲ ପେରେରା, ମୟଙ୍କ ଅଗରୱାଲ, ଶ୍ରୀକର ଭରତ, ନବଦୀପ୍ ସଇନି, ମହିପାଲ ଲୋମରର, କରନ ଶର୍ମା ମଧ୍ୟ ନିଲାମୀରେ ଅଲୋଡ଼ା ରହିଛନ୍ତି।

**ଓଡ଼ିଆ ଖେଳାଳି ନିରାଶ**

ସେହିଭଳି ଦୁଇ ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲଙ୍କୁ କ୍ରୟ କରିବାକୁ କୌଣସି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇ ନ ଥିଲେ।

## ଆମେରିକା ଓପନ୍ ଖେଳିବେ ସୌମ୍ୟ



ଭୁବନେଶ୍ୱର, ୧୬ ।୧୨ (ସମିସ): ଓଡ଼ିଶାର ଅଭିଜ୍ଞ ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ନର୍ଥ ଆମେରିକା ଓପନ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଲସ୍ ଭେଗାସରେ ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୫ରୁ ଆରମ୍ଭ ହେବ। ଏଥିପୂର୍ବରୁ ସୌମ୍ୟ ଆଉ ଏକ ଇଣ୍ଟରନ୍ୟାସନାଲ ରେଟିଂ ଟୁର୍ଣ୍ଣାମେଣ୍ଟ କାଲିଫୋର୍ନିଆରେ ଖେଳିବେ। ଏହା ଡିସେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ସମର୍ଥନ ଲାଗି ସୌମ୍ୟ ରାଜ୍ୟ କ୍ରୀଡ଼ା ବିଭାଗ ଓ ନିଜର କର୍ମ ସଂସ୍ଥା ଡାକ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

## ଜାତୀୟ ଭଲିବଲ୍: ଓଡ଼ିଶାର ଡବଲ୍ ବିଜୟ

ଭୁବନେଶ୍ୱର, ୧୬ ।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ୪୯ତମ ଜାତୀୟ ଜୁନିଅର ଭଲିବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ଡବଲ୍ ବିଜୟ ହାସଲ କରିଛି। ମଙ୍ଗଳବାର ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଶ୍ରୀବିଦ୍ୟା ଦାଶଙ୍କ ନେତୃତ୍ୱାଧୀନ ବାଳିକା ଦଳ ୩-୦ (୨୫-୧୩, ୨୫-୬, ୨୫-୩)ରେ ଲଦାଖକୁ ପରାସ୍ତ କରିଥିଲା। ସେହିଭଳି ଓଡ଼ିଶା ବାଳକ ଦଳ ସମାନ ୩-୦ ସେଟ୍ (୨୫-୧୮, ୨୫-୧୫, ୨୫-୧୪)ରେ ଦଦ୍ରା ଓ ନଗର ହାବେଳୀକୁ ହରାଇଛି। ଏହି ଅବସରରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଧଜେନ୍ଦ୍ର ବରିଷଲ
ଆବିର୍ଭାବ: ୧୪.୦୩.୧୯୩୯
ତିରୋଧାନ: ୦୭.୧୨.୨୦୨୫

ଧଜେନ୍ଦ୍ର ବରିଷଲ ଥିଲେ ରସୁଲଗଡ ଅଞ୍ଚଳର ଜଣେ ଶତାୟୁ ପୁରୁଷ। ଜଣେ ପରୋପକାରୀ, ମିଷ୍ଟଭାଷୀ ହିସାବରେ ସେ ଅଂଚଳରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ଗ୍ରାମକୁ ଯେଉଁ କେତେଜଣ ପରିଚିତ କରିଛନ୍ତି ସେମାନଙ୍କ ଭିତରେ ସେ ଥିଲେ ଅନ୍ୟତମ। କି ପିଲା କି ବୟସ୍କ ବ୍ୟକ୍ତି ସମସ୍ତଙ୍କ ସହ ମିଶି ପାରୁଥିବା ମଣିଷଟିଏ ଥିଲେ ସେ। ଲୋକଙ୍କୁ ଦେଖିଲେ ଖୁସିରେ ହୃଦୟରୁ କଲ୍ୟାଣ କରୁଥିଲେ। ତାଙ୍କର ସ୍ନେହ, ସତ କର୍ମ ସରଳ ଜୀବନ ପାଇଁ ଆଜି ତାଙ୍କର ଅବର୍ତ୍ତମାନରେ ସମସ୍ତେ ଆଜି ଦୁଃଖିତ, ତାଙ୍କର ଏହି ଦୁଃଖଦଃ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ଜ୍ୟେଷ୍ଠ ପୁତ୍ର ଶ୍ରୀ ପ୍ରମୋଦ ବରିଷଲ, ଶ୍ରୀ ପ୍ରଦୀପ ବରିଷଲ, ପୁତ୍ର ବଧୂ କର୍ପୋରେଟର ଶ୍ରୀମତୀ ସ୍ମୃତିରେଖା ବରିଷଲ ଓ ସମସ୍ତ ଶୋକାକୁଳ ପରିବାରକୁ ଏହି ଅପୂରଣୀୟ କ୍ଷତି ସହିବାର ଧୈର୍ଯ୍ୟ ଓ ସାହସ ଦିଅନ୍ତୁ। ଆଜି ଆମେ ତାଙ୍କର ଏହି ପବିତ୍ର ଅମର ଆତ୍ମାକୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଉମେଶ ଦାଶ
ବାସୁଦେବ ନଗର ଉନ୍ନୟନ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS